Split by PDF Splitter

...STERED NO. 1

ORISSA STATE ARCHIVES

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଶ | ସ ୧ ମା

ତା ୩ ରିଖ ମାହେ ଜାନୁଏରୀ ସନ ୧୮୮୦ ମସିହା । ମୁ । ପୌଷ ତା ୨୧ ଶ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୧
ମଫସଲପାଇଁ ଡାକମାସୁଲ ଟ ...

ଅନାଲୁ ଦ ... ନ ହେଲା ସନ ୧୮୭୯ ସାଲ ଶେଷ ହୋଇ ସନ ୧୮୮୦ ସାଲ ପ୍ରବେଶ ହେଲା । ପରମେଶ୍ୱରଙ୍କ କୃପା ଏବଂ ଗ୍ରାହକଙ୍କ ସ୍ନେହରୁ ଉତ୍କଳଦୀପିକା ଚତୁର୍ଦ୍ଦଶ ବର୍ଷ ପୂର୍ଣ୍ଣ କରି ପଞ୍ଚଦଶ ବର୍ଷରେ ପଦାର୍ପଣ କରଅଛି । ନବ ବର୍ଷରେ ଗ୍ରାହକ ଓ ପାଠକମାନଙ୍କ ସହିତ ପ୍ରଥମ ସାକ୍ଷାତ ... ଅମ୍ଭେ ସେମାନଙ୍କଠାରେ କୃତ- ଜ୍ଞତା ସ୍ୱୀକାର ଓ ସେମାନଙ୍କର ଶୁଭବାଞ୍ଛା ନ କରି ଆପଣା ନିୟମିତ କାର୍ଯ୍ୟରେ ମନୋଯୋଗ କରି ନ ପାରୁଁ, ଅତଏବ ସମସ୍ତ ଗ୍ରାହକ ଓ ପାଠକମାନଙ୍କ ନିମିତ୍ତ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ପରମେଶ୍ୱର ନବବର୍ଷରେ ... ପୁଣ୍ୟ ବାଣୀ ସେମାନଙ୍କ ନିମନ୍ତେ ପ୍ରେରଣ କରନ୍ତୁ ଓ ସେମାନେ ସର୍ବପ୍ରକାର ସୁଖ ସମ୍ଭୋ- ଗରେ ସମର୍ଥ ହୋଇ ଆମ୍ଭମାନଙ୍କ ପ୍ରତି ପୂର୍ବବତ୍ ସ୍ନେହ ଓ ଦୟା ରଖି ଥାଉନ୍ତୁ ।

---

ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ କେତେଣ ଇଂରେଜୀ ଟିକା ନେଇଥିବା ବ୍ୟକ୍ତି ବସନ୍ତରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଲଭିଅଛନ୍ତି । ବର୍ତ୍ତମାନ ଅବଗତ ହେଲୁଁ ଯେ ସେ ଇଂରେଜୀ ଟିକା ନେଇ ନ ଥିଲେ ଦେଶୀୟ ଟିକା ନେଇଥିଲେ କିନ୍ତୁ ପରେ ଇଂରେଜୀ ଟିକା ନେଲେ ଯେ ଜୀବଦଶାରେ କେବେହେଁ ବସନ୍ତରୋଗ ନ ହେବ ଏପରି ନୁହେ । ... ଏ ଟିକା ନେଲେ ଆଉ ବସନ୍ତ ନ ହେବାର କଥିତ ଅଛି । ପରେ ଏ ଟିକା ନେଇଥିବା ବ୍ୟକ୍ତିଙ୍କୁ ବସନ୍ତ ହୋଇଅଛି ମାତ୍ର ତାହାଁର ପ୍ରକୋପ ଊଣା ହୁଏ ଓ ଦେଶୀୟ ଟିକା ନେଇଥିବା ଯେତେ ବ୍ୟକ୍ତିଙ୍କୁ ବସନ୍ତ ହୋଇଅଛି ଇଂରେଜୀ ଟିକା ନେଇଥିବା ସେତେ ବ୍ୟକ୍ତିଙ୍କୁ ହୋଇ ନାହିଁ । ଏହା ଅନେକ ସ୍ଥାନରେ ଅନେକ ସମୟରେ ପରୀକ୍ଷିତ ହୋଇ ଦେଖା ଯାଇଅଛି । ଇଂରେଜୀ ଟିକାର ଆଉ ଗୋଟିଏ ତାତ୍ପର୍ଯ୍ୟ ଏହି ଯେ ବସନ୍ତରୋଗ ସଂକ୍ରାମକରୂପେ ଲାଗିଥିବା ସମୟରେ ତାହା ବଡ କାର୍ଯ୍ୟକର ଅଟଇ । ଏପରି ସମୟରେ ସମସ୍ତେ ଇଂରେଜୀ ଟିକା ନେଲେ ରୋଗ ନିବା- ରଣ ହୋଇଯାଏ । ଅନେକ ସ୍ଥାନରେ ଏହା ପରୀକ୍ଷାରେ ଦେଖା ଯାଇଅଛି । ଯେତେଥର ବସନ୍ତରୋଗ ଲାଗୁଥିବ ସେତେଥର ସେ ଟିକା ନେଉଥିବ ଏହା ହେଲେ ନିଶ୍ଚୟ ସେ ରୋଗରୁ ରକ୍ଷା ପାଇବ । ସେ ଟିକା ଯେପରି କଷ୍ଟଶୂନ୍ୟ ଓ ସହଜ ତାହା ଦଶଥର ନେଲେ ମଧ କଷ୍ଟ ଅସୁବିଧା ନାହିଁ । ଦେଶୀୟ ଟିକାର କଷ୍ଟ ଓ ଯନ୍ତ୍ରଣା ଛଡା ବସନ୍ତରୋଗ ପ୍ରବଳ ହୋଇଥିବା ସମୟରେ ତାହା ନେଲେ ଟିକାବସନ୍ତ ତୁଲ୍ୟ ବସନ୍ତ ହୋଇପାରେ । ଏପରି ସମୟରେ ଯହିଁରେ ରୋଗ ନିବାରଣ ହୁଏ ତାହା କର୍ତ୍ତବ୍ୟ ରୋଗକୁ ଡାକି ଆଣିବାର ଉଚିତ ନୁହେ । ଏକ ଗ୍ରାମର ଦୁଇ ଚାରି ପିଲାଙ୍କୁ ଦେଶୀୟ ଟିକା- ଦ୍ୱାରା ବସନ୍ତ ହେଲାରୁ ସେ ଗ୍ରାମରେ ସେ ରୋଗ ବିସ୍ତାର ଓ ପ୍ରବଳ ହେବାର ମଧ ଦେ- ଖା ଯାଇଅଛି । ଅତଏବ ଦେଶୀୟ ଟିକା ଅପେ- କ୍ଷା ଇଂରେଜୀ ଟିକା ଯେ କେବଳ ସହଜ ତାହା ନୁହେ ନିରାପଦ ଓ ସର୍ବାଂଶରେ ଉତ୍କୃଷ୍ଟ ଅଟେ । ... ଶହରରେ ଏ ବିଷୟର ମୂଳାଦି ଦିଆ ହୋଇ ଅଛି ଓ ତିନିଜଣ ଅଧିକା ଟିକାଦିଆ ନିଯୁକ୍ତ କରିବାର ମେଜିଷ୍ଟର ସାହେବ ଆଜ୍ଞା ଦେଇ ଅଛନ୍ତି । ମୋଟରେ ସାତଜଣ ଟିକାଦିଆ ହେଲେ ଏଥିରେ କର୍ମ ଉତ୍ତମରୂପେ ଚଳିପାରେ ରୋଗର ପ୍ରାଦୁର୍ଭାବ ଊଣା ହୋଇ ନାହିଁ ।

ଇଂରେଜୀ ଟିକା ପ୍ରଚାର ନିମନ୍ତେ ଭାରତ- ବର୍ଷ ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପ୍ରସ୍ତାବ ହୋଇଅଛି । ମାନ୍ୟବର ମଉଲବୀ ସୟଦ ମହମ୍ମଦ ପ୍ରସ୍ତାବକାରୀ ଅଟନ୍ତି । ଆମ୍ଭମାନ- ଙ୍କ ବିବେଚନାରେ ଏ ଆଇନ ଅତି ଆବଶ୍ୟକ ।

---

### ସନ ୧୮୭୯ ସାଲ ।

ଆମ୍ଭେମାନେ ସନ ୧୮୭୮ ସାଲର ସମା- ଲୋଚନା ସମୟରେ ଲେଖିଥିଲୁଁ କି ଉକ୍ତ ବର୍ଷ ଲୋକଙ୍କୁ ନାନାପ୍ରକାର କ୍ଳେଶ ଦେଇ ଆପଣା ଉତ୍ତରାଧିକାରୀ ସକାଶେ ଆଉ କେତେ କ୍ଳେଶର ସଞ୍ଚୟ କରି ଯାଇଅଛି । ଫଳତଃ ଗତ ବର୍ଷରେ ତାହାହିଁ ଦେଖା ଗଲା । ଏ ବର୍ଷ ଯାକ ସୁଖ- ଶାନ୍ତି ସଙ୍ଗେ ଭେଟ ନାହିଁ । ପୃଥିବୀର ଚାରି- ଆଡେ ଯୁଦ୍ଧ ଲାଗି ଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ । ତହିଁ ମଧ୍ୟରେ ଆମ୍ଭମାନଙ୍କର

Digitized by srujanika@gmail.com

ଦୟାମୟୀ ମହାରାଣୀ ଭିକ୍ଟୋରିଆଙ୍କର ଭାଗ ଅଧିକ । ଏକ ମହାଦେଶରେ ଯୁଲୁ ଓ ଅନ୍ୟ ମହାଦେଶରେ କାବୁଲର ଯୁଦ୍ଧରେ ଇଂଲଣ୍ଡର ବିସ୍ତର କ୍ଷତି ହୋଇଅଛି ଏବଂ ଯଦ୍ୟପି ଏ ଉଭୟ ଯୁଦ୍ଧରେ ବ୍ରିଟିସ କେଶରୀ ଜୟଲାଭ ଦ୍ୱାରା ଆପଣାର ସ୍ୱାଭାବିକ ପ୍ରତାପ ରକ୍ଷା କରଅଛି କିନ୍ତୁ ତାହା ସାମାନ୍ୟରେ ଲାଭ ହୋଇ ନାହିଁ ଯେମନ୍ତ ବିସ୍ତର ଧନବ୍ୟୟ ହୋଇଅଛି ସେହିପରି ଭଲ ଭଲ ଯୋଦ୍ଧା ଅନେକ ମରିପଡିଅଛନ୍ତି । ଯୁଲୁ ଯୁଦ୍ଧ ଶେଷ ହୋଇଅଛି ମାତ୍ର କାବୁଲରେ ତାହା ନୁହଇ ସେଠାରେ ଅଦ୍ୟାପି ଯୁଦ୍ଧ ଲାଗିଅଛି ଏବଂ ସୈନିକ କର୍ମଚାରୀଙ୍କ ମୃତ୍ୟୁ ସଂଖ୍ୟା ଅଦ୍ୟାପି ବୃଦ୍ଧି ଉପରେ ଅଛି ଓ ତଦ୍ୱାରା ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଶୋକ ବୃଦ୍ଧି ହେଉଅଛି । ଏହା ଛଡ଼ା ବ୍ରହ୍ମଦେଶର ଅବସ୍ଥା ଅଦ୍ୟାପି ଶାନ୍ତିପ୍ରଦ ହୋଇ ନାହିଁ ସେଠାର ଦୁରାତ୍ମା ନୂତନ ରାଜା ଆପଣା ପରିବାର ବର୍ଗୀୟ ସମସ୍ତଙ୍କୁ ନାଶ କରି ପ୍ରବଳପ୍ରତାପ ଇଂରେଜଙ୍କ ସହିତ ବିବାଦ କରିବାର ଲକ୍ଷଣମାନ କେତେଥର ଦେଖାଇ ଅଛି । ଭାରତବର୍ଷ ମଧ୍ୟରେ ମଧ୍ୟ ଏ ବର୍ଷ ଶାନ୍ତିର ଅତ୍ୟନ୍ତ ଅଭାବ । ବମ୍ବେଇର ବିଖ୍ୟାତ ଡକାଇତି, ମାନ୍ଦ୍ରାଜର ରମ୍ପା ବିଦ୍ରୋହ, ଦ... ପ୍ରଦେଶର କୈମ୍ବ୍ରି ଏବଂ ନାଗା ବିଦ୍ରୋହ ବିଶେଷତଃ ଗବର୍ଣ୍ଣମେଣ୍ଟଙ୍କୁ ଲଣ୍ଡଭଣ୍ଡ କରଅଛି ଓ ଅଦ୍ୟାପି ସବୁ ଶେଷ ହୋଇ ନାହିଁ । ଏହି ପରି ଏ ବର୍ଷ ଯୁଦ୍ଧ ବିଦ୍ରୋହ ଇତ୍ୟାଦିରେ ଗବର୍ଣ୍ଣମେଣ୍ଟ ଦଣ୍ଡେ ଶାନ୍ତି ଲାଭ କରି ନାହାନ୍ତି ।

ଦୈବୀ ଘଟନା ମଧ୍ୟରେ ଦେଖାଯାଏ ଯେ ଏ ବର୍ଷ ଋତୁମାନେ ବଡ଼ ପ୍ରବଳରୂପେ ଦେଖା ଦେଇଥିଲେ । ଯେମନ୍ତ ଖରା ତେମନ୍ତ ବର୍ଷା ଓ ଶୀତ । ଖରା ଋତୁ କିଛିକୁ ପ୍ରଚୁର ଆମ୍ବ ଫସଲ ଅନେକ ନଷ୍ଟ କରିଥିଲା । ଅତ୍ୟନ୍ତ ବୃଷ୍ଟି ହେତୁରୁ ଅନେକ ସ୍ଥଳରେ ଧୋଇ ହୋଇଥିଲେହେଁ ଫସଲର ଅବସ୍ଥା ନିତାନ୍ତ ମନ୍ଦ ହୋଇ ନାହିଁ ଓ କୌଣସିଠାରେ ଦୁର୍ଭିକ୍ଷର ଆଶଙ୍କା ନାହିଁ ଯେବେ କାର୍ତ୍ତିକ ମାସରେ ଆଉ ଟିକିଏ ବୃଷ୍ଟି ହୋଇଥାନ୍ତା ତେବେ ଫସଲର ଅବସ୍ଥା ଅତ୍ୟନ୍ତ ଭଲ ହୋଇ ଥାନ୍ତା । ଅତ୍ୟନ୍ତ ଶୀତ ହେବା ସୁଖର ବିଷୟ ହେଲେହେଁ ଏ ସମୟରେ ପୁରୀରେ ଅତ୍ୟନ୍ତ ଜ୍ୱର ଓ କଷ୍ଟରେ ବିସ୍ତର ବିସ୍ତର ପ୍ରାଣୀନାଶହାରା ଲୋକଙ୍କୁ ହର କରୁଅଛି । ଗଲାଥିବା ବର୍ଷ ଆରମ୍ଭରେ କେବଳ କାଲ୍‌ଏରରେ ଅତ୍ୟାତ୍ୟର ହର ଥିଲା ନୋହିଲେ ଆଉ କୌଣସିଠାରେ ଭୟଙ୍କର ହୋଇ ନାହିଁ । କିନ୍ତୁ ଏହାବୋଲି ପ୍ରଜାମାନେ ସୁଖୀ ଥିବାର କୁହାଯାଇ ନ ପାରେ । ପେଟର ଜନ୍ମାରେ ସମସ୍ତେ ବସ୍ତ୍ର ଓ ଦାନା ମିଳୁ ଥିଲେ ସୁଦ୍ଧା ଦୁର୍ମୂଲ୍ୟ ହେତୁରୁ ଦୁର୍ଭିକ୍ଷର କ୍ଲେଶ ଭୋଗ କରିବାକୁ ହେଲା ।

ଏ ... ପ୍ରଜାଙ୍କ ସୁଖ ବିଷୟରେ ଏତିକି ବୋଲିପାରୁଁ କି ଯଦ୍ୟପି ଟାକ୍‌ସ ଓ ଅସ୍ତ୍ରଶସ୍ତ୍ର ବିଷୟକ ଆଇନ ଇତ୍ୟାଦିଦ୍ୱାରା ଲୋକଙ୍କର ଅନର୍ଥକ କ୍ଲେଶ ବଢ଼ିଅଛି ଏବଂ ପ୍ରଜାଙ୍କ ଗୁହାରି ଶୁଣି ତାହାଙ୍କ ଅବସ୍ଥାନୁସାରେ କାର୍ଯ୍ୟ କରିବା ବିଷୟରେ ବର୍ତ୍ତମାନର ରାଜକର୍ମଚାରୀଙ୍କର ପୂର୍ବ ପରି ଆଗ୍ରହ ନାହିଁ ତଥାପି ବିଲାତରେ ଭାରତବର୍ଷର ବନ୍ଧୁ ପୂର୍ବାପେକ୍ଷା ଅଧିକ ହୋଇଅଛନ୍ତି ଏବଂ ଏଥିପାଇଁ ବାବୁ ଲାଲମୋହନ ଘୋଷ ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ବିଲାତର ଯେଉଁ ଯେଉଁ ମହାରଥୀମାନେ ତାହାଙ୍କ ପକ୍ଷ ହୋଇ ଭାରତବର୍ଷର ଦୁଃଖୀ ପ୍ରଜାଙ୍କପ୍ରତି ସହାନୁଭୂତି ପ୍ରକାଶ କରିଅଛନ୍ତି ତାହାଙ୍କଦ୍ୱାରା ଏକ ସମୟରେ ଅନେକ ମଙ୍ଗଳ ସାଧିତ ହେବ ଏପ୍ରକାର ଦୃଢ଼ ଆଶା ହୋଇଅଛି ।

---

## କାବୁଲ ବିଦ୍ରୋହ ।

ଏ ବିଦ୍ରୋହ ଯେପରି ଭୟଙ୍କର ହୋଇଥିଲା ଓ ଜେନେରାଲ ରବର୍ଟ ସାହେବ ଯେପରି ସଙ୍କଟରେ ପଡ଼ିଥିଲେ ତାହା ଗତ ସପ୍ତାହରେ ଲେଖିଅଛୁଁ ବର୍ତ୍ତମାନ ଆନନ୍ଦ ପୂର୍ବକ ଅବଗତ ହେଲୁଁ ଯେ ରବର୍ଟ ସାହେବ ବିଜୟୀ ହୋଇ ସେ ଭୟାନକ ସଙ୍କଟରୁ ଉଦ୍ଧାର ପାଇଅଛନ୍ତି । ଗତ ମାସ ତା ୨୩।୨୪।୨୫ ରିଖର ସମ୍ବାଦରୁ ଜଣାଯାଏ ଯେ ତା ୨୨ ରିଖରେ ବିଦ୍ରୋହୀମାନେ ଚତୁର୍ଦ୍ଦିଗରୁ ଆକ୍ରମଣ କରି ତାଦୃଶ କ୍ଷତି କରି ନ ପାରିଲେ । ତହୁଁ ସେମାନେ ସମସ୍ତେ ମିଶି ଏକାବେଳକେ ତହିଁ ଆରଦିନ ଆକ୍ରମଣ କରିବାର ବିଚାରିଲେ ଓ ଅଗ୍ନି ଧୂଙ୍ଗରେ ଅଗ୍ନି ଜାଳିଲେ ଆକ୍ରମଣ ହେବ ଏହି ସଙ୍କେତ କଲେ । ରବର୍ଟ ସାହେବ ଏଥିର ସମ୍ବାଦ ପାଇ ପ୍ରସ୍ତୁତ ରହିଲେ । ସେ ଦିନ ବଡ଼ ସମୟରେ ବିସ୍ତର ବିଦ୍ରୋହୀମାନେ ନିକଟବର୍ତ୍ତୀ ହେଲେ । ତା ୨୩ ରିଖ ପ୍ରଭାତ ସ ୭ ଘଣ୍ଟା ସମୟରେ ସେ ଅଗ୍ନି ଦୃଶ୍ୟ ହେଲା ତତ୍କ୍ଷଣାତ୍ ଶତ୍ରୁଗଣ ସେରପୁରରେ ଇଂରେଜ ଛାଉଣୀକୁ ଚତୁର୍ଦ୍ଦିଗରୁ ଆକ୍ରମଣ କଲେ । ତୁରି ଦିଗରେ ସେମାନେ କିଛି କରି ନ ପାରିଲେ । ଅନ୍ୟ ଦିଗରେ ସହସ୍ର ସହସ୍ର ଭାଗ୍ୟ ଆକ୍ରମଣ କଲେ । ମାତ୍ର ସେ ଦିଗ ଜେନେରଲ ଗଫ ଓ କର୍ଣ୍ଣେଲ ଜେନକିନସନ ସାହେବ ପ୍ରଶଂସନୀୟ ମତେ ରକ୍ଷା କଲେ ଓ ଜେନରଲ ରବର୍ଟ ସାହେବ ଅଶ୍ୱାରୋହୀ ଓ ତୋପ ସେନା ପ୍ରଥମେ ଶତ୍ରୁଦଳର ଏକପାର୍ଶ୍ୱକୁ ପ୍ରେରଣ କରନ୍ତେ ତୋପ ମୁଖରେ ସେମାନେ ଠହରି ନ ପାରି କାବୁଲ ନଗରକୁ ପଳାଇଲେ ତହୁଁ ଅଶ୍ୱାରୋହୀମାନେ ଗୋଡ଼ାଇ ଅନେକ ବିଦ୍ରୋହୀ ହତ କଲେ । ବୋହସ୍ତାନୀ ଓ ଲୋଗରୀର ଲୋକେ ଆପଣା ଘରକୁ ଚାଲି ଗଲେ ଅବଶିଷ୍ଟ ଶତ୍ରୁ କାବୁଲ ନଗରରେ କ୍ଷଣିକ ରହି ରାତ୍ରରେ ପଳାଇଲେ । ଦଳପତି ମୁଲାମସ୍ତା ଆ... ଓ ମହମ୍ମଦ ଜାନ ତା ୨୪ ରିଖ ପ୍ରଭାତରେ ଚାଲି ଗଲେ । ସେ ଦିନ ବିଶେଷ ବରଫ ପଡ଼ିବାରୁ ଅଶ୍ୱାରୋହୀମାନେ ଶତ୍ରୁଙ୍କୁ ଗୋଡ଼ାଇ ନ ପାରିଲେ ମାତ୍ର କାବୁଲନଗର ଓ ବାଲାହିସାରରେ ଇଂରେଜଙ୍କର ଅଧିକାର ପୁନଃସ୍ଥାପନ ହେଲା ଓ ଏ ଦୁଇ ସ୍ଥାନରେ ଇଂରେଜଙ୍କ ସୈନ୍ୟ ରହିଲେ । ତା୨୦ରିଖ ପର୍ଯ୍ୟନ୍ତ ୮ ଜଣ କପ୍ତାନ ଓ ୭୧ ଜଣ ସେନା ହତ ଓ ୧୫ ଜଣ କପ୍ତାନ ଓ ୨୦୫ ଜଣ ସେନା ଆହତ ହୋଇଅଛନ୍ତି । ଆହତଙ୍କ ମଧ୍ୟରୁ ୨ କପ୍ତାନ ଓ ୧୦ ସେନା ଆଘାତ ପ୍ରକୋପରେ ମୃତ୍ୟୁ ଲଭିଅଛନ୍ତି । ଅନେକ ବିଦ୍ରୋହୀ ରଣଭୂମିରେ ମରି ପଡ଼ିଥିଲେ ।

ଏଥିମଧ୍ୟରେ ପ୍ରଧାନ ସରଦାର ମହମ୍ମଦଜାନ ୟାକୁବଖାଁଙ୍କ ଜ୍ୟେଷ୍ଠପୁତ୍ର ମୁସାଖାଁଙ୍କୁ ସିଂହାସନରେ ବସାଇ ଅମିରସ୍ୱରୂପ ଘୋଷଣା ଦେଇଥିଲେ ଓ ବେଗମମାନେ ଅନେକ ଧନ ବିଦ୍ରୋହୀଙ୍କୁ ବିତରଣ କରିଥିଲେ । କାବୁଲ ଦେଶର ଅନ୍ୟାନ୍ୟସ୍ଥାନରେ ବିଦ୍ରୋହୀମାନେ ଇଂରେଜଙ୍କୁ ଅନେକ ଆକ୍ରମଣ କରିଥିଲେ ମାତ୍ର ତାଦୃଶ କିଛି କ୍ଷତି କରିପାରି ନାହାନ୍ତି । ଜନରବ ଶୁଣାଯାଏ ଯେ ତା୨୪ରିଖରେ କାବୁଲରେ ଭୟ ଯୁଦ୍ଧ ହୋଇଥିଲା ସେଥିରେ ସହସ୍ର ବିଦ୍ରୋହୀ ହତ ଓ ଆହତ ହେଲେ ଓ ଇଂରେଜଙ୍କର ୪୦୦ ଜଣ ମାତ୍ର ମରିପଡ଼ିଲେ । ଏଥିର ନିଶ୍ଚିତ ସମ୍ବାଦ ମିଳି ନାହିଁ । ସେ ଯାହା ହେଉ ଏଜନ୍ୟରେ ଉଦ୍‌ବେଗ ଶାନ୍ତି ହେଉ ନାହିଁ । କାବୁଲୀମାନେ ବଳବନ୍ତ ସାହସିକ ଓ ଦୁଃସାଧ୍ୟ ଅଟନ୍ତି ମାତ୍ର ସେମାନେ ଉଦ୍‌ଯୋଗୀ ଚଞ୍ଚଳ ଓ ଯୁଦ୍ଧ କୌଶଳରେ ପାରଗ ନୁହନ୍ତି । ଇଂରେଜଙ୍କର ତଡ଼ାଡ଼ ତଡ଼ିଲ ହେବାରୁ ସେମାନଙ୍କର

Split by PDF Splitter



ମେଳ ହେଇ ନ ପାରିଲା ସୁତରାଂ ସେମାନେ ପଳାଇ ଛଇଭର୍ଗରେ ରହି ଗୋପନରେ ମେଳ ବାନ୍ଧିଲେ । ଶୀତକାଳର ସୁଯୋଗ ଦେଖି ଆକ୍ରମଣ କରି ସ୍ୱବର୍ଟ ସାହେବଙ୍କୁ କାବୁଲ ନଗରରୁ ଛାଡିଦେଲେ ଓ ସେ ଦଶଦିନ କାଳ ଶେରପୁରରେ ଆତ୍ମରକ୍ଷାରେ ରହିଲେ । ବର୍ତ୍ତମାନ ଯଦିଚ ବିଦ୍ରୋହୀମାନେ ହାରି ପଳାଇ ଅଛନ୍ତି ସେମାନେ ଯେ ଆଉ ଆକ୍ରମଣ ନ କରିବେ ଏବେ କହିପାରେ । ଯାହା ହେଉ ସେମାନେ ପରଶେଷେ ପରାସ୍ତ ହେବେ ଓ ଇଂରେଜଙ୍କର ଜୟପତାକା ସମୁଦାୟ କାବୁଲଦେଶରେ ଉଡ୍ଡୀୟମାନ ହେବ ମାତ୍ର ଧନକ୍ଷୟ ଓ ପ୍ରାଣପୀଡା ଯେ କେତେ ହେବ ତାହା ବର୍ତ୍ତମାନ ବୋଲି ଯାଇ ନ ପାରେ ।

---

ବାର୍ଷିକ ବିଜ୍ଞାପନୀମାନ ।

( ପୂର୍ବ ପ୍ରକାଶିତ ଉତ୍ତାରୁ )

ଷ୍ଟାମ୍ପ ( ସିଷ୍ଟାମ )

ସମୁଦାୟ ବଙ୍ଗ ବିଭାଗରେ ସନ ୧୮୭୮।୭୯ ସାଲରେ ଏକକୋଟି ଛଅଲକ୍ଷ ଟଙ୍କା ଷ୍ଟାମ୍ପରୁ ଉତ୍ପନ୍ନ ହୋଇଅଛି । ତହିଁ ପୂର୍ବ ବର୍ଷ ଅପେକ୍ଷା ୩୧ ସହସ୍ର ଟଙ୍କା ଊଣା ହୋଇଅଛି ଏଥିର କାରଣ ଏହି ଯେ ଦାଖଲଖାରିଜ ଦରଖାସ୍ତ ବିଜ୍ଞାପନୀ ବର୍ଷରେ ଅନେକ ଅଳ୍ପ ଥିଲା ମାତ୍ର ସନ ୧୮୭୩।୭୪ ସାଲସଙ୍ଗେ ତୁଳନା କଲେ ଷ୍ଟାମ୍ପ ଆଜସ୍ୱର ବିଶେଷ ବୃଦ୍ଧି ଦେଖାଯାଏ ଯେ ହେତୁ ସେ ବର୍ଷ କେବଳ ୪୪ ଲକ୍ଷ ଟଙ୍କା ଆୟ ହୋଇଥିଲା । ବଙ୍ଗ ବିଭାଗରୁ ଅନ୍ୟ କେତେକ ବିଭାଗକୁ ଷ୍ଟାମ୍ପ ପଠାଯାଏ ଏ ସବୁକୁ ଧରିଲେ ମୋଟ ଷ୍ଟାମ୍ପ ଉତ୍ପନ୍ନ ବିଜ୍ଞାପନୀ ବର୍ଷରେ ଏକକୋଟି ଅଠାଶେ ଲକ୍ଷ ଟଙ୍କା ଅଟେ । ଓଡିଶା ଜିଲ୍ଲାମାନଙ୍କର ଷ୍ଟାମ୍ପସମ୍ବନ୍ଧ ନିମ୍ନେ ଲେଖୁଅଛୁଁ ଯଥା

| କଟକ | ପୁରୀ | ବାଲେଶ୍ୱର |
|---|---|---|
| ଟ ୧୩୧୮୭୭କା | ଟ ୫୫୪୭୩କା | ଟ ୫୫୦୫୦କା |

ଶିକ୍ଷା ।

ଶିକ୍ଷା ସମ୍ବନ୍ଧରେ ବିଜ୍ଞାପନୀ ବର୍ଷର ପ୍ରଧାନ କଥା ଏହି ଯେ ଶିକ୍ଷା ବ୍ୟୟର ଅଧିକାଂଶ ଲୋକଙ୍କ ଦାନଦ୍ୱାରା ନିର୍ବାହ ହୋଇଅଛି । ଶିକ୍ଷା ବିଭାଗ ସ୍ଥାପନ ହେଲା ଦିନୁ ଏ ଫଳ ଏ ବର୍ଷ ଘଟିଅଛି ଏ ହେତୁ ଲେପ୍‌ଟିନାଣ୍ଟ ଗବର୍ଣ୍ଣର ସାହେବ ଏଥିରେ ବଡ଼ ସନ୍ତୁଷ୍ଟ ହୋଇଅଛନ୍ତି । ମୋଟ ବ୍ୟୟ ଟ ୪୫୪୫୦୦୦ ଙ୍କା ମଧ୍ୟରୁ ସରକାରଙ୍କର ଟ ୨୧୭୨୦୦୦ ଙ୍କା ଓ ଲୋକଙ୍କ ଦାନ ଇତ୍ୟାଦି ଟ ୨୩୭୩୦୦୦ ଙ୍କା ଅଟଇ । ସମୁଦାୟ ବଙ୍ଗ ବିଭାଗରେ ଗତ ଦୁଇବର୍ଷର ଶିକ୍ଷାର ଅବସ୍ଥା ନିମ୍ନ ଲେଖିତ ପ୍ରକାର ଅଟେ ।

| | ସନ ୧୮୭୮ | | ସନ ୧୮୭୯ | |
|---|---|---|---|---|
| | ସ୍କୁଲ | ଛାତ୍ର | ସ୍କୁଲ | ଛାତ୍ର |
| କଲେଜ | ୧୯ | ୨୦୦୩ | ୨୦ | ୧୯୬୩ |
| ଇଂରେଜୀସ୍କୁଲ | ୭୪୮ | ୬୩୨୮୭ | ୭୩୨ | ୭୭୫୨୩ |
| ଦେଶୀୟ ଭାଷାସ୍କୁଲ | ୨୭୯୧ | ୧୦୯୨୪୭ | ୨୭୦୨ | ୧୦୫୯୯୮ |
| ପାଠଶାଳା | ୨୨୧୨୭ | ୪୪୭୫୨୨ | ୨୯୨୭୦ | ୫୩୧୦୭୪ |
| ବାଳିକା ବିଦ୍ୟାଳୟ | ୫୧୧ | ୧୧୯୭୪ | ୫୪୩ | ୧୨୭୭୭ |
| ଅନ୍ୟପ୍ରକାର | ୧୧୪ | ୮୩୫୯ | ୧୦୭ | ୮୩୮୨ |
| ମୋଟ | ୨୭୨୧୮ | ୭୪୧୪୦୦ | ୩୩୨୭୮ | ୭୨୨୨୦୭ |

କଲେଜର ସଂଖ୍ୟା ପ୍ରକୃତରେ ବୃଦ୍ଧି ହୋଇ ନାହିଁ ଲମାର୍ଟିନୀୟର କଲେଜ ଏ ବର୍ଷ ପ୍ରଥମତଃ ବିଜ୍ଞାପନୀ ଭୁକ୍ତ ହୋଇଥିବାରୁ ଗତ ବର୍ଷାପେକ୍ଷା ଗୋଟିଏ ଅଧିକ ଦେଖା ଯାଉଅଛି । ଏଥିମଧ୍ୟରେ ବାରଗୋଟି ଗବର୍ଣ୍ଣମେଣ୍ଟ କଲେଜ ଅଟଇ । ଗତ ତିନିବର୍ଷରେ ପ୍ରବେଶିକା ପରୀକ୍ଷାରେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କ ସଂଖ୍ୟା କ୍ରମେ ଊଣା ହୋଇଥିବାରୁ କଲେଜ ଛାତ୍ରଙ୍କ ସଂଖ୍ୟା ଗତ ବର୍ଷ ଅପେକ୍ଷା ଊଣା ହୋଇଅଛି । ସ୍କୁଲ ସଂଖ୍ୟା ଗତ ବର୍ଷ ଅପେକ୍ଷା ୧୦୯ ଗୋଟା ଊଣା ହୋଇଅଛି ତହିଁର କାରଣ ଏହି ଯେ ଅନେକ ମଧ୍ୟ ସ୍କୁଲର ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ରହିତ ହେବାରେ ସେ ସବୁ ଉଠି ଯାଇଅଛି ଓ କେତେ ମଧ୍ୟ ସ୍କୁଲ ପରିବର୍ତ୍ତେ ପାଠଶାଳା ହୋଇଅଛି ମାତ୍ର ଗତ ବର୍ଷ ଅପେକ୍ଷା ମୋଟ ଛାତ୍ର ସଂଖ୍ୟା ୯୬୯ ବୃଦ୍ଧି ହୋଇଅଛି ଏ ହେତୁ ସ୍କୁଲ ସଂଖ୍ୟା ହ୍ରାସ ଅତି ଆକ୍ଷେପର ବିଷୟ ନୁହେ ।

ପାଠଶାଳା ସଂଖ୍ୟାରେ ୭୧୪୪ ବୃଦ୍ଧି ଦେଖାଯାଏ ଓ ଏଥିର ଅଧିକାଂଶ ବେହାର ପ୍ରଦେଶରେ ଅଟଇ । ମାତ୍ର ଏ ବୃଦ୍ଧି ନୂତନ ପାଠଶାଳା ସ୍ଥାପନ ଯୋଗେ ହୋଇ ନାହିଁ, ପୁରୁଣା ଚାଟଶାଳୀ ଶିକ୍ଷା ବିଭାଗ ଅଧୀନରେ ଆସି ପାଠଶାଳା ଭୁକ୍ତ ହୋଇଥିବାରୁ ଏ ବୃଦ୍ଧି ହୋଇଅଛି ।

କଲେଜମାନଙ୍କ ମଧ୍ୟରେ ପ୍ରେସିଡେନ୍‌ସି କଲେଜ ସର୍ବପ୍ରଧାନ ହୋଇଅଛି । ଢାକାକଲେଜ ଛାତ୍ରଙ୍କର ମଲ୍ଲକ୍ରୀଡ଼ାରେ ଅଧିକ ଉତ୍ସାହ ଅଛି ଓ ବକ୍ତୃତା ଇତ୍ୟାଦିଦ୍ୱାରା ସାଧାରଣ ଜ୍ଞାନ ବିସ୍ତାର କାରଣ୍ ସେ କଲେଜ ସମ୍ବନ୍ଧରେ ଗୋଟିଏ ସଭା ଅଛି । ପାଟନା କଲେଜରେ ମଧ୍ୟ ଏରୂପ ସଭାଟିଏ ଅଛି । ଏପରି ସଭା ଓ ବ୍ୟାୟାମକ୍ରୀଡ଼ା ସକଳ କଲେଜ ଓ ସ୍କୁଲରେ ହେବାର ଉଚିତ ଏଥିରୁ ଅନେକ ଉପକାର ହୁଅଇ । ମାନସିକ ଶକ୍ତିର ଉନ୍ନତି ସଙ୍ଗେ ସଙ୍ଗେ ଶାରୀରିକ ଶକ୍ତିର ଉନ୍ନତି ଆବଶ୍ୟକ । କଟକ କଲେଜ ସମ୍ପର୍କରେ ଲେଖାଅଛି ଯେ ଜ ୯ ଣ ଏଲ, ଏ, ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜ ୮ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ମାତ୍ର ବି, ଏ, ପରୀକ୍ଷାରେ ଏ ବର୍ଷ ମଧ୍ୟ କେହି ଉତ୍ତୀର୍ଣ୍ଣ ହୋଇ ନାହାନ୍ତି । ଜିଲ୍ଲା ସ୍କୁଲମାନ ତିନି ଶ୍ରେଣୀରେ ବିଭକ୍ତ । ଉତ୍ତରପଡ଼ାର ସ୍କୁଲ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ପାଇଅଛି, ବାଲେଶ୍ୱର ସ୍କୁଲ ତୃତୀୟ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ପାଇଅଛି ।

କ୍ରମଶଃ—

# ସାପ୍ତାହିକସଂବାଦ ।

ଗତ ମାର୍ଗଶିର ପୂର୍ଣ୍ଣିମା ଦିନ ରାତ୍ରୀ ଘ ୯।୩୦ ମିନଟ ସମୟରେ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ଘ ୧୧ ଣ୍ଟା ଉତ୍ତାରୁ ଛାଡିଲା । ଉତ୍କଳ ପଞ୍ଜିକା ସଙ୍ଗେ ପ୍ରାୟ ପ ୧ ଣ୍ଟାର ପ୍ରଭେଦ ଲକ୍ଷିତ ହେଲା । ବଙ୍ଗଲାପାଞ୍ଜି ସଙ୍ଗରେ ପ୍ରାୟ ଠିକ ମିଳିଅଛି ।

ଏ ନଗର ଖାସମାହାଲ ବନ୍ଦୋବସ୍ତ ବିରୁଦ୍ଧରେ ବର୍ଦ୍ଧମାନର ମହାରାଣୀ ଅଦାଲତରେ ଦେଓାନୀ ମକଦମାଟିଏ ନିକଟରେ ଦାଏର କରି ଅଛନ୍ତି । କାଲୁବଜାରରେ ତାଙ୍କର ନଅଗୁଣ୍ଠ କେତେକଣ୍ଠା ଜମି ଅଛି ତହିଁର ଜମା ପୂର୍ବେ ପ୍ରାୟ ଟ ୭ ଙ୍କା ଥିଲା ବର୍ତ୍ତମାନ ପ୍ରାୟ ଟ ୭° ଙ୍କା ହୋଇଅଛି । ସନ ୧୩୦୪ ଅମଲ ପର୍ଯ୍ୟନ୍ତ ବନ୍ଦୋବସ୍ତ ସ୍ଥିରିତ ଥିବାରୁ ଖାସମାହାଲର ଅଧୁନାତନ ବନ୍ଦୋବସ୍ତ ଆଇନ ବିରୁଦ୍ଧ ଥିବା ଦୋଷରେ ଜମାବୃଦ୍ଧିରୁ ରକ୍ଷା ପାଇବାର ପ୍ରାର୍ଥନାରେ ନାଲିଶ ହୋଇଅଛି । ବନ୍ଦୋବସ୍ତ ସମ୍ପର୍କରେ ଖାସମହାଲର ପ୍ରଜାମାନେ ଏହିପ୍ରକାର ଆପତ୍ତି କମିସନରୀ ଓ ବୋର୍ଡରେ କରିଥିଲେ ଓ ଆମ୍ଭେମାନେ ମଧ୍ୟ ମତାମତ ପ୍ରକାଶ କରି ଥିଲୁଁ ମାତ୍ର ଆପତ୍ତି ଗ୍ରାହ୍ୟ ହେଲା ନାହିଁ । ବର୍ତ୍ତମାନ ଏ ମକଦମାର ନିଷ୍ପତ୍ତିରେ ସବୁ କଥାର ମୀମାଂସା ହେବ ଓ ସନ୍ଦେହ ଯିବ ଅତଏବ ମହାରାଣୀଙ୍କର ଏପରି ମକଦମାଟିଏ କରିବାର ଉତ୍ତମ ହୋଇଅଛି ।

ଦଃର୍ଗ୍ୟାଲ ମହାରାଜା କଲିକତା ଆସି ଅଛନ୍ତି ସେ ଲୋଟ୍ସ ନାଟକ ନାହିଁ ଦେବେ । ବଡ଼ଲାଟ ଓ ଛୋଟଲାଟ ସାହେବମାନଙ୍କୁ ଆମନ୍ତ୍ରଣ କରିବାରୁ । ଏ ନାଟଶାଳାରେ ଗୃହନିର୍ମାଣର ଟଙ୍କା ଖର୍ଚ୍ଚ ହେବ ଏଥିରୁ ପେଟ୍ରିଅଟ ଓ ଡେଲିନ୍ୟୁସ୍ ବୋଲନ୍ତି ଏତେ ଟଙ୍କା ନାଟଶାଳାରେ ନ ଉଡ଼ାଇ ଦେଶର ଦରିଦ୍ରମାନଙ୍କ ଉପକାରରେ ପ୍ରୟୋଗ କଲେ ଭଲ ହୁଅନ୍ତା । ଏଥିର ପଞ୍ଚ ଲକ୍ଷ ଟଙ୍କାରେ ବୃହତ୍ ଜାତଶାଳା ହୋଇପାରେ । ତହିଁରେ ଏତେ ଧନ ବ୍ୟୟ କରିବାର ବୁଦ୍ଧିମନ୍ତ ସଜ୍ଜାର କାର୍ଯ୍ୟ ନୁହଇ । ଯଥାର୍ଥ କଥା । ଅତ୍ୟମ୍ବରହିଁ ଦେଶୀୟ ରାଜାମାନଙ୍କ ସାରୁଛି ।

କାଗଜପତ୍ରରେ ଜଳଧରିବା ନିବାରଣ ଉତ୍ତମ ଉପାୟ ଉଦ୍ଭାବନର ଚେଷ୍ଟା ହେଉଅଛି । ଦକ୍ଷିଣ ଆଫ୍ରିକାରେ ଏକପ୍ରକାର ବୃକ୍ଷଅଛି, ସେଥିର ଅଠା ଏରୂପ ଯେ, ତାହା ପାଣିରେ ଭଲ ଗଳିପାରେ ନାହିଁ । ସେହି ଅଠା ଇଂଲଣ୍ଡରେ ପ୍ରଚଳିତ ହୋଇଅଛି । ଏଦେଶରେ ମଧ୍ୟ ପ୍ରଚଳିତ ହେବାକୁ ଚେଷ୍ଟା ହେଉଅଛି ।

Digitized by srujanika@gmail.com

[illegible]

## NOTICE.

Ravenshaw College Cuttack will re-open after the Christmas vacation on January 9th. 1880, Cuttack Collegiate School on January 16th. 1880. Students intending to join the College classes are requested to have their names Registered within the first week of the re-opening of the College. Mofussil students and scholars are requested to be in early attendance.

Ravenshaw College }
Cuttack }
30-12-79. }

S. AGER.
*Principal.*

## ବିଜ୍ଞାପନ ।

### ନୂତନ ପତ୍ରିକା ।

[illegible]

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୩ |
| ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ | ଟ ୬ |
| ମଫସଲ ପାଇଁ ଡାକମାସୁଲ | ଟ ୧।୵ |

ଭା ୧୫ ଗ } ତା ୧୦ ରଖ ମାହେ ଜାନୁଆରୀ ସନ ୧୮୮୦ ମସିହା । ମୁ । ପୌଷ ଦ ୨୮ ହ ସନ ୧୨୮୭ ସାଲ ଶନିବାର

ସ ୨ ଖ୍ୟା }

ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ଏ ନଗରର ଦାତବ୍ୟ ଚିକିତ୍ସାଳୟର ପ୍ରଭଦନ ଯେତେ ଶ୍ରେଣୀ ଆସନ୍ତି ତାହା ବଙ୍ଗଳାର ଓ ଭିତ୍ତର ପଶ୍ଚିମର ଏହି ପ୍ରକାର ଚିକିତ୍ସାଳୟମାନଙ୍କ ଠାରୁ ଊଣା ନୁହଇ । ଏଠାର ଡାକ୍ତର ମିରଲିଙ୍କରୁ ଊଣା ନୁହଇ । ଏଠାର ଡାକ୍ତର ମିରଲି ମାର ଅତି ଅତ୍ୟନ୍ତ ଯତ୍ନ ଓ ମନୋଯୋଗ ସହିତ ତହିଁର ଭାର ନିର୍ବାହ କରୁ ଅଛନ୍ତି । ତାହାଙ୍କ ଉତ୍ସାହ ନିମିତ୍ତ ଅଧିକ ବେତନ ଦେବାର ଉଚିତ ଓ ତାହା ମିଉନିସିପଲ ଫଣ୍ଡର ଯାହା ଆୟରୁ ଯାହା କଟୁଅଛି ଅଥ ତହିଁରୁ ଦିଆଯାଇ ପାରେ ଏଥିର ବିବେଚନା ନିମିତ୍ତ ମିଉନିସିପଲ କମିଶ୍ୟନର ଓ ଡାକ୍ତର ସାହେବଙ୍କୁ ପତ୍ରପ୍ରେରକ ପ୍ରାର୍ଥନା କରି ଅଛନ୍ତି । ଉପଯୁକ୍ତ ଓ ପରିଶ୍ରମୀ କର୍ମଚାରୀ ବେତନ ବୃଦ୍ଧି ଦ୍ୱାରା ଉତ୍ସାହିତ କରିବା ଅବଶ୍ୟ ଆବଶ୍ୟକ ମାତ୍ର ଯେହେତୁ ଡାକ୍ତର ସାହେବ ଏହାଙ୍କର ବର୍ତ୍ତମାନ ବେତନଙ୍କୁ ଗବର୍ଣ୍ଣମେଣ୍ଟଙ୍କ ନିୟମାନୁସାରେ ଯଥେଷ୍ଟ କ୍ଷୀଣ କରନ୍ତି ତେବେ ଆମ୍ଭେମାନେ କହୁଁ ଯେ ମିଉନିସିପଲ ଫଣ୍ଡରୁ ପ୍ରୟୋଜନର ଅତିରିକ୍ତ ଟଙ୍କା ନେବାର ଉଚିତ ନୁହଇ ଉଦ୍ବର୍ତ୍ତ ଟଙ୍କା ମିଉନିସିପାଲିଟିର ଅନ୍ୟ କାର୍ଯ୍ୟରେ ଲାଭଜନକ ରୂପେ ବ୍ୟୟିତ ହୋଇ ପାରେ ।

## ବାନ୍ଧ ଓ ଡମପଡାର ଅବସ୍ଥା ।

ଏବର୍ଷ ବାନ୍ଧ ଓ ଡମପଡାର ଅବସ୍ଥା ଅତି ଶୋଚନୀୟ, ନଦୀବୃଦ୍ଧି ଏଥିର ପ୍ରଧାନ କାରଣ, ପୁଷମାସରେ ଅନ୍ନକଷ୍ଟ, ଲୋକେ ହାହାକାର କରୁଅଛନ୍ତି । ରବିଫସଲ ସେମାନଙ୍କର ଦୁଇ ତିନିଥର ନଷ୍ଟ ହେଲା, ବର୍ତ୍ତମାନ ଯାହା ସାମାନ୍ୟରୂପେ ଅଛି ତାହା ଓ ଡାଲିଅଫସଲ ସେମାନଙ୍କ ହସ୍ତରେ ନ ପଡିଲେ ଆଉ ପ୍ରାଣ ବଞ୍ଚାଇବାର ଉପାୟ ନାହିଁ; ଡାଲିଅ ଖରିଫିଆ ଫସଲ, ତାହାପ୍ରତି ଅତି ଅଳ୍ପମାତ୍ର ଭରସା । ଆମ୍ଭେମାନେ ବାନ୍ଧ ଓ ଡମପଡାର ଅବସ୍ଥା ଦର୍ଶନକର ହାକିମମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଭକ୍ତ ଭୂଇ ତହିଁର ଅବସ୍ଥା ସ୍ୱଚକ୍ଷୁରେ ଦର୍ଶନ କରି ପ୍ରଜାଙ୍କ ଦୁଃଖ ମୋଚନରେ ତତ୍ପର ହୁଅନ୍ତୁ । ଏଠାରେ ମଧ୍ୟ ଆମ୍ଭେମାନେ ଡମପଡାର ସରକାରଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ପ୍ରକାଶ ବାୟୁନଦୀ ପ୍ରକାଶକର ନଦୀ କୂଳରେ ବନ୍ଧ ନିର୍ମାଣ ନିମିତ୍ତ ଚେଷ୍ଟାନ୍ୱିତ ହୁଅନ୍ତୁ ନଚେତ ନୂତନ ବନ୍ଦୋବସ୍ତର କର ଆଦାୟ କରିବାର ବିଶେଷ କ୍ଳେଶଦାୟକ ହେବ ଓ ପ୍ରଜାମାନେ କେବଳ ଅସ୍ଥିଚର୍ମ୍ମବିଶିଷ୍ଟ ହୋଇ ବଂଶହୀନ ହେବ । ବାନ୍ଧର ଅନେକ ଭୂମି ମହାନଦୀର ଗର୍ଭସାତ ହୋଇ ବାଲିଚରିଗୁଡିକରେ ପର୍ଯ୍ୟବସିତ ହୋଇଅଛି । ବନ୍ଧ ନ ହେଲେ ଆହୁରି ଅନେକ ଭୂମି କେବଳ ମରୁଭୂମିରେ ପରିଣତ ହେବାର ସମ୍ଭାବନା । ଏହେତୁରୁ ଆମ୍ଭେମାନେ ବାନ୍ଧର ତହସିଲଦାରଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କର ଗସ୍ତ ସମୟରେ ବାନ୍ଧର ଅଭାବମାନ ସବିଶେଷରୂପେ ତାହାଙ୍କୁ ଅବଗତ କରାଇବେ ଓ ବାନ୍ଧଗଡଠାରୁ ପିମିଲିପୁର ପର୍ଯ୍ୟନ୍ତ ଯେଉଁ ପୁରାତନ ବନ୍ଧ ଅଛି ତାହାର ଦୃଢରୂପେ ସଂସ୍କାର କରିବାପାଇଁ ସପକ୍ଷ ହେବେ ।

---

## ଦେଶୀୟ ଚଳିତ କର୍ମଚାରୀ ।

ଏ ବିଷୟରେ କେତେକ ବିସମ୍ବାଦ ହୋଇଗଲା । ଏଥିର ନିୟମାବଳୀ ହେବା ସମୟରେ ଆମ୍ଭେମାନେ ଯେପରି ଆନନ୍ଦିତ ଓ ଆଶାଯୁକ୍ତ ହୋଇଥିଲୁଁ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ସେ ସମ୍ବନ୍ଧୀୟ ବ୍ୟବସ୍ଥାରେ ସେ ଆଶା ଓ ଆନନ୍ଦର ହ୍ରାସ ହୋଇଅଛି । ଏ ନିୟମାନୁସାରେ ନିଯୁକ୍ତ ହେବା ଦେଶୀୟ କର୍ମଚାରୀଙ୍କୁ ମହାମାନ୍ୟ ଲାଟ ସାହେବ ସାଧାରଣ ଚଳିତ କର୍ମଚାରୀ ଦଳଭୁକ୍ତ କରୁ ନାହାନ୍ତି, ସେମାନଙ୍କୁ ମଧ୍ୟବର୍ତ୍ତୀ ଶ୍ରେଣୀରେ ରଖିବେ ଓ ସେମାନେ ଅଚଳିତ କର୍ମଚାରୀଙ୍କ ସଙ୍ଗେ ପ୍ରାୟ ସମାନ ହେବେ । ନିମ୍ନଲିଖିତ ବ୍ୟକ୍ତିମାନେ ଏ ପଦ ସକାଶେ ମନୋନୀତ ହୋଇଅଛନ୍ତି ଯଥା;—

ବଙ୍ଗବିଭାଗ—(୧) ସତ୍ୟଶ୍ରୀ ଘୋଷାଲ, ରାଜା ଶ୍ରୀ ସତ୍ୟାନନ୍ଦ ଘୋଷାଲଙ୍କ ପୁତ୍ର, ବୟସ ବ ୨୪ ବ ଇଂରେଜୀ ଭଲ ଜାଣନ୍ତି । (୨) ବାବୁ ନନ୍ଦକୃଷ୍ଣ ବୋଷ, ଏ ବର୍ତ୍ତମାନ ସରକାରୀ କର୍ମରେ ନିଯୁକ୍ତ ଅଛନ୍ତି ଓ ରାଜା କମଳକୃଷ୍ଣ ବାହାଦୁରଙ୍କର ଜ୍ଞାତି ।

ବୋମ୍ବାଇ—ସମ୍ବନ୍ଧୀ ପଦ୍ମଜୀ ପେଷ୍ଟନଜୀ, ଏ ବ୍ୟକ୍ତି ଦକ୍ଷିଣର ଜଣେ ପ୍ରସିଦ୍ଧ ସରଦାରଙ୍କ ପୁତ୍ର ଓ ଦୁଇବର୍ଷକାଳ ବିଲାଏତରେ ଶିକ୍ଷା କରି

Digitized by srujanika@gmail.com

ଅନେକ ବିଷୟରେ ବ୍ୟୁତ୍ପତ୍ତି ଲାଭ କରିଅଛନ୍ତି, ବୟସ ବ ୨୪ ବର୍ଷ ।

ଉତ୍ତରପଶ୍ଚିମାଞ୍ଚଳ ଓ ଅଯୋଧ୍ୟା—କୁମାର ଭରତ ସିଂହ ଓ ମହମ୍ମଦ ଅବ୍ବାସ । ପ୍ରଥମ ବ୍ୟକ୍ତି ପ୍ରୟାଗ ଜିଲ୍ଲା ଅନ୍ତର୍ଗତ ବାଡ଼ର ରାଜା ବଂଶପତି ସିଂହଙ୍କ ପୁତ୍ର, ବୟସ ବ ୨୪ ବର୍ଷ, ଇଂରାଜୀ, ଉର୍ଦ୍ଦୁ ଓ ହିନ୍ଦୀ ଭଲ ଜାଣନ୍ତି ଓ ଅଶ୍ୱାରୋହଣରେ ବଡ଼ ପାରଗ ଅଟନ୍ତି । ଦ୍ୱିତୀୟ ବ୍ୟକ୍ତି ଅଯୋଧ୍ୟାର ଭୂତପୂର୍ବ ନାଜିମ ଅଲିଖାଁଙ୍କ ପୁତ୍ର, ବୟସ ବ ୨୪ ବର୍ଷ, ଇଂରାଜୀ ଓ ପାରସୀ ଜାଣନ୍ତି ଓ ସମ୍ପ୍ରତି ଅବୈତନିକ ମେଜିଷ୍ଟ୍ରେଟ ଅଟନ୍ତି ।

ପଞ୍ଜାବ—ସରଦାର ଗୁରୁଦୟାଲ ସିଂହ, ଝିନ୍ଦର ମହାରାଜାଙ୍କ ଭ୍ରାତୁଷ୍ପୁତ୍ର, ବୟସ ବ ୨୧ ବର୍ଷ, ଏ ପ୍ରବେଶିକା ଓ ଉଚ୍ଚତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଏମାନେ ପ୍ରଥମେ ଡାକ୍ତରଙ୍କଦ୍ୱାରା ପରୀକ୍ଷିତ ହେବେ ଓ ଶାରୀରିକ ସୁସ୍ଥତାର ସାର୍ଟିଫିକଟ ପ୍ରାପ୍ତ ହେଲେ ଜୀବନନିର୍ବାହ ସ୍ୱରୂପ ମାସିକ ଟ ୨୦୦ ଙ୍କା ବେତନରେ ନିଯୁକ୍ତ ହେବେ । ଦୁଇବର୍ଷ କର୍ମ କରି ପଟୁତା ଦେଖାଇଲେ ବାହାଲ ହେବେ ତହୁଁ ଟ ୨୫୦ ଙ୍କା ଲେଖାଏ ବେତନ ପାଇବେ । ବାବୁ ନନ୍ଦକିଶୋର ବୋଷ ବର୍ତ୍ତମାନ ଟ ୨୫୦ ଙ୍କା ବେତନ ପାଉଅଛନ୍ତି ସେ ବାହାଲ ହେବା ପର୍ଯ୍ୟନ୍ତ ସେହି ବେତନ ପାଇବେ । ଏ ପ୍ରଥାନୁସାରେ ଦୁଇ ଶ୍ରେଣୀର ଲୋକ ନିଯୁକ୍ତ ହେବାର ଅଛି ପ୍ରଥମତଃ ପରୀକ୍ଷାଧୀନ ନୂତନ ଲୋକ ବା ଜୀବନନିର୍ବାହ ଏମାନଙ୍କର ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ନାହିଁ ଓ ଏମାନେ ପରୀକ୍ଷାଧୀନ ଦୁଇ ବର୍ଷ ରହିବେ । ଦ୍ୱିତୀୟତଃ ଯେଉଁମାନେ ସରକାରୀ କର୍ମରେ ନିଯୁକ୍ତ ଅଛନ୍ତି । କିନ୍ତୁ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣର ପ୍ରକରୁ ବୋଧ ହୁଏ ଯେ କେବଳ ପ୍ରଥମ ଶ୍ରେଣୀ ଲୋକହିଁ ନିଯୁକ୍ତ ହେବେ ଓ ଅସାଧାରଣ କାର୍ଯ୍ୟଦକ୍ଷତା ନ ଦର୍ଶାଇଲେ ଦ୍ୱିତୀୟ ଶ୍ରେଣୀ ଲୋକ ଏ ପଦ ପ୍ରାପ୍ତ ହେବେ ନାହିଁ । ଗବର୍ଣ୍ଣମେଣ୍ଟ ଅତ୍ୟୁତ୍ତମ ବ୍ୟବସ୍ଥା କରିଅଛନ୍ତି ଯେ ସମ୍ଭ୍ରାନ୍ତ ବଂଶର ଯେଉଁ ଯୁବକମାନେ ସୁଶିକ୍ଷିତ ଓ ସଚ୍ଚରିତ୍ରବାନ୍ ଅଟନ୍ତି ସେହିମାନଙ୍କୁ ଏ ପଦମାନ ପ୍ରଦତ୍ତ ହେବ । ଯେମାନେ ଆପଣା କୁଳମର୍ଯ୍ୟାଦା ଦୃଷ୍ଟିରେ ଅନ୍ୟ ଚାକିରୀ କରନ୍ତି ନାହିଁ ସେମାନଙ୍କୁ ଏପରି ମାନ୍ୟ ଚାକିରୀ ଯୋଗାଇବାର ଆବଶ୍ୟକ । କିନ୍ତୁ ଗବର୍ଣ୍ଣମେଣ୍ଟ ଯେଉଁ ବେତନ ଧାର୍ଯ୍ୟ କରିଅଛନ୍ତି ତାହା ଯେ ସମ୍ଭ୍ରାନ୍ତକୁଳର ଉପଯୁକ୍ତ ହୋଇ ନାହିଁ । ସେମାନଙ୍କର ବସାଖର୍ଚ୍ଚକୁ ଯେ ଅଣ୍ଟିବ ନାହିଁ । ସେ ଯାହା ହେଉ ଲୋକ ମନୋନୀତରେ କୁଳ ପ୍ରତି ଅଧିକ ଦୃଷ୍ଟି ରହିବ ଯୋଗ୍ୟତା ପ୍ରତି ସେତେ ଦୃଷ୍ଟି ରହିବ ନାହିଁ ଏବଂ ଉପରୋଧ ଓ ଅନୁରୋଧ ଚଳିବ । ଏହି ପ୍ରକାରରେ ଉପଯୁକ୍ତ ଲୋକ ଏ ପ୍ରଥାର ଫଳଭାଗୀ ହୋଇ ନ ପାରିବେ ଓ ବରଞ୍ଚ ଏଥିରେ ଇଂରେଜଙ୍କ ଲାଗିବାର ଅସମ୍ଭବ ନୁହେଁ । ଏଥି ପୂର୍ବରୁ କୁମାର ସାହେବ ଓ ସୟଦ ମହମ୍ମଦ ଚିହ୍ନିତ ପଦରେ ନିଯୁକ୍ତ ଅଛନ୍ତି ସେମାନେ ସୁଦ୍ଧା ସାଧାରଣ ଚିହ୍ନିତ କର୍ମଚାରୀ ଦଳରୁ ବାହାର ହୋଇ ଏ ନୂତନ ଦଳଭୁକ୍ତ ହେବେ । ତେବେ "ଯଥା ଲାଭ" ବିବେଚନାରେ ଯାହା ହୋଇଅଛି ତାହା ହିଁ ଭଲ ।

---

## ବାର୍ଷିକ ବିଜ୍ଞାପନମାନ ।

### ଶିକ୍ଷା ।

( ପୂର୍ବ ପ୍ରକାଶିତ ଉତ୍ତାରୁ )

ସନ ୧୮୭୮।୭୯ ସାଲରେ ଓଡ଼ିଶାରେ ଶିକ୍ଷାର ଅବସ୍ଥା ନିମ୍ନଲିଖିତ ଅଙ୍କ ପଟରୁ ପ୍ରକାଶିତ ହେବ ।

| ଜିଲ୍ଲା | ଉଚ୍ଚ ଇଂରେଜୀ ସ୍କୁଲ । | ମଧ୍ୟମ ଇଂରେଜୀ ସ୍କୁଲ । | ଓଡ଼ିଆ ସ୍କୁଲ । | ପାଠଶାଳା । | ବାଳିକା ବିଦ୍ୟାଳୟ । | ଅନ୍ୟ ପ୍ରକାର । | ମୋଟ । |
|---|---|---|---|---|---|---|---|
| ସ୍କୁଲର ସଂଖ୍ୟା । | | | | | | | |
| କଟକ … … | ୧ | ୨୨ | ୪୧ | ୧୨୧୫ | ୪ | ୪ | ୧୨୯୮ |
| ପୁରୀ … … | ୨ | ୧ | ୪୫ | ୨୪୭୮ | ୨ | ୨ | ୨୫୨୮ |
| ବାଲେଶ୍ୱର … | ୧ | ୩ | ୬୦ | ୨୬୨୮ | ୨୬ | ୧ | ୨୮୦୧ |
| ମୋଟ | ୪ | ୨୬ | ୨୪୬ | ୬୨୨୨ | ୧୧ | ୭ | ୬୩୨୮ |
| ଛାତ୍ରଙ୍କର ସଂଖ୍ୟା । | | | | | | | |
| କଟକ … … | ୩୪୧ | ୪୦୦ | ୨୩୨୮ | ୧୮୩୧୧ | ୩୦୭ | ୨୪୨ | ୩୨୦୨୦ |
| ପୁରୀ … … | ୨୨୮ | ୨୩୮ | ୨୨୩୦ | ୨୨୮୨୨ | ୪୪ | ୨୫ | ୨୪୪୭୭ |
| ବାଲେଶ୍ୱର … | ୧୨୫ | ୧୩୬ | ୨୭୭୨ | ୧୦୨୨୫ | ୩୩୩ | ୭୨ | ୧୮୩୫୦ |
| ମୋଟ | ୭୮୫ | ୫୭୭ | ୪୩୩୭ | ୫୨୩୯୩ | ୭୮୩ | ୩୨୨ | ୬୨୨୭୨ |

ଏଥିର ପୂର୍ବ ବର୍ଷ ଅର୍ଥାତ୍ ସନ ୧୮୭୭।୭୮ ସଙ୍ଗେ ତୁଳନା କଲେ ଦେଖା ଯାଏ ଯେ ଦୁଇପ୍ରକାର ଇଂରେଜୀ ସ୍କୁଲର ସଂଖ୍ୟା ଉଭୟ ବର୍ଷରେ ସମାନ ଥିଲେହେଁ ଏ ବର୍ଷ ଛାତ୍ର ସଂଖ୍ୟା କିଛୁ ଊଣା ପଡ଼ିଅଛି । ବାଳିକା ବିଦ୍ୟାଳୟର ଗଣ୍ଡି ସଂଖ୍ୟା ପ୍ରାୟ ସମାନ ଅଛି । କେବଳ ଓଡ଼ିଆ ସ୍କୁଲ ଓ ପାଠଶାଳାରେ ବିଶେଷ ବୃଦ୍ଧି ଦେଖା ଯାଏ । ଅର୍ଥାତ୍ ସନ ୧୮୭୭।୭୮ ରେ ୧୩୬ ଓଡ଼ିଆ ସ୍କୁଲ ଏବଂ ୪୩୬୮ ପାଠଶାଳା ଥିଲା ଓ ତହିଁରେ ଯଥାକ୍ରମେ ୩୮୭୭ ଏବଂ ୨୯୩୯୩ ଛାତ୍ର ଥିଲେ ।

ଛାତ୍ରଙ୍କ ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୩୮୧୭୫ ଜଣ ତପସିଲି ଅଟନ୍ତି । ତିନି ଜିଲ୍ଲାରେ ଇଂରେଜୀ ସ୍କୁଲର ଛାତ୍ରସଂଖ୍ୟା ଗତ ଦଶବର୍ଷରେ କମିଅଛି ଏହା ଅସନ୍ତୋଷଜନକ ଅଟଇ । ଜଏଣ୍ଟଇନସ୍ପେକ୍ଟର ବୋଲନ୍ତି ପାଠଶାଳାସଂକ୍ରାନ୍ତ କାର୍ଯ୍ୟ ଏପରି ବଢ଼ିଅଛି ଯେ ଡେପୁଟୀ ଇନସ୍ପେକ୍ଟରମାନେ ମଧ୍ୟ ସ୍କୁଲମାନଙ୍କ ପ୍ରତି ଯଥେଷ୍ଟ ମନୋଯୋଗୀ ହୋଇ ପାରୁନାହାନ୍ତି ଏହା ସ୍କୁଲମାନଙ୍କ ମନ୍ଦାବସ୍ଥାର ଗୋଟିଏ କାରଣ ଅଟଇ । କିନ୍ତୁ ଉଚ୍ଚସ୍କୁଲର ଛାତ୍ରସଂଖ୍ୟା ମଧ୍ୟ ଊଣା ହୋଇଅଛି । ଆମ୍ଭମାନଙ୍କ ବିବେଚନାରେ ବୃଦ୍ଧି ସ୍କୁଲଫିସ (ବେତନ) ଏଥିର ସେ ଗୋଟିଏ କାରଣ ହୋଇପାରେ ଓ ଏଥିର ପ୍ରତିକାର ଆମ୍ଭେମାନେ ଅନେକ ଲୋକଙ୍କଠାରୁ ଶୁଣିଅଛୁଁ । ଯାହା ହେଉ ଓଡ଼ିଆ ସ୍କୁଲ ଓ ତହିଁର ଛାତ୍ରସଂଖ୍ୟା ଯେ ବୃଦ୍ଧି ହୋଇଅଛି ଦୁଃଖର ବିଷୟ ପାଠଶାଳା ସଂଖ୍ୟାରେ ଅଧିକତର ବୃଦ୍ଧି ଦେଖାଯାଏ ମାତ୍ର ଏହା ପ୍ରକୃତ ବୃଦ୍ଧି ନୁହଇ । ପୂର୍ବରୁ ଯେଉଁ ଚାଟଶାଳମାନ ଅଛି ସେଥିମଧ୍ୟରୁ କେତେକ ଏବର୍ଷ ଶିକ୍ଷାବିଭାଗର ଅଧୀନ ହୋଇଅଛି ତଥାପି ଏହା ସନ୍ତୋଷଜନକ ଅଟଇ । ଏହା ବ୍ୟତୀତ ବଙ୍ଗଳାରେ ୩୮୦୦ ଗୁରୁଶାଳୀ ଅଛି । ଅଙ୍କପାଇଁ ଲେଖିବା ଅଭ୍ୟାସ କାର୍ ସ୍କୁଲ ମଧ୍ୟରେ କମାନେ ସ୍କୁଲ ମେଡିକାଲ ସ୍କୁଲ (ଶିଳ୍ପବିଦ୍ୟାଳୟ) ଓ ସର୍ଭେସ୍କୁଲ ଅଟଇ ଏମାନଙ୍କ ମଧ୍ୟରେ ମେଡିକାଲ ସ୍କୁଲ ବିଶେଷ ପ୍ରଶଂସା ପାଇଅଛି ତହିଁମଧ୍ୟ ଡାକ୍ତର ସ୍ମିଥ୍ ସାହେବ ପ୍ରଶଂସନୀୟ ଅଟନ୍ତି । ଏଠାରେ ଉଲ୍ଲେଖ ପ୍ରସଙ୍ଗେ ପୂର୍ବେ ଲେଖିଅଛୁଁ ଏ ବର୍ଷ ପରୀକ୍ଷାର ଫଳ ଉପରେ ତହିଁର ସ୍ଥାୟୀତ୍ୱ ନିର୍ଭର କରିବ ବୋଲି ଜଣା ଯାଇ ଦେଖାଯିବ । ପରୀକ୍ଷାର ଫଳ ଦୃଷ୍ଟିରେ ସବୁ ସ୍କୁଲର କାର୍ଯ୍ୟପ୍ରବୃତ୍ତ ହୋଇଅଛି ମାତ୍ର ଅନେକ ପରୀକ୍ଷୋତ୍ତୀର୍ଣ୍ଣ

Digitized by srujanika@gmail.com

ଯେ ଦୁଇଥାଉ ଇଙ୍ଗରେଜୀ ଶୁଦ୍ଧକରି ଲେଖି ନ ପାରନ୍ତି ତହିଁର କି ବିଗୁର ? ସମ୍ପ୍ରଦାୟ ବଙ୍ଗ ଭାଗରେ ଏରୂପ ଅବସ୍ଥା ମାତ୍ର ଏଥି ପକ୍ଷରେ ଡାଇରେକ୍ଟରଠାରୁ ଗବର୍ଣ୍ଣମେଣ୍ଟପର୍ଯ୍ୟନ୍ତ ସମସ୍ତେ ମୌନ ଅଛନ୍ତି, ଦେଖେଇ । ଅମ୍ଭମାନଙ୍କ ବିବେଚନାରେ ଶିକ୍ଷାପ୍ରଣାଳୀର ଦୋଷ ତହିଁର କାରଣ ଅଟଇ ଓ ତାହା ସୁଧାରିବାର ଅତି ଆବଶ୍ୟକ ।

### ଇଂରେଜୀ ଟିକା ।

ସନ ୧୮୭୮।୭୯ ସାଲରେ ସମ୍ପ୍ରଦାୟ ବଙ୍ଗ ଭାଗରେ ଜ ୧୬୧୪୮୮୪ ଣ ଇଂରେଜୀ ଟିକା ନେଇଥିଲେ ତହିଁ ପୂର୍ବ ବର୍ଷ ଜ ୧୨୮୫୩୦୧ ଣ ଓ ସନ ୧୮୭୬।୭୭ ସାଲରେ ଜ ୯୦୮୬୬୭୩ ଣ ଟିକା ନେଇଥିଲେ ଏଥିରୁ ପ୍ରକାଶ ଯେ ଇଂରେଜୀ ଟିକା କ୍ରମେ ବୃଦ୍ଧି ହେଉଅଛି ମାତ୍ର ଓଡିଶା ଓ ବେହାରରେ ପୂର୍ବ ବର୍ଷାପେକ୍ଷା [illegible] ବର୍ଷରେ ଇଂରେଜୀ ଟିକା କମ୍ ଉଣା ହୋଇଥିଲା ଓଡିଶାରେ ଗତ ବର୍ଷ ଜ ୩୬୩୭୦ ଣ ଓ ଏ ବର୍ଷ ଜ ୩୪୬୧୨ ଣ ଟିକା ନେଇଥିଲେ । ଏ ହ୍ରାସର କାରଣ ଏହି ଯେ କଲିକତାରୁ ଯେ ବହନ ଆସିଥିଲା ତାହା ଅକର୍ମଣ୍ୟ ହେବାରୁ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହେଲା ଓ ଟିକାଦିଆଙ୍କ ମଧ୍ୟରୁ ଅନେକେ ପୀଡିତ ଥିଲେ । ବେହାରରେ ଏପର୍ଯ୍ୟନ୍ତ ଲୋକେ ଇଂରେଜୀ ଟିକାର ବିରୋଧୀ ଥିବାରୁ ସେଠାରେ ଟିକା ଉଣା ଅଛି । ରଙ୍ଗପୁର ଜିଲ୍ଲାରେ ଏକ ପ୍ରଦେଶରେ ଗଳ୍ପ ଉଠିଲା ଯେ ତିସ୍ତା ନଦୀରେ ରେଲଗାଡି ପୋଲ ହେବାର ଅଛି ସେଠାରେ ଦୁଇ ନୌକା ଶିଶୁ ବଳ ଦିଆ ଯିବ । ଡାକ୍ତର ଟିକା ଛଳରେ ପିଲାମାନଙ୍କୁ ଚିହ୍ନ ଦେଇ ଯିବ ପଶ୍ଚାତ୍ ସେହି ପିଲାମାନଙ୍କୁ ନେଇ ବଳ ଦିଆଯିବ । ଶ୍ରୀହଟ୍ଟରେ ଗଳ୍ପ ଉଠିଲା ଯେ ରେଲଗାଡି ଚଳାଇବାର ହେମ ସ୍ୱର୍ଗାର୍ଜିତ ହୋଇ ଅଛନ୍ତି ତାଙ୍କ ଗଗ ଶାନ୍ତପାଇ ପିଲାମାନଙ୍କ ବାହୁରୁ ରକ୍ତ ନେଇ ତାଙ୍କୁ ଦିଆଯିବା କାରଣ ଟିକା ଦେଉଅଛୁ ଓ ରେଲ ଗାଡି ଚଳଇ ମାତ୍ରକେ ଟିକା ନେଇ ଥିବା ପିଲାମାନେ ମରି ଯିବେ । ଯେଉଁଠାର ଲୋକେ ଏତେ ମୂର୍ଖ, ଅବୋଧ ଓ ଅବିବେଚକ ସେଠାରେ ଆଉ କି ଉନ୍ନତି ହେବ ? ମୋଟ ଟିକା ମଧ୍ୟରୁ ଶତକଡ଼ା ୯୮ ଟିକା ସଫଳ ହୋଇଥିଲା ଓ ଏଥିରେ ସରକାରଙ୍କର ଟ ୧୧୭୯୮୯ ଙ୍କା ବ୍ୟୟ ହୋଇଅଛି ତହିଁ ପୂର୍ବ ବର୍ଷ ଟ ୮୩୧୪୦୯ ଙ୍କା ବ୍ୟୟ ହୋଇଥିଲା । କଲିକତା ଓ ଅନ୍ୟ ନଗରମାନଙ୍କରେ ବଳପୂର୍ବକ ଇଂରେଜୀ ଟିକା ଚଳାଇବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନ ଅଛି ଓ ପୁଲିସ ଓ ଜେଲ କର୍ମଚାରିମାନେ ଇଂରେଜୀ ଟିକା ନେବା ପକ୍ଷରେ ଏଥି ପୂର୍ବରୁ ଆଦେଶ ହୋଇଅଛି ।

---

### କାବୁଲ ।

ତା ୨୪ ରଖରେ କାବୁଲରେ ତୁମୁଳ ଯୁଦ୍ଧ ହେବାର ଯେ ଜନରବ ଶୁଣା ଯାଇଥିଲା ଜେନରଲ ଷ୍ଟୁଅର୍ଟ ସାହେବଙ୍କର ବିଦ୍ୟୁତ ସମ୍ବାଦରେ ତହିଁର ଉଲ୍ଲେଖ ନ ଥିବାରୁ ତାହା ମିଥ୍ୟା ଥିବାର ବୋଧହୁଏ । ତାଙ୍କ ସମ୍ବାଦରୁ ଜଣା ଯାଏ ଯେ ଶେରପୁରରୁ ଏକହଜାର ଗଜ ମଧ୍ୟରେ ଯେତେ ପ୍ରାଚୀରମାନ ଅଛି ସେ ସବୁ ଭଙ୍ଗା ଯାଉଅଛି । କାବୁଲନଗରର ସକଳ ଦାର୍ଦ୍ୱାରକୁ ତୋପ ଗଡାଯାଇ ସକାଶେ ରାସ୍ତାମାନ ପ୍ରସ୍ତୁତ ହେଉଅଛି । ଜଗଡଲକରେ ଅସମତଉଲା ଖାଁ ଓ ମୁସେନ ଖାଁ ଭୁଲସନ୍ଦସ୍ତ ଲୋକ ସେନା ନର୍ମନ ସାହେବଙ୍କୁ ତା ୨୯ ରଖରେ ଆକ୍ରମଣ କରିଥିଲେ ମାତ୍ର ପରାସ୍ତ ହୋଇ ପଳାଇଲେ । ଇଂରେଜଙ୍କର ଜଣେ କପ୍ତାନ ଓ ଜଣେ ସେନା ହତ ଓ ଜଣେ ଆହତ ହୋଇଅଛନ୍ତି ନର୍ମନ ସାହେବ ଅନ୍ୟ ସ୍ଥାନମାନ ଅଧିକାର କରିବା ସକାଶେ ପ୍ରସ୍ଥାନ କରିଅଛନ୍ତି । ଜେନରଲ ବେକର ସାହେବ କେତେକ ସୈନ୍ୟ ସେନା କୋହସ୍ଥାନକୁ ତା ୨୭ ରଖରେ ଚଢ଼ାଇ କରି ମିରବଚ୍ଚଙ୍କ ଗଡରେ ପ୍ରବେଶ ହୋଇ ଦେଖିଲେ ଯେ ସେଠାରୁ ସମସ୍ତ ବିଦ୍ରୋହୀ ପଳାଇଅଛନ୍ତି ତହୁଁ ସେ ସେ ଗଡକୁ ଚୂର୍ଣ୍ଣ ଭୂମି କରି ଦେ[illegible] । କୋହସ୍ତାନ ଓ ଘୋଗର ଅଞ୍ଚଳର ସରଦାରମାନେ ବେକର ସାହେବଙ୍କଠାରୁ ସମ୍ବାଦ ପଠାଇଲେ ଯେ ଅମ୍ଭମାନଙ୍କର ଇନ୍ଦଲାର ଲୋକ ଯୁଦ୍ଧରେ ମତ୍ତପ୍ରାୟ ଅଛନ୍ତି ଏଣୁକରି ଅମ୍ଭମାନଙ୍କର ଯଥେଷ୍ଟ ଦଣ୍ଡ ହୋଇଅଛି ବର୍ତ୍ତମାନ ଆଜ୍ଞା ହେଲେ ଅମ୍ଭେମାନେ ଶରଣାଗତ ହେବୁଁ । ସାହେବ ସେମାନଙ୍କୁ କାବୁଲକୁ ଆଣି ଅଛନ୍ତି । କନ୍ଦାହାରରୁ ବ୍ରାଉନ୍ ସାହେବ ସମ୍ବାଦ ଦେଇଅଛନ୍ତି ଯେ ଯେଉଁ କେତେକ ଗ୍ରାମର ଲୋକେ ବର୍ତ୍ତମାନର ଯୁଦ୍ଧରେ ଅଧିକ ଯୋଗ ଦେଇ ଥିଲେ ସେମାନଙ୍କୁ ସେ ଆକ୍ରମଣ କରିବାରୁ ସେମାନେ ଲେଶମାତ୍ର ପ୍ରତିରୋଧ ନ କରି ଶରଣାଗତ ହେଲେ । ଘିଲଜାଇଙ୍କ ସରଦାର ଅସମତ ଉଲ୍ଲାଖାଁ ଇତ୍ୟାଦି ପଳାଇ ଅଛନ୍ତି ।

ଟେଲିଗ୍ରାଫର ସମ୍ବାଦଦାତା କାବୁଲରୁ ସମ୍ବାଦ ପଠାଇ ଅଛନ୍ତି ଯେ ଯାକୁବଖାଁଙ୍କ ପୁତ୍ର ମୁସାଖାଁ ପଳାଇ ଅଛନ୍ତି ଓ ତାଙ୍କୁ ଧରିବା କାରଣ ଇଂରେଜଙ୍କର ସୈନ୍ୟ ପ୍ରେରିତ ହୋଇଅଛନ୍ତି । ଯାକୁବଖାଁଙ୍କ ମାତା ଓ ସ୍ତ୍ରୀ ବିଦ୍ରୋହିମାନଙ୍କୁ ମତାଇ ଥିବାରୁ ଧୃତ ହୋଇ ବନ୍ଦିତ୍ୱରେ ଅଛନ୍ତି । କାବୁଲରେ ଥିବା ହିନ୍ଦୁଙ୍କର ଦୋକାନମାନ ଗଣ୍ଡଗୋଳ ସମୟରେ ଲୁଟ ହୋଇଥିଲା । କେତେକ ପଠାଣ ଦୋକାନୀ ଭୟରେ କାବୁଲରୁ ପଳାଇ ଅଛନ୍ତି । ଉପର ଲେଖିତ ସମ୍ବାଦମାନ ଏ ମାସ ତା ୧ ରଖ ପର୍ଯ୍ୟନ୍ତ ଅଟଇ ।

---

## ସାପ୍ତାହିକସଂବାଦ ।

ଅମ୍ଭମାନଙ୍କର ନୂତନ କଲେକ୍ଟର ପଟିନାହେବଙ୍କର ମୋଫସଲ ଗସ୍ତ ଗତଗୁରୁବାରଠାରୁ ଆରମ୍ଭ ହୋଇଅଛି । ସେ ଜଗତସିଂହପୁର ଅଞ୍ଚଳକୁ ଯାଇଅଛନ୍ତି ଓ କେବଳ ଦୁଇଜଣ କିରାଣୀ ଓ ଅତ୍ୟନ୍ତ ଲୋକ ସଙ୍ଗରେ ନେଇଅଛନ୍ତି । ଏହା ଅତି ଉତ୍ତମ ବ୍ୟବସ୍ଥା ଅଟଇ । ଏଥିରେ ସରକାର ଓ ଜମିଦାର ଉଭୟଙ୍କର ଲାଭ ।

ଗତସପ୍ତାହ ଶେଷରେ ଚଣ୍ଡବତ ମେଘାଡୁମ୍ବର ହୋଇ ଟିପିଟିପି ବୃଷ୍ଟି ହୋଇଥିଲା । ଏଥିରେ ଅମ୍ବ ଫସଲର କ୍ଷତି ହେବାର ସମ୍ଭାବନା ।

ଦୁଇଏକ [illegible] ଲାଇସେନ୍ସ ଟାକ୍ସ ଫେରଦେବାର ସମୟ ଏମାସ ତା ୭ ରଖରୁ ଶେଷ ହୋଇଅଛି । ଯେଉଁମାନେ ସେଠାକୁ ପର୍ଯ୍ୟନ୍ତ ଫେରି ପାଇବାର ପ୍ରାର୍ଥନା କରି ନାହାନ୍ତି ସେମାନେ ଆଉ ଫେରି ପାଇବେ ନାହିଁ । ଏପରସ୍ପର ଘୋଷଣା ପୂର୍ବରୁ [illegible] ମୋଫସଲ ଲୋକ ଏସମୟ ମଧ୍ୟରେ ଦରଖାସ୍ତ କରି ନାହାନ୍ତି । ଅତ ଏବ ସମୟ ଦେଇଥିଲେ ଭଲ ହୋଇଥାନ୍ତା ।

ଏତେଦିନେ [illegible] ଏକାଉଣ୍ଟ ପରୀକ୍ଷା ପାସ ଗବର୍ଣ୍ଣମେଣ୍ଟଙ୍କର ସୁଦୃଷ୍ଟି ପଡ଼ିଲା ଓ ତାଙ୍କ ପ୍ରତି ଦୟା ନ୍ୟାୟବିଚାର ହେଲା । ସମ୍ପ୍ରତି ଜଜର ହୁଜୁର ଏଜିନସ୍ତାରେ ସୂଚାଇଁ ତହିଁର କର୍ମ ଯେଉଁଅଛି ମାତ୍ର କର୍ମଗୁଡ଼ ଅଧିକ ଓ ବେତନ ଅଳ୍ପ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ସେମାନଙ୍କ ବେତନ ଓ ସଂଖ୍ୟା ବୃଦ୍ଧିର ଆଦେଶ ଦେଇଅଛନ୍ତି । ଏହା ପାଇଁ ମୂଳସହିତ ଟଙ୍କା ମଞ୍ଜୁର ହୋଇଥିବାରୁ କମିଶ୍ନର ସାହେବ କଟକକୁ ଟ ୧୫୦୦ ଙ୍କା ପୁରୀକୁ ଟ ୧୨୧୦ ଓ ବାଲେଶ୍ୱରକୁ ଟ ୬୨୫୦ ଙ୍କା ବଣ୍ଟନ କରିଅଛନ୍ତି । ଏଠାରେ ଏକାଉଣ୍ଟ ରେଭିନ୍ୟୁ ବେତନ ବୃଦ୍ଧି ଓ ଜଣେ ଅଧିକା ଲୋକ ନିଯୁକ୍ତ ହେବାର ପ୍ରସ୍ତାବ ହୋଇଅଛି । ଏଣୁ ଏଠାରେ ତଉଜିସିରସ୍ତା ଇଂରେଜୀ ହେବ । ଏ ହେତୁ ଏଠାକଲେକ୍ଟରର ଅନ୍ୟସିରସ୍ତାରେ ଥିବା ଇଂରେଜୀ ଜାଣିବା ମୋହରର ତଉଜିକୁ ବଦଳ ହେବେ । ତଉଜିନବିସ ଇଂରେଜୀ ଜାଣନ୍ତି ମାତ୍ର ତାଙ୍କର ବେତନ ମୋହରରଙ୍କ ଅପେକ୍ଷା କିଛି ଅଧିକ ହେବା ଉଚିତ ।

ଶୁଣିଲୁଁ ବାଲେଶ୍ୱରର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଷ୍ଟିଭେନସନ ସାହେବ ପାଣ୍ଡାମ ଅଞ୍ଚଳକୁ ଯାଉଥିବାରୁ ଅନ୍ୟ ଜଣେ ଜଏଣ୍ଟ ମାଜିଷ୍ଟ୍ରେଟ ସେଠାକୁ ବଦଳି ଆସିବେ ।

Split by PDF Splitter

Digitized by srujanika@gmail.com

ଦର୍ପଣର ଗ୍ରାହକମାନେ ତହିଁର ମୂଲ୍ୟ ନ ଦେବାରୁ ସମ୍ପାଦକ ସେମାନଙ୍କୁ ଅଭିଶାପ ଦେବାର ଧମକାଇଅଛନ୍ତି । ଅଧିଅ ଗ୍ରାହକଙ୍କୁ ପତ୍ର ନ ଦେଲେ ନଷ୍ଟ ହିବ । ବରଞ୍ଚ ମୂଲ୍ୟପାଇଁ ନାଲିଶ ହୋଇ ପାରେ । ବ୍ରାହ୍ମଣଙ୍କପରି ଅଭିଶାପ ଦେବାର କି ଆବଶ୍ୟକ ?

ବର୍ତ୍ତମାନ ସମୁଦାୟ ପୃଥିବୀର ଲୋକସଂଖ୍ୟା ୧୪୨ କୋଟି ଏକଲକ୍ଷ ଅଟଇ । ମୃତ୍ୟୁ ତାଲିକାରୁ ପ୍ରକାଶ ଯେ ପ୍ରତିବର୍ଷ ସାଢେ ଅଠ କୋଟି ଲୋକର କାଳ ହୁଏ ଓ ପ୍ରତି ଦିନର ମୃତ୍ୟୁ ସଂଖ୍ୟା କି ୧୭୭୬୦ ଣ ହେଉଅଛି । ମାତ୍ର ମୃତ୍ୟୁ ଅପେକ୍ଷା ଜନ୍ମ ଅଧିକ ହେବାରୁ ପୃଥିବୀର ଲୋକସଂଖ୍ୟା ବୃଦ୍ଧି ହେଉଅଛି । ଜନ୍ମ ପ୍ରତିଦିନ ଏକଲକ୍ଷ ଗୋଟିକାର ଘଟଣ ଅଟଇ । ପ୍ରତି ଘଣ୍ଟାରେ କି ୪୩୭୬ ଣ ଜନ୍ମ ହେଉ ଅଛନ୍ତି । ମୋଟ ଲୋକ ସଂଖ୍ୟାମଧ୍ୟରୁ ଏସିଆଖଣ୍ଡର ୮୨୪ ନିୟୁତ ଇଉରୋପର ୩୦୯ ନିୟୁତ, ଅଫ୍ରିକାର ୧୯୯ ନିୟୁତ ଆମେରିକାର ୮୫ ନିୟୁତ ଓ ଅଷ୍ଟ୍ରେଲିଆ ଇତ୍ୟାଦିର ୪ ନିୟୁତ ।

ଜାପାନର ପାଞ୍ଚଜଣ ଯୁବକ ବିଲାତରେ ଶିକ୍ଷାକର ପରୀକ୍ଷୋତ୍ତୀର୍ଣ୍ଣ ହୋଇଅଛନ୍ତି । ଜଣେ ବାର୍ଷିକ ଟ ୫୦୦ ଙ୍କା ଛାତ୍ରବୃତ୍ତି ପାଇଅଛନ୍ତି । ଦୁଇଜଣ ବାରିଷ୍ଟର ଓ ତିନିଜଣ ଇଂଜିନିୟର ହୋଇଅଛନ୍ତି । ଜାପାନଦ୍ୱୀପ ଲୋକଙ୍କର ଅନେକ ବିଷୟରେ ଉନ୍ନତି ଦେଖାଯାଏ । ପ୍ରଶଂସାର ବିଷୟ ।

ଇଞ୍ଜାମର ଗଭିଷ୍ଟଣ କଲେକ୍ଟର ପାଗଳ ହୋଇ ଜଣେ ମୁନ୍ସିଫ ଓ ଅନ୍ୟ ଦୁଇଜଣ ଦେଶୀୟ ଲୋକଙ୍କୁ ଗୁଳିରେ ବଧ ଓ ଜଣକୁ ଆହତ କରିଅଛନ୍ତି । ସେ ଧୃତ ହୋଇ ଦୌରାରେ ଇଞ୍ଜିଆ ଏକାଉଣ୍ଟ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ହୋଇଅଛି ।

ବର୍ତ୍ତମାନର ନବା ନିଜାମଗୋପାଳସେ ବରଦା ମହାରାଣୀ ଙ୍କର ଶ୍ରୀ ଚନ୍ଦ୍ରାନନ୍ଦଙ୍କୁ ଟ ୫୦୦ ଙ୍କା ଦାନ କରିଅଛନ୍ତି ।

ଯେଉଁ ଲୋକ ଯୁଷ୍ଟିସାହେବଙ୍କୁ ଗୁଳିମାରିବାରୁ ଯାଇଅଛି ମାଜିଷ୍ଟ୍ରେଟ ବ ଏଲ ଟପ୍ଟଙ୍କ ନିକଟରେ ଯୋବାନବନ୍ଦୀ ସମୟରେ ସେ ବଡ ହସାଇଥିଲା । ଜାପ୍ଟେନ ଫ୍ଲେଚସାହେବ ପଗ୍ରୁଛିଲେ ତୁମେ ଲଟସ ହେବଙ୍କ ଗାଡିରେ କି ପିସ୍ତୋଲ ଛାଡିଥିଲ ? ଦେଖା କହିଲା ନାହିଁ । ତୁମ୍ଭେକି ସେହି ବନ୍ଧୁକରେ ଗୁଳିମାରିଥିଲ ? ଦେଖା କହିଲା ହଁ ହୋଇପାରେ, କାପ୍ଟେନ ଫ୍ଲେଚସାହେବ ଅଡଲ ଉଙ୍କ ଦେଖାର କହିଲା ସେତେବେଳେ ସେହି ଜଗୃନ୍ଦ୍ରକ ମହୁଅଛନ୍ତି ତେତେବେଳେ ଅବଶ୍ୟ ସଭା ତେବେ ମୋହର ମନକୁ ଆସୁ ନାହିଁ । ଯେବେ ମୁଁ ଗୁଳି ମାରିଥିବ ତେବେ ଗଭର୍ନର ସାହେବ ପାଇଁ ଏହା ଗୁଳି ଯୋଗ ସୁଧା ଲୋକ ଦୃଷ୍ଟିରେ । ଡାକ୍ତରଙ୍କ ପରୀକ୍ଷାରେ ସେ ପାଗଳ ବୋଲି ଜଣାଯିବାରୁ ଦସ୍ତୁର ପ୍ରକାର ହୋଇ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ହେଲା । ସେ ବର୍ତ୍ତମାନ ହାଜତରେ ଅଛି ।

ଆମେରିକାରେ ଜଣେ ଜମଷାଠି ବର୍ଷର ଗୋଟିଏ ବୃଦ୍ଧା ସ୍ତ୍ରୀ ସ୍ୱାମୀର ମୃତ୍ୟୁରେ ୫ ମାସ ଭିତରେ ୨୫ ବର୍ଷ ବାଳକର ପାଣିଗ୍ରହଣ କରି ପିଲାଙ୍କ କୁଳେଜରେ ଲେଖାପଢ଼ା ଶିଖାଇ ଅଛନ୍ତି । ଲୋକେ ଯୋଗ୍ୟଗୁଣ ଗ୍ରହଣ କରିଥାନ୍ତି, ତେଣୁ ଏସ୍ତ୍ରୀର କଥାର କେହି ଶୁଣାନାହିଁ । ଆମେରିକାର ଏହି କଥାହିଁ ଚଳିଥାଏ ।

କଲିକତାରେ ମା ଏ ପରୀକ୍ଷା ଏମାସ ତା ୧ ରିଖରୁ ଏକ ସପ୍ତାହ ପର୍ଯ୍ୟନ୍ତ ହୋଇ ଶେଷ ହୋଇଅଛି ।

ଆମେରିକାରେ ଏକ ପ୍ରକାର ଛତା ପ୍ରସ୍ତୁତ ହୋଇ ଅଛି ଯେ ତାହା ପକେଟ ( ଜେବ ) ମଧ୍ୟରେ ରଖି ଭ୍ରମଣ କରି ଯାଏ ଓ ଆବଶ୍ୟକ ହେଲେ ପାକେଟରୁ ବାହାର କରି ମସ୍ତକ ଉପରେ ଧାରଣ କରି ଯାଏ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ

ମହାଶୟ !

ନର୍ମ୍ମାଲ ସ୍କୁଲରେ ପାଠ ହେବାନିମିତ୍ତ କ୍ଷେତ୍ର-ଏ ସାହିତ୍ୟ ପୁସ୍ତକ ପ୍ରଣୟନପାଇଁ ଟ ୩୦୦୯ ଙ୍କା ପୁରସ୍କାର ମିଳିବାର ବିଜ୍ଞାପନ ଇତିପୂର୍ବେ ଦିଆଯାଇଅଛି, ମାତ୍ର ନର୍ମ୍ମାଲସ୍କୁଲର ପାଠୋପଯୋଗୀ ସାହିତ୍ୟ ପୁସ୍ତକର ନିତାନ୍ତ ଅଭାବ ନାହିଁ, କେବଳ ଯନ୍ତ୍ରବିଜ୍ଞାନ, ଗୋଳକ ଜ୍ୟୋତିଷ ତ୍ରିଭିଦ୍ୱିଶୂର, ବୀଜଗଣିତ ଓ ତ୍ରିକୋଣମିତି ପ୍ରଭୃତି ପୁସ୍ତକମାନ ଓଡ଼ିଆଭାଷାରେ ନ ଥିବାରୁ ସେହି ସବୁ ବିଷୟର ଶିକ୍ଷା ଛାତ୍ରମାନଙ୍କ ପକ୍ଷରେ ବିଶେଷ ଅସୁବିଧା ହେଉଅଛି ଏବଂ ଏ ଦେଶରୁ ବଙ୍ଗଳା ଉଠିଯିବା ସମୟରୁ ଅନେକ ବାଳକ ବଙ୍ଗଭାଷା ଶିକ୍ଷାରୁ ବଞ୍ଚିତ, ସୁତରାଂ ବଙ୍ଗଭାଷାରେ ଲିଖିତ ଉକ୍ତ ପୁସ୍ତକମାନ ପଢିବା ବିଷୟରେ ଅସମର୍ଥ, ଅତଏବ ଆମ୍ଭେମାନେ ଶିକ୍ଷା ବିଭାଗର କର୍ତ୍ତୃପକ୍ଷୀୟମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସାହିତ୍ୟବିଷୟର ପୁରସ୍କାରରୁ କ୍ଷାନ୍ତ ରହି ନହିଁରେ ଉପରୋକ୍ତ ଅଭାବମାନ ପୂରଣ ହେବ ତହିଁରେ ଯତ୍ନଶୀଳ ହେବାର ଉଚିତ, ସାହିତ୍ୟ ଗ୍ରନ୍ଥ ସମ୍ବନ୍ଧରେ କୌଣସି ଯାଉବ, ତାହା ପରମାସହାୟ ସଫଳ ହେବାର ଆଶା ନାହିଁ ପରନ୍ତୁ ଶେଷରେ ଆମ୍ଭେମାନେ କହୁଅଛୁଁ ଯଦ୍ୟପି କର୍ତ୍ତୃପକ୍ଷୀୟମାନେ ସାହିତ୍ୟର ବିଶେଷ ଅଭାବ ଦେଖିଅଛନ୍ତି ଓ ପୁସ୍ତକ ପରୀକ୍ଷା କରିବାର ସମୟ ଉପସ୍ଥିତ ହୋଇଅଛି, ତେବେ ସେମାନଙ୍କୁ ବିଶେଷ ଅନୁରୋଧ ଯେ ଉକ୍ତ ପୁରସ୍କାର ଦ୍ୱାରା ନିଜ ସ୍ୱକପୋଳ କଳ୍ପିତ ନବଗ୍ରନ୍ଥ ସନ୍ନିବେଶିତ ପୁସ୍ତକପ୍ରତି ପ୍ରଦତ୍ତ ହେଉ, ନଚେତ୍ ଅନୁବାଦିତ ପୁସ୍ତକପ୍ରତି ପ୍ରଦାନ କଲେ ଉନ୍ନତଭାଷା ପାଣିକ ଫିଙ୍ଗିଦେଲପରି ହେବ ।

ଆମ୍ଭମାନଙ୍କ ଦେଶରେ ଯେପରି ଅନେକେ ଅନୁବାଦପ୍ରିୟ, ସୁତରାଂ ବଙ୍ଗଳା ଓ ଇଂରାଜୀରୁ ଅନୁବାଦ କରି ଆପଣାକୁ ଗ୍ରନ୍ଥକର୍ତ୍ତାସ୍ୱରୂପ ପରିଚୟ ଦେଖାଇବାରେ ଅସମ୍ମତ ନୁହେଁ । ଅତଏବ ଆମ୍ଭେମାନେ ଡିଏଷ୍ଟ ଇନ୍‌ସ୍ପେକ୍ଟର ଓ କମିଶ୍ନରମହୋଦୟଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ପୁରସ୍କାର ଦେବାର ପୂର୍ବରୁ କାହାର ପୁସ୍ତକର କୌଣସି ଅଂଶ ବା ସମୁଦାୟ କୌଣସି ଇଂରାଜୀ ବା ବଙ୍ଗଳା ଗ୍ରନ୍ଥରୁ ଅନୁବାଦିତ ହୋଇଅଛି କି ନାହିଁ ଏ ବିଷୟରେ ବିଶେଷ ତଦନ୍ତ କରିବେ, ଅଥବା ପରୀକ୍ଷାନିମିତ୍ତ ସ୍ୱତନ୍ତ୍ର କମିଟୀ ନିଯୁକ୍ତ କରିବେ ।

୨୮।୧୨।୭୯ } ଶ୍ରୀ———
କଟକ }

## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ସନ ୧୮୭୯।୮୦ ସାଲର ଉତ୍କଳ ନୂତନପଞ୍ଜିକା ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ତହିଁର ମୂଲ୍ୟ ଟ° ୫ ମୋଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡ଼ା ପୃଥକ୍ ଡାକମାସୁଲ ପଡ଼ିବ ।

କଲିକତା ଓ କଟକର ମଧ୍ୟରେ ମନୁଷ୍ୟ ଯାତାୟାତର ଜାହାଜ ଭଡ଼ା ଗ୍ରେଟ୍ ଇଷ୍ଟର୍ଣ୍ଣ ଷ୍ଟିମ ନେଭିଗେସନ କମ୍ପାନି ପୂର୍ବେ ଯାହା ନେଉଥିଲେ ବର୍ତ୍ତମାନ ତାହା କମ କରିବାରୁ ଉକ୍ତ କମ୍ପାନିର ଏଜେଣ୍ଟ ରୁଲକ୍ ଫେଲଷ୍ଟ କମ୍ପାନି ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛନ୍ତି ଯେ ସେମାନେ ଚଳିତ ଭିତରେ ଜାହାଜ ଭଡ଼ାର ଟିକଟମାନ ଜାରି କରିବାକୁ ପ୍ରସ୍ତୁତ ରହିଲେ ଯଥା;—

| | | | |
|---|---|---|---|
| ପ୍ରଥମଶ୍ରେଣୀ | କଟକଠାରୁ | କଲିକତାକୁ | ଟ ୨୪୮ |
| ଦ୍ୱିତୀୟଶ୍ରେଣୀ | ଏଜନ | ଏଜନ | ଟ ୧୨୫ |
| ଉପରେ ବସିବା ଲୋକ | „ | ଏଜନ | ଟ ୨୮ |

ଉପର ଲିଖିତ ଦର ଦୃଷ୍ଟିରେ କଟକଠାରୁ ଫଲ୍‌ସପଏଣ୍ଟ ଯିବାର ଜାହାଜ ଭଡ଼ା ଖାଦ୍ୟସାମଗ୍ରୀ ଛଡା ଚଳିତ ରୂପେ ନିଆଯିବ ଯଥା;—

| | | |
|---|---|---|
| ୧ମ ଶ୍ରେଣୀ | ଏକଜଣ ଚାକରଙ୍କ ସହିତ | ଟ ୨୯ |
| ୨ୟ ଶ୍ରେଣୀ | „ ଏକ ଚାକର „ | ଟ ୧୧ |
| ଉପରେ ବସିବା ଲୋକ … … … … | | ଟ ୩ |

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଶ୍ରୀସବା କଷ୍ଟେ ଦଉଳା | ଅଗ୍ରିମ | ଟ ୨ୡ |
| ଶ୍ରୀ ଦ୍ୱାରକାନାଥ ଜେନା, ପଦା | „ | ଟ ୩/ |
| ଶ୍ରୀ ପାତ୍ରୀ ରେଇସାହେବ ପିପିଲି | „ | ଟ ୨ୡ |
| ବାବୁ ମଧୁସୂଦନ ପାଡ଼ି ଉରମ | „ | ଟ ୨ୡ |
| ଶ୍ରୀ ଶ୍ରୀ ମହାରାଣୀ ବଦେ ମୟୂରଭଞ୍ଜ | „ | ଟ ୨୧ |
| ମେଃ ଜେ, ଚ, ଗୁପ୍ତ ଜେଲପଡ଼ା | „ | ଟ ୨ୡ |
| ବାବୁ ବ୍ରଜକିଶୋର ଘୋଷ ଜାଜପୁର | „ | ଟ ୨ୡ |
| „ ଗୋପାଳଚନ୍ଦ୍ର ଦାସ କଟକ | „ | ଟ ୨ୡ |
| ଶ୍ରୀ ପାତ୍ରୀ ବୃନ୍ଦାବନ କଟକ | „ | ଟ ୧୦ୡ |
| ବାବୁ ହରମୋହନ ଘୋଷ କଟକ | ବକେୟା | ଟ ୩ |
| „ ଗିରିଧାରୀ ସାହୁ କଟକ | „ | ଟ ୨୧ |
| ଶ୍ରୀ ଶ୍ରୀ ରାଜା ବସ୍ତେ ଘାଇକୁଦ | „ | ଟ ୦୨ୡ |
| ଶ୍ରୀ ମୁରଲୀ ନନ୍ଦନଦାସ | „ | ଟ ୨୧ |
| ବାବୁ ଯଦୁନାଥ ବିଦ୍ୟାରତ୍ନ କଟକ | „ | ଟ ୩୧ |
| „ ଉମାକାନ୍ତ ଦାସ କଟକ | „ | ଟ ୨୧ |
| ମାନ ଉଭୟଲକ୍ଷ୍ମୀ ମୁଗା | „ | ଟ ୨୪ |

ଏହି ଉତ୍କଳଦୀପିକା ପତ୍ରିକା କଟକ ଦରଗାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

ଅତିରକ୍ତ ।

ଉତ୍କଳଦୀପିକା ତା ୧୦ ଇଷ ଜାନୁଏରୀ

ସନ ୧୮୮୦ ମସିହା

---

ସନ ୧୮୭୯ ମସିହାର

...ର୍ଷ୍ଟ ଆର୍ଟସ୍ ଓ ପ୍ରବେଶିକା ପରୀକ୍ଷାର ଫଳ ।

ଫାର୍ଷ୍ଟ ଆର୍ଟସ୍ ।

ପ୍ରଥମ ଶ୍ରେଣୀ ।

| | |
|---|---|
| ...ଲକ୍ଷ୍ମୀନାଥ ବସୁ | କଟକ କଲେଜ |

୨ୟ ଶ୍ରେଣୀ ।

| | |
|---|---|
| ...ଗାଧର ମିଶ୍ର | ,, |
| ...ଲ୍ଲି, ଏ, ପାଠକ୍ରସନ | ,, |

୩ୟ ଶ୍ରେଣୀ ।

| | |
|---|---|
| ...ବାନନ୍ଦ ଅଲ | ,, |

ପ୍ରବେଶିକା ।

ପ୍ରଥମଶ୍ରେଣୀ

୦

ଦ୍ୱିତୀୟଶ୍ରେଣୀ ।

| | |
|---|---|
| ...ଣପତି ଦାସ | ବାଲେଶ୍ୱର |
| ...ଧାମସୁନ୍ଦର ଦାସ | ,, |
| ...ବିଶ୍ୱନାଥ ଦତ୍ତ | ,, |
| ...ଗୀତାନାଥ ଘୋଷ | କଟକ |
| ...ଣିଚରଣ ମହାପାତ୍ର | ବାଲେଶ୍ୱର |
| ...ବାନନ୍ଦ ଅଲ | କଟକ |
| ...ି, କୃଷ୍ଣାଜୀ ରାଓ | କଟକ ଏକାଡେମୀ |
| ...ଦ୍ୟାରସ ଅଲ | କଟକ |

ତୃତୀୟ ଶ୍ରେଣୀ ।

| | |
|---|---|
| ...ଗୋଲକୃଷ୍ଣମଙ୍ଗରାଜ | କଟକ |
| ...ବିହାରୀଲାଲଦାସ | ଲକ୍ଷ୍ମଣନାଥସ୍କୁଲ |
| ...ଜଗନ୍ନାଥଦତ୍ତ | ପୁରୀ |
| ଦ୍ୱାରକାନାଥମହାନ୍ତି | ବାଲେଶ୍ୱର |
| ...ସ୍ୱଧନମିଶ୍ର | କଟକ କଲେଜ |
| ପୂର୍ଣ୍ଣଚନ୍ଦ୍ରପାଲିତ | ,, |
| ଶ୍ୟାମଚରଣବସୁ | ,, |
| ଅନନ୍ତକୃଷ୍ଣତ୍ରିପାଠୀ | ପୁରୀ |

---

Split by PDF Splitter

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

ISTERED No. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଶ
ସ ୩ ଖ୍ୟା

ତା ୧୭ ଦଶ ମାହେ ଜାନୁଏରି ସନ ୧୮୮୦ ମସିହା । ମୂ । ମାଘ ଦ ୭ ଦ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲପାଇଁ ଡାକମାସୁଲ ଟ ୧୷

ଗତ ମାସ ପ୍ରଥମ ତାରିଖରେ କେଉଁଝର ଗଡଠାରେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଅଭ୍ୟର୍ଥନା ହୋଇଥିଲା । ଆମ୍ଭେମାନେ ତହିଁର ବୃତ୍ତାନ୍ତ ବିଳମ୍ବରେ ପାଇ ଥିବାରୁ ଗତ ସପ୍ତାହରେ ଲେଖି ପାରି ନ ଥିଲୁଁ । ବର୍ତ୍ତମାନ ମଧ୍ୟ ତହିଁର ବାହୁଲ୍ୟ ବର୍ଣ୍ଣନା ପ୍ରୟୋଜନ ବୋଧ ହେଉ ନାହିଁ କାରଣ ଏଥିର ଗତ ସମୟର ଅଭ୍ୟର୍ଥନା ବିଷୟରେ ଏତେ କଥା ଲେଖା ଗଲାଣି ଯେ କେବଳ ଅଭ୍ୟର୍ଥନା ହୋଇଥିଲା ଏତିକି କହିଲେ ତହିଁର ସମସ୍ତ ବିବରଣ ପାଠକମାନେ ବୁଝି ନେବେ ଅର୍ଥାତ ସଲାମୀ ତୋପ ନଗର ରୋଷନାଇ ତୋଫଟକ, ବାଦ୍ୟ, ବାଣ ସଜ୍ଜିତମଜଲିସ ସଂସ୍କୃତ ଓ ଭାଷାର ଅଭିନନ୍ଦନ ପଠନ ଇତ୍ୟାଦି ତାହାଙ୍କ କଳ୍ପନାପଟରେ ଏକାବେଳକେ ଅଙ୍କିତ ହେବ । ଫଳତଃ ଏହି ସମସ୍ତ ଯଥାବିଧିରେ ହୋଇଥିଲା । କେବଳ ନାଚ ଗୀତବାଦ ବନ୍ଦ ନ ଥିଲା । କମିଶ୍ନରସାହେବ ସେଥିରେ ପ୍ରୀତହୋଇ ପୁଣି ଭାରତେଶ୍ୱରୀ ପଦ ଗ୍ରହଣର ବାର୍ଷିକଦିନରେ ତାହା ହୋଇଥିବାରୁ ଅଧିକ ଆହ୍ଲାଦିତ ହୋଇଥିବାର ପ୍ରକାଶ କଲେ ଓ ପ୍ରଜାଙ୍କର ହିତଉଦ୍ଦେଶରେ ଉନ୍ନତ କାର୍ଯ୍ୟମାନ କରିବାକୁ ରାଜାଙ୍କୁ ଅନୁରୋଧ କଲେ ।

---

ଗତମାସ ତା ୮ ରିଖରେ ଶ୍ରୀଯୁକ୍ତ କମିଶ୍ନର ସାହେବ ପାଲଲହଡ଼ା ଗଡଠାରେ ପ୍ରବେଶ କଲେ । ସେହିଦିନ ସନ୍ଧ୍ୟାସମୟରେ ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ରାଜଭବନ ସମ୍ମୁଖରେ ସଭା ଏବଂ ମାର୍ଗ ରୋଷନାଇ ଆତସବାଜୀ ଇତ୍ୟାଦି ହୋଇଥିଲା । ଏ ସଭାଟି ଏମନ୍ତ ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଯେ ଅନେକଙ୍କ ମତରେ ଅନ୍ୟାନ୍ୟ ଅନେକ ସଭାଠାରୁ ଅଧିକ ମନୋହର ଦିଶୁଥିଲା । ସଂସ୍କୃତ ଓ ଭାଷା ଅଭିନନ୍ଦନପତ୍ରମାନ ପଠିତ ହେଲା ଉତ୍ତାରୁ ସାହେବମହୋଦୟ କ୍ଷୁଦ୍ର ବକ୍ତୃତାଦ୍ୱାରା ସନ୍ତୋଷ ପ୍ରକାଶ କଲେ ଏବଂ କାବୁଲଯୁଦ୍ଧରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୟଲାଭରେ ରାଜାଙ୍କର ସହାନୁଭୂତି ରାଜଭକ୍ତିର ଚିହ୍ନସ୍ୱରୂପ ଗ୍ରହଣକରି ଆନନ୍ଦିତ ହେଲେ । ପରଶେଷରେ ପତ୍ରଶଭରଣୀଙ୍କର ଢେଙ୍ଗୁବାଦ୍ୟ ସହିତ ନୃତ୍ୟ ଉତ୍ତାରୁ ସଭା ଭଙ୍ଗହେଲା । ତହିଁ ଆରଦିନ ରାଜାଙ୍କର କଚେରୀ ଜେଲ ସ୍କୁଲ ଇତ୍ୟାଦି ପରିଦର୍ଶନକରି ତା ୧୦ ରିଖରେ ସେଠାରୁ ପ୍ରସ୍ଥାନ କଲେ ।

---

ପ୍ରସ୍ତାବିତ ଲାଇସେନ୍ସ ଟାକ୍ସ ବିରୁଦ୍ଧରେ କଲିକତାର ଭାରତବର୍ଷୀୟ ସଭା ଓ ବଣିକ ସଭା ଓ ଅନ୍ୟାନ୍ୟ ସଭାମାନ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପତ୍ରମାନ ପଠାଇ ଅଛନ୍ତି । ଏଥି ମଧ୍ୟରେ କଲିକତା ବଣିକ ସଭାଙ୍କର ଆବେଦନ ଅତି ଉତ୍କୃଷ୍ଟ ଅଟଇ । ସେ ସଭା ବୋଲନ୍ତି ଦୁଇ ଏକ ଟଙ୍କିଆ ଲାଇସେନ୍ସ ଟାକ୍ସ ଛାଡ଼ କରିବାରେ ୨୪ ଲକ୍ଷ ଟଙ୍କା ଆୟ ଊଣା ହୋଇଅଛି ମାତ୍ର ଅଫିମ, ରେଲଗାଡି ଇତ୍ୟାଦିରୁ ଯେତେ ଆୟ ହେବାର ଇଷ୍ଟିମିଟ ହୋଇଥିଲା ତହିଁପ୍ରତି ୧୯୦ ଲକ୍ଷ ଟଙ୍କା ଅଧିକ ପ୍ରାପ୍ତି ହୋଇଅଛି । ଏପରି ସ୍ଥଳେ ଟାକ୍ସ ବୃଦ୍ଧି କରିବାର ଦୂରେଥାଉ ପ୍ରଚଳିତ ଟାକ୍ସକୁ ରଖିବାର ଆବଶ୍ୟକତା ଦିଶୁନାହିଁ । ମନ୍ଦ ଫସଲ ଓ ବାଣିଜ୍ୟର ହ୍ରାସ ଦୃଷ୍ଟିରେ ଦେଶକୁ ସୁସ୍ଥ ରଖିବାର ଆବଶ୍ୟକ । ଏପରି ଅବସ୍ଥାରେ ଓ ବିନା ପ୍ରୟୋଜନରେ ବିରକ୍ତିଜନକ ଟାକ୍ସ ବଢ଼ାଇବାର ଉଚିତ ନୁହେ । ଆମ୍ଭମାନଙ୍କର ମତ ମଧ୍ୟ ଏହିପ୍ରକାର ଓ ଆମ୍ଭେମାନେ ପୁନଶ୍ଚ କହୁଅଛୁଁ ଏ ଟାକ୍ସ ଏକାବେଳକେ ଉଠାଇ ଦେବାର ଉଚିତ । ଷ୍ଟ୍ରାଚି ସାହେବ ବ୍ୟବସ୍ଥାପକ ସଭାରେ ବ୍ୟକ୍ତ କରି ଅଛନ୍ତି ଯେ ପାଞ୍ଚଶତ ଟଙ୍କା ଆୟ ପର୍ଯ୍ୟନ୍ତ ଟାକ୍ସରୁ ଛାଡ଼ ଦେବେ ଆଠଶ ଟଙ୍କା ଟେକ୍ସର ଗୋଟିଏ ଅଧିକା ଶ୍ରେଣୀ କରିବେ ଓ ପ୍ରସ୍ତାବିତ ଆଇନରେ ଅନେକ ପରିବର୍ତ୍ତନ ହୋଇ ପ୍ରଚଳିତ ଆଇନମାନ ଏକ ପ୍ରକାର ବାହାଲ ରହିବ । ଆୟ ବ୍ୟୟର ବଜେଟ ଇଷ୍ଟିମିଟ ପ୍ରସ୍ତୁତ ହେଲା ଉତ୍ତାରେ ଏ ଆଇନର ବିଚାର ହେବ । ଏହେତୁ ଆଗାମୀ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ତାହା ସ୍ଥଗିତ ରହିଲା ।

---

### ବସନ୍ତ ରୋଗ ।

ଏ ନଗରରେ ବସନ୍ତ ରୋଗର ପ୍ରାଦୁର୍ଭାବ ଏପର୍ଯ୍ୟନ୍ତ ଊଣା ହୋଇ ନାହିଁ । ପ୍ରାୟ ପାଞ୍ଚମାସ ହେଲା ଏ ରୋଗ ଏଠାରେ ଲାଗି ରହିଅଛି ଓ

Digitized by srujanika@gmail.com

Split by PDF Splitter



ଏପର୍ଯ୍ୟନ୍ତ କେହି୨ ରୋଗୀ ନଷ୍ଟ ହେଉଅଛନ୍ତି ଓ କେହି୨ ଚକ୍ଷୁ ହରାଉ ଅଛନ୍ତି । ଟିକା ନ ନେଇ ଥିବା ଲୋକ ମାତ୍ରକେ ଏ ରୋଗରୁ ଖଲାସ ହେଉ ନାହାନ୍ତି ଓ ପୂର୍ବେ ଯେଉଁମାନଙ୍କୁ ଟିକାରେ ବା ଇଚ୍ଛାରେ ବସନ୍ତ ହୋଇଥିଲା ସେମାନଙ୍କ ମଧ୍ୟରୁ ମଧ୍ୟ କେତେକ ବ୍ୟକ୍ତି ବର୍ତ୍ତମାନ ଏ ରୋଗରେ ଆକ୍ରାନ୍ତ ହୋଇଅଛନ୍ତି । ଏହା ଭିନ୍ନ ବର୍ତ୍ତମାନ ଯାହାକୁ ବସନ୍ତ ହୋଇ ଥିଲା ତାହାକୁ ମଧ୍ୟ ପୁନର୍ବାର ହେବାର ଗୋଟିଏ ଦୃଷ୍ଟାନ୍ତ ଆମ୍ଭମାନଙ୍କ ଗୋଚରରେ ଅସିଅଛି । ତେଲଙ୍ଗା ବଜାରରେ ଗୋଟିଏ ତିନବର୍ଷର ପିଲାକୁ ପ୍ରଥମେ ୧୫ ଗଣ୍ଡା ପର୍ଯ୍ୟନ୍ତ ଇଚ୍ଛା ବସନ୍ତ ହୋଇ ଥିଲା । ଆରୋଗ୍ୟ ହେବାର ଦ ୧୫।୨୦ ଦିନ ଉତ୍ତାରେ ପୁନର୍ବାର ତାକୁ ବହୁତ ପରିମାଣରେ ବସନ୍ତ ହେଲା । ସେ ପିଲା ଏ ଦ୍ୱିତୀୟ ଆକ୍ରମଣରୁ ଉଦ୍ଧାର ପାଇଅଛି । ଏ ରୋଗର ଏପରି ପ୍ରାଦୁର୍ଭାବ କେବେ ଦେଖା ନ ଥିଲା ।

ଯେଉଁମାନେ ଏ ରୋଗକୁ ଠାକୁରାଣୀ ମଣନ୍ତି ସେମାନଙ୍କର ବିଶ୍ୱାସ ଯେ ଥରେ ଠାକୁରାଣୀ ହେଲେ ଆଉ କେବେ ହୁଏ ନାହିଁ ଓ ଇଂରେଜୀ ଟିକାରେ ଠାକୁରାଣୀ ନ ହୁଏ ବୋଲି ସେମାନଙ୍କର ତହିଁ ପ୍ରତି ଆଗ୍ରହ ହୁଅଇ ନାହିଁ । ସେମାନେ ଉପରୋକ୍ତ ଦୃଷ୍ଟାନ୍ତ ପ୍ରତି ଦୃଷ୍ଟିପାତ କରି ଆପଣାର ଭ୍ରମ ସଂଶୋଧନ କରନ୍ତୁ । ଏ ରୋଗ ସଂକ୍ରାମକରୂପେ ଅତିଶୟ ପ୍ରବଳ ହେଲେ ଟିକା ନେଇଥିବା ବା ଇଚ୍ଛାବସନ୍ତ ହୋଇଥିବା କେହି୨ ବ୍ୟକ୍ତିଙ୍କୁ ମଧ୍ୟ ଆକ୍ରମଣ କରଇ । ଏହା ଅନେକ ସ୍ଥାନରେ ଦେଖା ଯାଇଅଛି ଓ ବର୍ତ୍ତମାନ ଏ ନଗରରେ ପ୍ରତ୍ୟକ୍ଷ ହେଉଅଛି । ତଥାଚ ଆମ୍ଭମାନଙ୍କ ବିବେଚନାରେ ଯଦ୍ୟପି କୌଣସି ପ୍ରକାରର ଟିକା ନ ନେଇ ଥିବା ଲୋକ ଏଠି ନ ଥାନ୍ତେ ତେବେ ଏ ରୋଗର ଏତାଦୃଶ ପ୍ରାଦୁର୍ଭାବ ହୋଇ ନ ଥାନ୍ତା ଓ ଏତେ ପ୍ରାଣୀ ନଷ୍ଟ ହୋଇ ନ ଥାନ୍ତେ କାରଣ ପୂର୍ବେ ଟିକା ନେଇଥିବା ବ୍ୟକ୍ତିଙ୍କୁ ଯେ ବର୍ତ୍ତମାନ ବସନ୍ତ ହୋଇଅଛି ସେମାନଙ୍କ ସଂଖ୍ୟା ଅଳ୍ପ ଅଟଇ । ଥରେ ହେଲେ ବସନ୍ତ ହେବାର ବିଶ୍ୱାସ ଥିବା ପ୍ରତ୍ୟକ୍ଷେ ଲୋକେ ଯେ ପିଲାମାନଙ୍କୁ ଯଥାସମୟରେ ଟିକା ନ ଦିଅନ୍ତି ଆଶ୍ଚର୍ଯ୍ୟର ବିଷୟ । ବର୍ତ୍ତମାନ ଏ ରୋଗ ନିବାରଣର ଉପାୟ ଇଂରେଜୀ ଟିକା ଅଟଇ ଓ ଏଥିର ଯଥାସାଧ୍ୟ ସୁଂବିଧା ମଧ୍ୟ ହୋଇଅଛି ମାତ୍ର ଭ୍ରମ ଓ କୁସଂସ୍କାର ବଶତଃ ଅନେକ ଲୋକଙ୍କର ଏଥିପ୍ରତି ଆପତ୍ତି ରହିଅଛି । ବର୍ତ୍ତମାନ ପାଞ୍ଚ ସାତ [illegible] ଇଂରେଜୀ ଟିକା ନେବାର ତୁଇ ଗୃହବନେ [illegible] ରୋଗରେ ଆକ୍ରାନ୍ତ ହେବାରୁ ସେମାନେ ଏ [illegible]କୁ ସେ ଟିକା ବିରୁଦ୍ଧରେ ଆପତ୍ତି କରନ୍ତି । [illegible] ସେମାନଙ୍କର ଭ୍ରମ ଅଟଇ । ବସନ୍ତ ଏକପ୍ରକାର ବିଷାୟୃନ ଅଟଇ । ତାହା ବାୟୁ ଯୋଗେ ଓ ଅନ୍ୟାନ୍ୟ କାରଣରେ ଶରୀର ମଧ୍ୟରେ ପ୍ରବେଶ କରିବାର କେତେଦିନ ଉତ୍ତାରେ ଦେହ ଉପରେ ବାହାରଇ । କୌଣସି୨ ସ୍ଥଳେ ଏ ରୋଗ ଅନ୍ତରେ ଜାତ ହେବାର ୧୫ ଦିନ ଉତ୍ତାରୁ ଦେହରେ ବାହାରଇ । ଅନ୍ତରେ ରୋଗ ଜାତ ହେଲା ଉତ୍ତାରୁ କୌଣସି ଟିକା ତାହା ନିବାରଣ କରି ନ ପାରେ । ଯେଉଁମାନେ ଇଂରେଜୀ ଟିକା ନେ[illegible] ଗୃହବନେ ଏ ରୋଗରେ ଆକ୍ରାନ୍ତ ହେଲେ ସେମାନଙ୍କ ଶରୀର ମଧ୍ୟରେ ବସନ୍ତର ବିଷ ପୂର୍ବରୁ ପ୍ରବେଶ କରି ଥିଲା ଓ ସେମାନେ ଟିକା ନ ନେଇ ଥିଲେ ମଧ୍ୟ ଏ ରୋଗରେ ଆକ୍ରାନ୍ତ ହୋଇ ଥାନ୍ତେ । ଏହେତୁ ଏ ରୋଗ କୌଣସିଠାରେ ଉଦୟ ହେଲା ମାତ୍ରକେ ସେଠାର ସମସ୍ତ ଲୋକଙ୍କୁ ଇଂରେଜୀ ଟିକା ସତ୍ୱର ନେବାର ଆବଶ୍ୟକ ଏହା ହେଲେ ଏ ରୋଗ ସହଜରେ ନିବାରଣ ହୁଅଇ ।

ବର୍ତ୍ତମାନ ବସନ୍ତ ରୋଗ ମୋଫସଲର ଅନେକ ସ୍ଥାନରେ ଲାଗିବାର ସମ୍ବାଦ ପାଇ ଅଛୁଁ । ଅତଏବ ଆମ୍ଭେମାନେ ଡାକ୍ତର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଯେଉଁ ଗ୍ରାମମାନଙ୍କରେ ବସନ୍ତ ଲାଗିଅଛି ସେ ଗ୍ରାମମାନଙ୍କୁ ମୋଫସଲ ଥାଇ ନିଯୁକ୍ତ ଥିବା ଇଂରେଜୀ ଟିକାଦିଆମାନଙ୍କୁ ପଠାଇବାର ବ୍ୟବସ୍ଥା କରନ୍ତୁ ଏହା ହେଲେ ଅନେକ ଉପକାର ହେବ । ଦେଶୀୟ ଟିକାଦିଆମାନଙ୍କଦ୍ୱାରା ବଡ ଉପକାର ହେବାର ସମ୍ଭବ ନୁହେ ବରଂ ଜଣକ ଯୋଗେ ଅନିଷ୍ଟ ଘଟି ଥିବାର ଶୁଣି ଅଛୁଁ ତାହା ବାରନ୍ତରେ ଉଲ୍ଲେଖ କରିବୁଁ ।

---

## କାବୁଲ ।

କାବୁଲ ନଗରର ଦ୍ୱିତୀୟ ଜୟ ହିନୁ ଏପର୍ଯ୍ୟନ୍ତ ଆଉ କୌଣସିଠାରେ ବିଶେଷ ଯୁଦ୍ଧ ହୋଇ ନାହିଁ ଅନ୍ୟ ସ୍ଥାନମାନ ଅଧିକୃତ ଓ ସୁରକ୍ଷିତ କରିବା କାରଣ ସୈନିକ କର୍ମଚାରୀମାନେ କେତେ୨ ସୈନ୍ୟ ଦେଇ ବିନା ଅବରୋଧରେ ଯାଉଅଛନ୍ତି । ଜେନେରଲ ରବର୍ଟ ସାହେବ ବୋଲନ୍ତି ବିଦ୍ରୋହୀମାନେ ଏଥର ହାରି ଯିବାରୁ ଇଂରେଜଙ୍କର ଆଧିପତ୍ୟ ବଳବତ୍ତର ହୋଇଅଛି ଓ ଦେଶରେ କଏତୂର ଶାନ୍ତି ସ୍ଥାପନ ହୋଇଅଛି । ଯେଉଁ କାବୁଲମାନେ ନଗରରୁ ପଳାଇ ଥିଲେ ସେମାନେ ଫେରି ଆସି ଅତି ଶାନ୍ତ ଭାବରେ ଅଛନ୍ତି ଓ ପ୍ରଚୁର ସାମଗ୍ରୀ ମିଳୁଅଛି ଏବଂ କାବୁଲ ପର୍ଯ୍ୟନ୍ତ ତାରଡାକ ସଂଯୋଗ ହୋଇ ଅଛି ।

ଗତମାସ ତା ୨୬ ରଖରେ ଜେନେରଲ ରବର୍ଟ ସାହେବ କାବୁଲ ପ୍ରଦେଶର ସକଳ ଜାତିରେ କ୍ଷମା ପ୍ରଚାର କରିଅଛନ୍ତି । ସରଦାର ମହମ୍ମଦ ଜାନ, ମିରବଚ୍ଚ, ମୁଷ୍କିଆଲମ, ତାହିର ଖାଁ ଓ ସର୍ଓ୍ୟାନର ଖାଁ ଓ ହୁସେନ ଖାଁର ହତ୍ୟାକାରୀମାନଙ୍କୁ ଛାଡି ଆଉ ସମସ୍ତ ବିଦ୍ରୋହୀମାନଙ୍କୁ କ୍ଷମା ଦିଆ ଯାଉଅଛି । ଏ କ୍ଷମା ପ୍ରଚାର ହେବାରୁ କୋହସ୍ଥାନ, ଲୁଘମନ, ଲୋଗର ପଘମନ ସରଦାରମାନେ ଜେନେରଲ ରବର୍ଟ ସାହେବଙ୍କଠାରୁ ଆସି ଶରଣାଗତ ହେଲେ । ଏ କ୍ଷମା ପ୍ରଚାର ପୂର୍ବେ ୧୫ ଜଣ ବିଦ୍ରୋହୀ ଫାଶୀ ପାଇଥିଲେ । ୟାକୁବ ଖାଁଙ୍କ ପୁତ୍ର ମହମ୍ମଦ ମୁଷା ଖାଁ ନଅରରୁ ପଳାଇ ଘଜନିରେ ଅଛନ୍ତି । ସେ ଫେରି ଆସିଲେ ତାଙ୍କପ୍ରତି ସମ୍ମାନ ସହିତ ବ୍ୟବହାର ହେବା ବିଷୟରେ ରବର୍ଟ ସାହେବ ସମ୍ବାଦ ପଠାଇଅଛନ୍ତି ।

ଏ ମାସ ତା ୯ ରଖରେ ଜେନେରଲ ରବର୍ଟ ସାହେବ ଶେରପୁରରେ ଦରବାର କରିଥିଲେ । ଉପଯୁକ୍ତ ସ୍ଥାନମାନଙ୍କର ସରଦାରମାନେ ଓ କାବୁଲ ନଗରର ପ୍ରଧାନ ବ୍ୟକ୍ତିମାନେ ପ୍ରାୟ ତୁଇଶତ ଉପସ୍ଥିତ ହୋଇଥିଲେ । ପ୍ରଧାନ ସରଦାର ଓ୍ୱାଲି ମହମ୍ମଦ ରବର୍ଟ ସାହେବଙ୍କ ନିକଟରେ ଆସୀନ ହେଲେ । ସେମାନେ ପ୍ରଣିପାତ କଲା ଉତ୍ତାରୁ ରବର୍ଟ ସାହେବ ବକ୍ତୃତା କଲେ ଯେ କାବୁଲଙ୍କପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୟା [illegible] ବନ୍ଧୁଭାବ ଅଛି ଓ ସେମାନଙ୍କ ଜୀବନ ସମ୍ପତ୍ତି [illegible] ଧର୍ମ ପକ୍ଷରେ ହସ୍ତ କ୍ଷେପଣ ନ ହେବ [illegible] ଯେଉଁମାନେ ଶାନ୍ତ ଭାବରେ ରହିବେ ସେମାନଙ୍କୁ କୌଣସି ପ୍ରକାର କ୍ଳେଶ ଦିଆ ନ ଯିବ । କାବୁଲମାନେ ଆକ୍ରମଣ କରି କେବଳ ଆପଣାର କ୍ଷତି କଲେ ଅର୍ଥାତ୍ ସ୍ୱଦେଶୀୟ ଲୋକଙ୍କର ଦ୍ରବ୍ୟ ଲୁଟି ନେଲେ ଓ ଶତ ଲୋକ ଯୁଦ୍ଧରେ ହରାଇଲେ । ସେମାନେ ଏପରି ଆକ୍ରମଣ କରିବା ପ୍ରତ୍ୟକ୍ଷେ ଗବର୍ଣ୍ଣମେଣ୍ଟ ଦୟା ପୂର୍ବକ ସେମାନଙ୍କୁ କଠିନ ଦଣ୍ଡ ନ ଦେଇ କ୍ଷମା ପ୍ରଚାର କଲେ । ଯେଉଁ

Digitized by srujanika@gmail.com

ବାକି ସରଦାରମାନେ ମେଳରେ ନ ମିଶି ଇଂରେଜଙ୍କ ସମ୍ମୁଖରେ ଥିଲେ ଗବର୍ଣ୍ଣର ସାହେବ ସେମାନଙ୍କ ପ୍ରତି ସନ୍ତୋଷ ପ୍ରକାଶ କଲେ ଓ ଧନ୍ୟବାଦ ଦେଲେ ମଧ୍ୟ ଖିଲାତ ପ୍ରଦାନ କଲେ । କୋହସ୍ତାନୀମାନଙ୍କ ପ୍ରାର୍ଥନା ମତେ ଗବର୍ଣ୍ଣର ସାହେବ ସରଦାର ସାହାବାଜଖାଙ୍କୁ କୋହସ୍ତାନର ଗବର୍ଣ୍ଣର ନିଯୁକ୍ତ କଲେ ।

ତଥାପି ଉଦ୍‌ବେଗ ଶାନ୍ତ ହେଉ ନାହିଁ । କାରଣ କେତେକ ଦିନ ହେଲା ମହମ୍ମଦମାନେ କାବୁଲ ନଗର ଛାଡ଼ିରେ ଲୁଣ୍ଠ ହେଉ ଅଛନ୍ତି ଓ ସେମାନଙ୍କର କ ଅଭିପ୍ରାୟ ଅଛି ନିଶ୍ଚୟ ଜଣା ଯାଇ ନାହିଁ । ଘଜନୀରେ ମଧ୍ୟ କେତେକ ବିଦ୍ରୋହୀ ଠୁଳ ହେବାର ସମ୍ବାଦ ଆସି ଅଛି । ଏବଂ କେହି ୨ ସରଦାର ଏପର୍ଯ୍ୟନ୍ତ ଇଂରେଜଙ୍କର ବିରୁଦ୍ଧରେ ଅଛନ୍ତି ! ଯଦ୍ୟପି ଅନେକ ସରଦାର ଶରଣାଗତ ହୋଇ ଅଛନ୍ତି ସେମାନଙ୍କ ପ୍ରତି ବିଶ୍ୱାସ ନାହିଁ । କାବୁଲମାନଙ୍କର ନୀତି ଜ୍ଞାନ ବା ବଚନର ଠିକ ନାହିଁ ସେମାନେ ସ୍ୱଭାବତଃ ଦୁଷ୍ଟ ଓ ବିଶ୍ୱାସଘାତକ । ସେମାନେ ଆଜ ଯେଉଁ ସରଦାର ପକ୍ଷରେ ହୋଇ ଥାନ୍ତି କାଲି ତାହା ବିପକ୍ଷ ହୋଇ ଯାନ୍ତି । ଅନେକେ ଗତ ନବମ୍ବର ମାସ ଶେଷରେ ଇଂରେଜଙ୍କର ସପକ୍ଷ ହୋଇ ଥିଲେ ମାତ୍ର ଏକ ପକ୍ଷ ଗତ ନ ହେଉଣୁ ପୁଣି ବିପକ୍ଷ ହୋଇ ଗଲେ । ବର୍ତ୍ତମାନ ଯେଉଁମାନେ ଶରଣାଗତ ହୋଇ ଅଛନ୍ତି ସେମାନେ ଯେ ପୁଣି ଲୁଣ୍ଠ ହେଉ ଥିବା ବିଦ୍ରୋହିଙ୍କ ସଙ୍ଗେ ନ ମିଶିବେ ଏହା କିଏ କହି ପାରେ । କେବଳ ,ସେମାନେ ପୁନଃ ୨ ପରାସ୍ତ ହେଲେ ଯାଇଁ ଆୟତ୍ତ ଓ ଶାସିତ ହେବେ । ଓ ଏହା କରିବାକୁ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଯେ ସମ୍ପୂର୍ଣ୍ଣରୂପେ ସମର୍ଥ ଏଥିରେ କିଛି ସନ୍ଦେହ ନାହିଁ ।

---

ଏଲ୍, ଏ, ଓ ପ୍ରବେଶିକା ପରୀକ୍ଷା ।

ଏ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଶାର ଛାତ୍ରମାନଙ୍କର ନାମ ଗତସପ୍ତାହ ଅତି ଉକ୍ତ ପତ୍ରିକାରେ ପ୍ରକାଶ କରିଅଛୁଁ । ସମୁଦାୟ ବଙ୍ଗବିଭାଗରେ ଏଲ, ଏ, ପରୀକ୍ଷାର୍ଥୀ ଜ୧୦୪୦ ଜଣଙ୍କ ମଧ୍ୟରୁ ପ୍ରଥମଶ୍ରେଣୀରେ ଜ ୫୭ ଣ, ଦ୍ୱିତୀୟଶ୍ରେଣୀରେ ଜ୧୧୨ଣ ଓ ତୃତୀୟଶ୍ରେଣୀରେ ଜ୧୭୫ଣ ମୋଟ ଜ ୩୨୦ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏ ଫଳ ଅତି ଅସନ୍ତୋଷଜନକ ଅଟଇ । ପ୍ରବେଶିକା ପରୀକ୍ଷାର୍ଥୀ ଜ ୨୨୧୭ ଣ ମଧ୍ୟରୁ ୧ମ ଶ୍ରେଣୀରେ ଜ ୧୧୪ ଣ, ୨ୟ ଶ୍ରେଣୀରେ ଜ ୫୩୦ ଣ, ଓ ୩ୟ ଶ୍ରେଣୀରେ ଜ ୪୨୫ ଣ ମୋଟ ଜ ୧୦୬୯ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏହା ମଧ୍ୟ ସନ୍ତୋଷଜନକ ନୁହେ । ଏଥିରୁ ବୋଧ ହୁଏ ଯେ ଶିକ୍ଷକମାନେ ଛାତ୍ରମାନଙ୍କୁ ଉତ୍ତମରୂପେ ପ୍ରସ୍ତୁତ ନ କରି ପରୀକ୍ଷାର୍ଥୀ କରୁଅଛନ୍ତି ।

ଓଡ଼ିଶାରେ କଟକ କଲେଜର ଜ ୮ ଣ ଏଲ୍, ଏ, ପରୀକ୍ଷାର୍ଥିଙ୍କ ମଧ୍ୟରୁ ଜ୪ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ଉପର୍ଯ୍ୟୁକ୍ତ ମୋଟ ଫଳର ତୁଳନାରେ ଏହା ସନ୍ତୋଷଜନକ ଅଟେ ମାତ୍ର ଗତବର୍ଷ ଏହି କଲେଜର ଜ୮ଣ ଉତ୍ତୀର୍ଣ୍ଣ ହୋଇଥିଲେ ତହିଁ ତୁଳନାରେ ଏ ବର୍ଷର ଫଳ ଅପ୍ରଶଂସନୀୟ ହେଉଅଛି । କଲେଜ ହେବାପୂର୍ବେ ହାଇସ୍କୁଲର ଫଳ ଏହିପ୍ରକାର ଥିଲା । କଲେଜ ହୋଇ ଆଉ କ ଲାଭ ହେଲା । ଏ ପର୍ଯ୍ୟନ୍ତ କେହି ଛାତ୍ର ବି,ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ ଓ ଏବର୍ଷ କେବଳ ଦୁଇ ଜଣଛାତ୍ର ପରୀକ୍ଷା ଦେଇଅଛନ୍ତି । ଏପରୀକ୍ଷାର ଫଳ ପ୍ରକାଶ ହେଲାରୁ କଲେଜପକ୍ଷରେ ଆମ୍ଭମାନଙ୍କର ମତାମତ ପ୍ରକାଶ କରିବୁଁ । ଯେଉଁ ଜଣକ ଏଲ୍, ଏ, ପରୀକ୍ଷାର ପ୍ରଥମଶ୍ରେଣୀରେ ପାଶ କରିଅଛି ସେ ବଙ୍ଗଦେଶରେ ଶିକ୍ଷ କରି ଆସି ଏଠା କଲେଜରେ ମାଏସମ ତ ପଢିଥିଲା ।

ଓଡ଼ିଶାରେ ଜ୩୪ଣ ପ୍ରବେଶିକା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜ୧୬ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି କିନ୍ତୁ ଜଣେମାତ୍ର ପ୍ରଥମଶ୍ରେଣୀରେ ପାଶ କରି ନ ଥିବାର ଅପ୍ରଶଂସନୀୟ ଅଟଇ । ଏଠା କଲେଜିଏଟ୍ ସ୍କୁଲର ଜ୧୪ଣଙ୍କ ମଧ୍ୟରୁ ଜ୭ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏ ଫଳ ମନ୍ଦ ନୁହେ ମାତ୍ର ଗତବର୍ଷ ଜ୧୧ଣଙ୍କ ମଧ୍ୟରୁ ଜ୧୦ଣ ପାଶ କରିଥିଲେ । ଏ ତୁଳନାରେ ଓ ପ୍ରଥମଶ୍ରେଣୀର ଛାତ୍ରସଂଖ୍ୟା ଦୃଷ୍ଟିରେ ଏ ଫଳ ମନ୍ଦ ଓ ଅସନ୍ତୋଷଜନକ ହେଉଅଛି । ଗତବର୍ଷ ପ୍ରାୟ ଜ୪୦ଣ ଛାତ୍ର ଥିଲେ ସେମାନଙ୍କ ମଧ୍ୟରୁ ଜ୧୦ଣମାତ୍ର ପାଶ କଲେ ଏବର୍ଷ ମଧ୍ୟ ସେହିସଂଖ୍ୟକ ଛାତ୍ର ଥିଲେ କିନ୍ତୁ ଜ୭ଣମାତ୍ର ଉତ୍ତୀର୍ଣ୍ଣ ହେଲେ । ଏଥିରୁ ବୋଧ ହୁଏ ଯେ ସେ ଶ୍ରେଣୀରେ ଅନେକ ଛାତ୍ର ଥିବାରୁ ସେମାନଙ୍କର ଶିକ୍ଷା ଭଲ ହେଉ ନାହିଁ ଓ ହୋଇ ନ ପାରେ । ଆମ୍ଭେମାନେ ବୋଧକରୁଁ ନିମ୍ନଶ୍ରେଣୀରୁ ଉପରଶ୍ରେଣୀକୁ ଛାତ୍ର ଉଠାଇବାରେ ବିହିତ ବିବେଚନା ନ ହେବାରୁ ଅନେକଗୁଡ଼ିଏ ଅନୁପଯୁକ୍ତ ଛାତ୍ର ସେ ଶ୍ରେଣୀରେ ରହିଯାଇଅଛନ୍ତି । ଏଥିପକ୍ଷରେ ଶିକ୍ଷକମାନଙ୍କର ସତର୍କ ହେବା ଉଚିତ କିମ୍ବା ଯେପରି ସେମାନଙ୍କର ଶିକ୍ଷା ଭଲ ହୁଏ ସେପରି କିଛି ବ୍ୟବସ୍ଥା କରିବାର ଆବଶ୍ୟକ । ପ୍ରଥମଶ୍ରେଣୀରେ ଛାତ୍ର ବେତନ ମାସିକ ଟ ୩୧ ଙ୍କା । ଏତେ ବେତନ ଦେଇ ଭଲ ଶିକ୍ଷା ନ ପାଇବା ଓ ଦୁଇ ତିନବର୍ଷ ସେ ଶ୍ରେଣୀରେ ପଡ଼ିରହିବା ବଡ଼ କଷ୍ଟକର ଓ ଅସନ୍ତୋଷଜନକ ଅଟଇ ।

ବାଲେଶ୍ୱରରେ ଗତବର୍ଷ ଜ୭ଣ ମଧ୍ୟରୁ ଜ୪ଣ ପାଶ କରିଥିଲେ ଏବର୍ଷ ଜ୧୦ଣ ମଧ୍ୟରୁ ଜ୪ଣ ୨ୟଶ୍ରେଣୀରେ ଓ ଜ୧ଣ ୩ୟଶ୍ରେଣୀରେ ଏରୂପ ଜ୫ଣ ପାଶ କରି ଅଛନ୍ତି । ଏହା ଏକପ୍ରକାର ସନ୍ତୋଷଜନକ ଅଟଇ । ଗତବର୍ଷ ପୁରୀର ଜ୬ଣ ମଧ୍ୟରୁ ଜ୩ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ୩ଣ ମଧ୍ୟରୁ ଦୁଇଜଣ କେବଳ ୩ୟଶ୍ରେଣୀରେ ପାଶ କରିଅଛନ୍ତି । କଟକ ଏକେଡେମି ଅର୍ଥାତ୍ ପ୍ୟାରୀବାବୁଙ୍କ ସ୍କୁଲର ଜ୬ଣ ମଧ୍ୟରୁ ଜଣେମାତ୍ର ପାଶ କରିଅଛି କିନ୍ତୁ ସେ ସ୍କୁଲର ଅବସ୍ଥା ଦୃଷ୍ଟିରେ ଏ କିଞ୍ଚିତ ଫଳ ଅପ୍ରଶଂସନୀୟ ନୁହେ । ବାଲେଶ୍ୱରଜିଲା ଲକ୍ଷ୍ମଣନାଥ ସ୍କୁଲର ଜଣେ ୩ୟଶ୍ରେଣୀରେ ପାଶ କରିଅଛି । ସମୁଦାୟ ଓଡ଼ିଶାଦେଶରେ ଗତବର୍ଷ ଜ୧୭ଣ ଓ ଏବର୍ଷ ଜ୧୬ଣ ପରୀକ୍ଷୋତ୍ତୀର୍ଣ୍ଣ ହେବା ପ୍ରଶଂସନୀୟ ନୁହେ ଓ ଏଥିରେ କଲେଜ କିପରି ପୂର୍ଣ୍ଣ ରହିବ । ତୁଳନାକ୍ରମେ ବାଲେଶ୍ୱର ସ୍କୁଲର ଫଳ ଏବର୍ଷ ଭଲ ହୋଇଅଛି ।

---

# ସାପ୍ତାହିକସଂବାଦ ।

ଏଠାରେ ଡାକ୍ତରଖାନାର କର୍ମସକାଶେ ଦ୍ୱିତୀୟ ସବ୍‌ଡେପୁଟୀ କର୍ମରେ ବାବୁ ବଳରାମଦାସ ନିଯୁକ୍ତ ହୋଇଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ଅଙ୍କରେ “ ଦାସ ” ପରିବର୍ତ୍ତେ “ ବୋସ” ଲେଖା ଥିବାରୁ ତହିଁର ସଂଶୋଧନ ନିମିତ୍ତ ଆବେଦନ ହୋଇଅଛି ବଳରାମବାବୁ ଏକର୍ମର ଭାର ଗ୍ରହଣ କରି ନାହାନ୍ତି ।

ବାଲେଶ୍ୱର ସ୍କୁଲର ହେଡମାଷ୍ଟର ଶ୍ରୀବାବୁ ଦ୍ୱିଜଦାସ ଦତ୍ତ ଏମ, ଏ, ନିକଟରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ତହିଁରେ ସେ ପ୍ରମାଣ କଲେ ଯେ ଓଡ଼ିଆଭାଷା ବଙ୍ଗଳାଭାଷାର ଅପଭ୍ରଂଶ ନୁହେଁ ବରଂ ମାତୃଭାଷା ସଂସ୍କୃତ ସହିତ ବଙ୍ଗଳାଅପେକ୍ଷା ଓଡ଼ିଆର ନିକଟତର ସମ୍ବନ୍ଧ ଅଛି ଯଥା

| ସଂସ୍କୃତ | ଓଡ଼ିଆ | ବଙ୍ଗଳା |
| --- | --- | --- |
| କର୍ଦଳୀ | କଦଳୀ | କଲା |
| ଅସ୍ତି | ଅଛି | ଅଛେ |
| କୁର୍ବନ୍ତି | କରନ୍ତି | କରେନ |

ଆମ୍ଭମାନଙ୍କ ବିବେଚନାରେ ବାବୁ ଯଥାର୍ଥ କହିଅଛନ୍ତି । ଏଥିପୂର୍ବେ ବାବୁ ମହୋଦୟ ଇଂରେଜୀ ଓ ବଙ୍ଗଳାରେ

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୧୭ ରଖ ଜାନୁଏରୀ ସନ ୧୮୮୦ ମସିହା ।

## ପ୍ରେରିତ ପତ୍ର ।

ଅଶେଷ ଗୁଣାକର ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନ ଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ଉତ୍କଳ ବିଖ୍ୟାତ ପତ୍ରିକାର ପାର୍ଶ୍ୱେକ ସ୍ଥାନଦାନ କରି ବାଧିତ କରିବେ ।

ସମ୍ପ୍ରତି ସହର ଓ ମୋଫସଲରେ ବସନ୍ତ ରୋଗ ଅତ୍ୟନ୍ତ ପ୍ରବଳ ହୋଇଥିବା ହେତୁ ତତ୍ପ୍ରତୀକାର ଓ ନିବାରଣୋପାୟ ସର୍ବସାଧାରଣ ଜନଗଣଙ୍କୁ କହିହ ବୁଝାଇବା କାରଣ ଏ ପତ୍ରିକାରେ ପ୍ରକାଶ କରିବା ଆମ୍ଭର ଆଭ୍ୟନ୍ତରିକ ମାନସ ଅଟଇ ।

ପୂର୍ବକାଳେ ନାନା ଦେଶେ ବସନ୍ତ ବ୍ୟାଧି ଉତ୍ପନ୍ନ ହେବା ସମୟେ ଉକ୍ତ ରୋଗ ଅସଂଖ୍ୟ ଲୋକଙ୍କୁ ଆକ୍ରମଣ କରି ଅନେକ ପ୍ରାଣିଙ୍କ ପ୍ରାଣ ନଷ୍ଟ କଲା, ସେ ସମୟେ ଏ ରୋଗର କୌଣସି ଉପାୟ ନ ଥିଲା, ତଦପରେ ଜଣାଗଲା ଯେ ଉପଯୁକ୍ତ ସମୟରେ ବସନ୍ତ ଫୋଟକରୁ ପୂଜ ନେଇ ଶରୀର ଚର୍ମ୍ମ ତଳେ ପ୍ରବିଷ୍ଟ କଲେ କେବେ୨ ସେହି ରୋଗ ମୃଦୁରୂପେ ଉଠି ତାଦୃଶ କ୍ଷତିଜନକ ନୋହିଲା, ମାତ୍ର ସର୍ବ ସମୟେ ତଦ୍ରୂପ ନୋହି କେବେ୨ ରୋଗ ପ୍ରବଳରୂପେ ଉଠି ଉଣାଧିକରୂପେ କ୍ଷତି କରାଉ ଥିଲା ଏହି ପୂର୍ବୋକ୍ତ ପ୍ରଣାଳୀ ଅଦ୍ୟାବଧି ଦେଶୀୟ ଟିକାଦାରବର୍ଗ ବ୍ୟବହାର କରୁଅଛନ୍ତି, ଏଥିରେ ଉଣାଧିକରୂପେ କ୍ଷତି ଜନ୍ମୁଲେହେଁ ଏହା ବ୍ୟବହାର ନ କରିବା ବ୍ୟକ୍ତିଙ୍କଠାରୁ ଯେଉଁମାନେ ଦେଶୀ ଟିକା ଗ୍ରହଣ କରନ୍ତି ସେମାନେ ଅଳ୍ପକଷ୍ଟ ଉପକାର ପାଆନ୍ତି, ତଥାଚ ଦେଶୀ ଟିକାରେ ନିମ୍ନ ଲିଖିତ ମନ୍ଦ ଫଳମାନ ଜନ୍ମଇ ଯଥା;—

୧ମ । ଦେଶୀ ଟିକାର ବହନ କେବଳ ବସନ୍ତ ରୋଗର ପୂଜ ଅଟେ, ଏଣୁ ଏହା ଯେତେକାଳ ପର୍ଯ୍ୟନ୍ତ ବ୍ୟବହାର କରା ଯାଉଥିବ ସେତେକାଳ ପର୍ଯ୍ୟନ୍ତ ବସନ୍ତ ରୋଗ ଲୋପ ନୋହିବ ।

୨ୟ । ଦେଶୀ ଟିକାରୁ ଉପକାର ପାଇବା ନିମିତ୍ତେ ଯେଉଁ ଗୃହ ବା ଗ୍ରାମରେ ବ୍ୟବହାର କରାଯାଏ, ସେ ସ୍ଥାନରେ ଦୈବବଶତଃ ଭଲା ବସନ୍ତ ଉତ୍ପନ୍ନ ହେବାର ଅଧିକ ସମ୍ଭାବନା ।

୩ୟ । ଯେଉଁମାନଙ୍କୁ ଦେଶୀ ଟିକା ଦିଆଯାଏ ସେମାନଙ୍କଠାରେ ପ୍ରକୃତ ବସନ୍ତ ଜନ୍ମି କେବେ କେବେ ଚକ୍ଷୁ ଅଙ୍ଗ ପ୍ରତ୍ୟଙ୍ଗାଦି ଓ ପ୍ରାଣ ପର୍ଯ୍ୟନ୍ତ ମଧ୍ୟ ନଷ୍ଟ କରଥାଏ ।

ବିଲାତରେ ସୁଦ୍ଧା ପୂର୍ବ କାଳରେ ଏପ୍ରକାର ଦେଶୀ ଟିକା ବ୍ୟବହୃତ ହେଉଥିଲା, କାରଣ ଉକ୍ତ ହୋଇଅଛି ଯେ କୌଣସି ଟିକା ବ୍ୟବହାର ନ କରିବାଠାରୁ ଦେଶୀ ଟିକା ଯତ୍ସାମାନ୍ୟରେ ଉଣାଧିକରୂପେ ଉପକାରକ, ମାତ୍ର ଉପରୋକ୍ତ ମନ୍ଦଫଳ ଏହାଦ୍ୱାରା ଘଟିବାରୁ ଲୋକମାନେ ବସନ୍ତରୁ ସମ୍ପୂର୍ଣ୍ଣରୂପେ ରକ୍ଷା ପାଇଲେ ନାହିଁ । ଏମନ୍ତ ସମୟରେ ଶ୍ରୀଯୁକ୍ତ ଏଡ୍‌ୱାର୍ଡ ଜେନର ସାହେବ ବିଲାତରେ ଦେଖିଲେ ଯେ, ତଦ୍ଦେଶସ୍ଥ ଗୋଦୁହଣୀମାନଙ୍କୁ ବସନ୍ତ ରୋଗ କେବେହେଁ ଆକ୍ରମଣ କରି ନାହିଁ ତହା କରୁ ନାହିଁ; ଉକ୍ତ ମହାତ୍ମା ଏହା ସନ୍ଦର୍ଶନ କରି ତତ୍ତ୍ୱାନୁସନ୍ଧାନ ଦ୍ୱାରାରେ ପ୍ରକାଶ କଲେ ଯେ ଗାଈ ଦୁହିଁଲା ବେଳେ ଗାଈ ପହାସ୍ଥ ବସନ୍ତ ବୀଜ ( ରସ ) ଗୋଦୁହଣୀମାନଙ୍କ ହାତରେ ଲାଗି ଟିକା ସ୍ୱରୂପେ ଉଠିବାରୁ ସେମାନେ ବସନ୍ତ ରୋଗରୁ ସମ୍ପୂର୍ଣ୍ଣରୂପେ ରକ୍ଷା ପ୍ରାପ୍ତ, ପୁଣି ସେହି ଟିକାଦ୍ୱାରା ସେମାନଙ୍କର କୌଣସି କଷ୍ଟ ବା ଅନିଷ୍ଟ ନୋହିଲା । ସେହି ଦିନାବଧି ବସନ୍ତ ରୋଗର ଏପରି ଗୋଟିଏ ନୂତନ ପ୍ରତୀକାର ଆବିଷ୍କୃତ ହୋଇଅଛି ଯାହାକୁ ଇଂରାଜୀ ବ୍ୟାକ୍‌ସିନେସନ୍ ( ଗୋବୀଜ ଟିକା) କହନ୍ତି ।

ଦେଶୀୟ ଟିକାଠାରୁ ଗୋବସନ୍ତ ବୀଜର ( ଇଂରାଜୀ ) ଟିକାର ଉତ୍ତମ ଫଳ କ୍ରମେ ଲେଖାଗଲା ।

୧ମ । ଇଂରାଜୀ ଟିକାର ବହନ ଇତ୍ୟା ବସନ୍ତର ପୂଜ ନୁହଇ, ଏହା ଗୋଟିଏ ପୃଥକ୍ ପଦାର୍ଥ ଅର୍ଥାତ୍ ଗୋବସନ୍ତର ବୀଜ ଅଟେ, ସମସ୍ତେ ଏହାକୁ ବ୍ୟବହାର କଲେ ବସନ୍ତ ରୋଗ ଏକା ବେଳକେ ବିଲୁପ୍ତ ହୋଇ ପାରଇ ।

୨ୟ । ଏହି ବହନ ଚର୍ମ୍ମର ଯେଉଁ ସ୍ଥାନରେ ପ୍ରବିଷ୍ଟ କରାଯାଏ କେବଳ ସେହି ସ୍ଥାନରେ ଫୋଟକ ପ୍ରକାଶ ପାଏ, ଶରୀରର କୌଣସି ଅନିଷ୍ଟ କରଇ ନାହିଁ କେବଳ ଅତ୍ୟଳ୍ପ ଜ୍ୱର ନିୟମିତ ସମୟେ ପ୍ରକାଶ ପାଏ, ଦେଶୀ ଟିକାଦ୍ୱାରା ସର୍ବ ଶରୀରରେ ବସନ୍ତ ଉଣାଧିକ ପରିମାଣରେ ବହିର୍ଗତ ହୁଅଇ, ପୁଣି ଅଧିକ ଜ୍ୱର ଓ ବ୍ୟାକୁଳତା ହୋଇଥାଏ ।

୩ୟ । ଛୋଟ ପିଲାମାନଙ୍କୁ ଅର୍ଥାତ୍ ପଞ୍ଚଦଶ ଦିବସର ପିଲାକୁ ଇଂରାଜୀ ଟିକା ନିରାପଦେ ଦିଆଯାଇ ପାରଇ ।

୪ର୍ଥ । ଥରେ ଇଂରାଜୀ ଟିକା ଦିଆଯାଇ ଉତ୍ତମରୂପେ ଉଠିଲେ ବସନ୍ତ ରୋଗରୁ ଯାବଜ୍ଜୀବନ ପର୍ଯ୍ୟନ୍ତ ରକ୍ଷା ମିଳ ପାରେ, ଦୈବ ବଶରୁ ବସନ୍ତ ଉଠିଲେହେଁ କେବଳ ସାମାନ୍ୟରୂପେ ଆକ୍ରମଣ କରଥାଏ ।

୫ମ । ଏହି ବୀଜ କେବଳ ଚର୍ମ୍ମର ଅବ୍ୟବହିତ ନିମ୍ନରେ ସାମାନ୍ୟ ଛିଦ୍ରଦ୍ୱାରା ଶରୀରସ୍ଥ ହୁଏ, ତେଣୁ କରି ପିଲାଙ୍କୁ ଦେଶୀ ଟିକା ପରି କ୍ଳେଶ ବୋଧ ହୁଏ ନାହିଁ ।

୬ଷ୍ଠ । ଯଦ୍ୟପି ମନରେ କୌଣସି ସନ୍ଦେହ ହୁଏ ଯେ ପ୍ରଥମବାର ଟିକାଦ୍ୱାରା ଶରୀର ବସନ୍ତ ରୋଗରୁ ରକ୍ଷା ପାଇ ନ ପାରେ ବୋଲି, ତେବେ ଦୁଇ ତିନିଥର ଏହି ଟିକା ବ୍ୟବହାର କଲେ ମଧ୍ୟ କୌଣସି କ୍ଷତି ନାହିଁ । ଦ୍ୱିତୀୟଥର ଉଠିଲେ ଜଣାଯିବ ଯେ ପ୍ରଥମ ଥର ଟିକା ଭଲ ଉଠି ନ ଥିଲା, ଦ୍ୱିତୀୟଥର ନ ଉଠିଲେ ଜଣାଯିବ ଯେ ଶରୀର ବସନ୍ତ ରୋଗରୁ ରକ୍ଷା ପାଇଅଛି ।

୭ମ । ଇଂରାଜୀ ଟିକା ନେଲେ ପିଲାମାନଙ୍କୁ ଶୀତ କାଳରେ ଶୀତଳ ଜଳରେ ପ୍ରାତଃକାଳରେ ସ୍ନାନ କରାଇବା ଓ କୌଣସି ନିୟମ ପ୍ରତିପାଳନ କରିବାର ଆବଶ୍ୟକ ନାହିଁ, ଏହା ଆପେ ଉଠି ଆପେ ଶୁଖି ଯାଏ, ଏ ହେତୁ ପିତାମାତାଙ୍କର କୌଣସି ବ୍ୟୟ ଓ କଷ୍ଟ ହୁଏ ନାହିଁ ।

ବସନ୍ତ ରୋଗର ଦୁର୍ଦ୍ଦଶା ଓ ମନ୍ଦ ଫଳ ଆଜ ତାହା ପ୍ରକାଶ କରିବାର ଅନାବଶ୍ୟକ ଅଟେ, ରୋଗୀର ନିଜର ବେଦନା କ୍ଳେଶ ବର୍ଣ୍ଣନାତୀତ, ଯେଉଁମାନେ ଏହି ରୋଗ ଥରେ ଭୋଗିଅଛନ୍ତି ବା ଦେଖିଛନ୍ତି ସେମାନେ ଏହାର କ୍ଳେଶାଦି

Digitized by srujanika@gmail.com

Split by PDF Splitter



ଅନୁଭବ କରୁଥିବେ; ଏ ରୋଗରୁ ବଞ୍ଚିଲେ ମଧ୍ୟ ଶରୀରର ସୌନ୍ଦର୍ଯ୍ୟ ବିଲୋପ ହୋଇଥାଏ, ପୁଣି କେବେ୨ ଚକ୍ଷୁ ନଷ୍ଟ ଓ ଅଙ୍ଗ ପ୍ରତ୍ୟଙ୍ଗାଦି ଅକର୍ମଣ୍ୟ ହୋଇଥାଏ, ଏ ରୋଗଦ୍ୱାରା ଶାରୀରିକ ଦୁର୍ବଳତା ଏତେ ଅଧିକ ହୁଏ ଯେ ସାମାନ୍ୟ କାରଣରେ ମଧ୍ୟ ମୃତ୍ୟୁ ଉପସ୍ଥିତ ହୁଏ, ଏଥିରେ ଯେ କେବଳ ରୋଗୀ ସ୍ୱତ ମନ୍ଦ ହୁଅନ୍ତି ଏମନ୍ତ ନୁହଇ, ଏହା ଏମନ୍ତ ସ୍ପର୍ଶାକ୍ରମକ ଓ ସଂକ୍ରାମକ ରୋଗ ଯେ ଗୃହ ମଧ୍ୟରେ ଜଣକୁ ହେଲେ ସେ ଗୃହବାସୀ ଅନ୍ୟାନ୍ୟ ଲୋକଙ୍କୁ ଓ ଗ୍ରାମସ୍ଥ ଲୋକଙ୍କୁ ସୁଦ୍ଧା ଆକ୍ରମଣ କରଇ । ଏ ରୋଗଦ୍ୱାରା ଗ୍ରାମକୁ ଗ୍ରାମ ନଷ୍ଟ ହୋଇଥିବା ଦେଖା ଶୁଣା ଅଛି । ଏପରି ଭୟାନକ ରୋଗ ଦେଶ ବ୍ୟାପକ ହେବା ସମୟେ ଏହାର ନିବାରଣ କାରୀ ପ୍ରତୀକାର ଅର୍ଥାତ୍ ଇଂରାଜୀ ଟିକା ଥାଉଁ୨ ଲୋକମାନେ ଏହି ପ୍ରତୀକାରକୁ ଗ୍ରହଣ ନ କରିବାରୁ ରୋଗରୁ ରକ୍ଷା ନ ପାଇ ଅଶେଷ କଷ୍ଟ ଭୋଗୀ ଅବଶେଷେ ମୃତ୍ୟୁ ମୁଖରେ ନିପତିତ ହେଉଛନ୍ତି, ଏହା ବଡ଼ ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ ଅଟେ ।

ଗୋବସନ୍ତ ଟୀକର ଟିକା ବାରମ୍ବାର ପରୀକ୍ଷା କରାଯାଇ ତଦ୍ୱାରା ଭୟଙ୍କର ପ୍ରାଣନାଶକ ବସନ୍ତ ବ୍ୟାଧିରୁ ପ୍ରାଣରକ୍ଷା ଓ ସୁଫଳପ୍ରଦ ହେବାର ଅସଂଖ୍ୟ ସୁପ୍ରମାଣ ମିଳିବାରୁ ଇହାପ୍ରକାଶକ ଡାକ୍ତର ଜେନର ସାହେବଙ୍କୁ ଏକଲକ୍ଷ ଟଙ୍କା ପୁରସ୍କାର ଦିଆଯାଇ ତାହା ସର୍ବସାଧାରଣ ଜନପଦରେ ପ୍ରଚଳନ କରାଇବା ଅଭିଳାଷରେ ଶ୍ରୀମତୀ ପାର୍ଲିଆମେଣ୍ଟ ଓ ତାଙ୍କ ଗବର୍ଣ୍ଣମେଣ୍ଟ ମାସକୁ ମାସ ବରଷକୁ ବରଷ ଅପାର ଟଙ୍କା ବ୍ୟୟ କରି ଲୋକଙ୍କ ହିତ ଓ ପ୍ରଜାଙ୍କ ପ୍ରାଣ ରକ୍ଷାର୍ଥେ ଅନେକ ଟିକାଦାରଙ୍କୁ ନିଯୁକ୍ତ କରି ଟିକା ଦିଆଉଅଛନ୍ତି ! ଏ ଉତ୍ତମ ଉପାୟଦ୍ୱାରା ବର୍ତ୍ତମାନ ବିଲାତରେ ବସନ୍ତ ରୋଗ ଦେଖା ଯାଉନାହିଁ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ, ତାହାର ପ୍ରମାଣ ଏହି ଯେ କେବେ କେହି କୌଣସି ବିଲାତି ସାହେବ ମେମଙ୍କ ମୁଖ ବା ଅଙ୍ଗାଦିରେ ବସନ୍ତର ଦାଗ ଦେଖିଛନ୍ତି କି ?

ଯେବେ ଲୋକମାନେ ଆପଣାର ବିପଦ ଉତ୍ତମରୂପେ ବୁଝନ୍ତେ ପୁଣି ଇଂରାଜୀ ଟିକାର ଉପକାରିତା ଯେବେ ଉତ୍ତମରୂପେ ଅନୁଭବ କରନ୍ତେ ତେବେ ଏପ୍ରକାର ଦୁରବସ୍ଥା କେବେହେଁ ଘଟନ୍ତା ନାହିଁ । ଦୁଃଖର ବିଷୟ ଏହି ଯେ କେବଳ ଅଜ୍ଞାନ ଓ ଅଶିକ୍ଷିତ ଲୋକମାନେ ଏ ଟିକାକୁ ନିଷେଧ କରନ୍ତି ଏମନ୍ତ ନୁହଇ, ଶିକ୍ଷିତ ଓ କେତେକ ଭଦ୍ରଲୋକମାନେ ମଧ୍ୟ ଦେଶାଚାର ନିୟମର ବଶୀଭୂତ ହୋଇ କୌଣସିରୂପେ ଇଂରାଜୀଟିକାର ଉପକାରିତା ସ୍ୱୀକାର କରୁନାହାନ୍ତି ଏପରି ଅବସ୍ଥାରେ ଉପରସ୍ଥ କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିମାନେ ପ୍ରାଣୀଙ୍କ ପ୍ରାଣ ନାଶ ଓ ପୀଡ଼ାର ବିସ୍ତାର ନିବାରଣାର୍ଥେ କି କୌଣସି ଚେଷ୍ଟା କରିବେ ନାହିଁ ? ଯେବେ ଲୋକମାନେ ଆପଣାକୁ ବିପଦରୁ ରକ୍ଷା କରି ନ ପାରନ୍ତି ତେବେ କର୍ତ୍ତୃପକ୍ଷ କୌଣସି ନିୟମ (ଆଇନ) ପ୍ରଚଳନ କରିବାକୁ ଅବଶ୍ୟ ଚେଷ୍ଟା କରନ୍ତୁ ।

ପ୍ରାୟ ତିନିବର୍ଷ ଗତ ହେଲା ବମ୍ବାଇନଗରୀରେ ବସନ୍ତବ୍ୟାଧି ଏତେ ପ୍ରବଳ ହୋଇଥିଲା ଯେ ତଦ୍ୱାରା ଅଗଣନୀୟ ପ୍ରାଣୀ ନଷ୍ଟ ହେବା ଦେଖି ସେହି ନଗରସ୍ଥ ମିଉନିସିପାଲ କମିଶନର ବର୍ଗ ନଗରର ପ୍ରତ୍ୟେକ ଲୋକ ଇଂରାଜୀଟିକା ଅବଶ୍ୟ ଗ୍ରହଣ କରିବେ ବୋଲି ଗୋଟିଏ ନିୟମ ସ୍ଥାପନ କରିଅଛନ୍ତି ତଦ୍ୱାରା ଅସଂଖ୍ୟ ପ୍ରାଣୀଙ୍କ ପ୍ରାଣ ରକ୍ଷା ହୋଇଅଛି ଓ ହେଉଅଛି ପୁଣି ବିଲାତରେ ମଧ୍ୟ ସମସ୍ତ ପିଲାଙ୍କ ଜନ୍ମର ତିନିମାସ ମଧ୍ୟରେ ଟିକା ନ ଦେଲେ ସେମାନଙ୍କର ପିତା ମାତା ଦଣ୍ଡଯୋଗ୍ୟ ହୁଅନ୍ତି; ଅମ୍ଭ ବିବେଚନାରେ ଏମନ୍ତ ଗୋଟିଏ ନିୟମ ଏ ଦେଶ ଓ ନଗରରେ ମଧ୍ୟ ଶୀଘ୍ରରେ ଆବଶ୍ୟକ ହେବ କାରଣ ଲୋକମାନେ ଯେବେ ନିଜେ ଶତ, ଅନିଷ୍ଟ ଓ ବିପଦରୁ ରକ୍ଷା ପାଇବାକୁ କୌଣସିପ୍ରକାରେ ଚେଷ୍ଟା ନ କରନ୍ତି ତେବେ ସେହି ଭାର କର୍ତ୍ତୃପକ୍ଷଙ୍କ ଉପରେ ନିପତିତ ହୁଅଇ ।

ଆଉ କେତେକ ଏହି ଟିକା ନେବାକୁ ସ୍ୱୀକୃତ ହେଲେହେଁ ବହନ ଦେବାକୁ ନିତାନ୍ତ ଅନିଚ୍ଛୁକ କାରଣ ସେମାନେ ବୋଧ କରନ୍ତି ଯେ ବହନ କାଢି ନେଲେ ପିଲା ଦୁର୍ବଳ ହୋଇଯିବ ଏହା ନିତାନ୍ତ ଭ୍ରମ ଅଟଇ, କାରଣ ଗୁଟି ନ କାଢିଲେ ମଧ୍ୟ ଫୋଟକ ଆପେ ଫାଟି ଯାଇ ରସ ନିର୍ଗତ ହୋଇ ଥାଏ, ଏପରି ସ୍ଥଳେ ବହନ ଅନ୍ୟକୁ ଦେଲେ ବା ନ ଦେଲେ ନଷ୍ଟ ହୋଇ ଥାଏ, ଅତଏବ ଭଲ ଯେବେ ସବୁ ଲୋକେ ବହନ ଦେବାକୁ ଅନିଚ୍ଛୁକ ହେବେ ତେବେ ବହନ କେଉଁଠୁ ମିଳିବ ଓ ଏମନ୍ତ ବହୁମୂଲ୍ୟ ଉତ୍ତମ କାର୍ଯ୍ୟ କେମନ୍ତେ ଚଳିବ ଯେମନ୍ତ ଏକ ଲୋକ ଅନ୍ୟଠାରୁ ବହନ ପାଏ ତେମନ୍ତ ଅନ୍ୟକୁ ଅନାୟାସେ ସନ୍ତୋଷ ଓ ହରଷ ମନରେ ଦେବା ଉଚିତ ।

ଉପସଂହାର ସ୍ଥଳେ କହୁ ଯେ ଏମନ୍ତ ଭୟଙ୍କର ରୋଗର ସହଜ ପ୍ରତୀକାର ଥାଉଁ୨ ଯେବେ ଲୋକମାନେ ସେହି ପ୍ରତୀକାର ଓ ପ୍ରାଣରକ୍ଷାକାରୀ ଉପାୟ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି ତେବେ ଏଥିରୁ ବଳି ଆଉ କି ଦୁଃଖର ବିଷୟ ଅଛି, ଯେବେ ମାସ୍ତୃଙ୍କ ବଦାନ୍ୟତା ଦ୍ୱାରା ଏପରି ଗୋଟିଏ ସଦୁପାୟ ଥାଆନ୍ତା, ତେବେ ଆହା, ଅମ୍ଭେମାନେ ତାଙ୍କର କେତେ ଧନ୍ୟବାଦ କରୁଥାନ୍ତୁ । ଇତ୍ୟଲଂ । ଇତି । ତା ୮ ରିଖ ଜାନୁଆରୀ ସନ ୧୮୮୦ ମସିହା ।

ମାନ୍ୟବର ଶ୍ରୀଯୁକ୍ତ ମହାଶୟଙ୍କର
ନିତାନ୍ତ ବାଧ୍ୟ
ସିବିଲସର୍ଜନ କଟକ ।

[illegible] ମୁଦ୍ରକ ଦେଇ ।

Digitized by srujanika@gmail.com

Split by PDF Splitter

ISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୫ ଶ } ତା ୨୪ ଦଶ ମାହେ ଜାନୁଏରି ସନ ୧୮୮୦ ମସିହା । ମୁ । ମାଘ ଦ ୧୩ ନ ସନ ୧୨୮୭ ସାଲ ଶନିବାର
ସଂ ୪ ଖ୍ୟା

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୷/

ସେଭିଙ୍ଗ ବାଙ୍କ ଅର୍ଥାତ୍ ସରକାରରେ ଟଙ୍କା ଉପାର୍ଜିତ ବା ଜମା ରଖିବା ବିଷୟକ ନିୟମରେ କେତେକ ସୁପରିବର୍ତ୍ତନ ହୋଇଅଛି । ଏହା ସର୍ବସାଧାରଣଙ୍କ ପ୍ରତି ଅତି ସୁବିଧାକର ଓ ଲାଭ-ଜନକ ଅଟଇ । ପୂର୍ବେ ସୁଧ ବାର୍ଷିକ ଶତକଡା ଟ ୩ ୷ ଥିଲା ବର୍ତ୍ତମାନ ଟ ୪ ୵ ୮ ହୋଇ ଅଛି । ଦେଢ଼ ଟଙ୍କାରେ ମାସିକ ଏକ ପାହୁଲା ବା ଟ ୧୮ ଙ୍କାରେ ମାସିକ ଟ ୦ / ହେଉ-ଅଛି । ସେଭିଙ୍ଗ ବାଙ୍କରେ ଟଙ୍କା ରଖିବାର ନିରାପଦତା ଓ ସୁବିଧା ଦୃଷ୍ଟିରେ ଏ ସୁଧ ମନ୍ଦ ହୋଇ ନାହିଁ ପୁଣି ସୁଧର ସୁଧ ମିଳିବ ଅର୍ଥାତ୍ ସୁଧ ନ ନେଇ ଜମା ରଖିଲେ ତହିଁ ଉପରେ ଉପର ଲିଖିତ ଦରରେ ସୁଧ ମିଳିବ । ଟଙ୍କା ଜମା ରଖିବା ବା ଫେରି ନେବା କାରଣ ନିଜେ ଉପାର୍ଜିତକାରୀ କଚେରୀରେ ଉପସ୍ଥିତ ହେବା ଓ ଏଥିର କାର୍ଯ୍ୟ ସପ୍ତାହରେ କେବଳ ଏକଦିନ ହେବାର ପୂର୍ବେ ନିୟମ ଥିଲା ବର୍ତ୍ତ-ମାନ ସେ ନିୟମମାନ ରହିତ ହୋଇଅଛି । ସକଳ ସମୟରେ ଏଥିର କାର୍ଯ୍ୟ ହେବ ଓ ଉପାର୍ଜିତକାରୀ ସ୍ୱୟଂ ଉପସ୍ଥିତ ନ ହୋଇ ଆପଣା ଲୋକ ହାତେ ସେଭିଙ୍ଗ ବାଙ୍କ ଉପାର୍ଜିତ ବହି ସ୍ୱାକ୍ଷର କରି ପଠାଇଲେ ସୁଧ ପାଇବ ବା ଟଙ୍କା ଫେରି ପାଇବ ଓ ଟଙ୍କା ଜମା କରି ପାରିବ । ଏ ବହି ପ୍ରଥମେ ବିନା ମୂଲ୍ୟରେ ମିଳିବ କୌଣସି କାରଣରୁ ଆଉ ବହି ନେବାକୁ ହେଲେ ଏକଟଙ୍କା ମୂଲ୍ୟ ଦେବାକୁ ପଡିବ । ଏକ ଖଜଣାଖାନାରେ ଜମା ଥିବା ଟଙ୍କା ଅନ୍ୟ ଖଜଣାଖାନାକୁ ବିନା ଖର୍ଚ୍ଚରେ ସ୍ଥାନାନ୍ତରିତ ହୋଇ ପାରିବ । ପୂର୍ବେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜିତ ହେବାର ନିୟମ ଥିଲା ବର୍ତ୍ତମାନ ଟ ୫୦୦୦ ଙ୍କା ପର୍ଯ୍ୟନ୍ତ ଉପାର୍ଜିତ ହେବ । ଯେଉଁ ମାସରେ ଟଙ୍କା ଉପା-ର୍ଜିତ ହେବ ତହିଁ ଆରମାସରୁ ସୁଧ ହିସାବ ହେବ ଓ ଯେଉଁ ମାସରେ ଟଙ୍କା ଫେରି ନିଆଯିବ ତହିଁ ପୂର୍ବ ମାସ ପର୍ଯ୍ୟନ୍ତ ସୁଧ ମିଳିବ । କୌଣସି ଉପାର୍ଜିତକାରୀ ସେଭିଙ୍ଗବାଙ୍କରେ ଜମା ରଖିଥିବା ଟଙ୍କାକୁ ବିକ୍ରୟ ବା ପ୍ରମିସାରି କାଗଜରେ ପରିବର୍ତ୍ତିତ କରାଇ ପାରିବ । କୌଣସି ଲୋକ ଅନ୍ୟ ଲୋକ ପାଇଁ ଉପାର୍ଜିତ କରି ପାରିବ ।

ଏ ଉପାର୍ଜିତ ପ୍ରଥା ପ୍ରାୟ ଦଶବର୍ଷ ହେଲା ଏ ଜିଲାରେ ପ୍ରଚଳିତ ହେଲାଣି । ଏ ଦେଶୀୟ ଲୋକେ ତହିଁର ଫଳଭୋଗୀ ହେବାର ଅଧିକ ଦେଖା ନ ଯାଏ । ଯେଉଁ ବିଦେଶୀୟ ଲୋକେ ଏଠାରେ ଚାକିରୀ ବା ବ୍ୟବସାୟ କରୁ ଅଛନ୍ତି ସେହିମାନେ ପ୍ରାୟ ସମସ୍ତେ ଏ ବାଙ୍କରେ ଟଙ୍କା ଜମା ରଖନ୍ତି । ଘରେ ସହସ୍ରେ ଟଙ୍କା ର-ଖିଲେ ତହିଁରୁ କିଛି ମିଳିବ ନାହିଁ ଓ ଚୋରୀ ଇତ୍ୟାଦିର ଆଶଙ୍କା । ଏ ବାଙ୍କରେ ଜମା କରା-ଇଲେ ବର୍ଷକରେ ଟ ୪୧୷/ ସୁଧ ମିଳିବ ଓ ବ ୨୫ ର୍ଷରେ ଟ୧୧୦୦ ଙ୍କାରୁ ଊର୍ଦ୍ଧ୍ୱ ହେବ ଏବଂ ଚୋରୀ ଇତ୍ୟାଦି କୌଣସି ପ୍ରକାର ଯଥାର ଆଶଙ୍କା ନାହିଁ । ଏପରି ସୁବିଧା ଓ ଲାଭକର ବ୍ୟବହାରରେ ଏ ଦେଶୀୟ ଲୋକେ କାହିଁକି ମତି ବଳାଉ ନାହାନ୍ତି ?

— —

### କାବୁଲ ।

ଅମିର ୟାକୁବ ଖାଁଙ୍କ ନାତି ଓ ଭାର୍ଯ୍ୟା କାବୁ-ଲରୁ ଆଗତ ହୋଇ ଗଣ୍ଡମକରେ ତା ୧୦ ରି-ଖରେ ପହଞ୍ଚିବାର ସମ୍ବାଦ ଶୁଣା ଯାଇ ଥିଲା । ଏ ସମ୍ବନ୍ଧେ ଆଉ କିଛି ଅମ୍ଭେମାନେ ଶୁଣି ନାହୁଁ । ମହମ୍ମଦମାନେ ଦିନକୁ ଦିନ ଆପଣା ବଳବୃଦ୍ଧି କରୁନାରେ ଥିଲେ ଓ ଗତ ମାସ ତା ୧୪ ରିଖ ଆକ୍ରମଣରେ ଇଂରେଜଙ୍କର ସର୍ବସୁଦ୍ଧା ଗୃରଗେ.ଟା ତୋପ ଶତ୍ରୁଙ୍କ ହସ୍ତରେ ପଡି ଥିଲା ଓ ସେମାନେ ତୋପ ଚଲାଇବାର ଆୟୋଜନ କରି ଥିଲେ ଏହେତୁ କିଛି ଅ-ଶଙ୍କା ହୋଇଥିଲା ମାତ୍ର ସେ ଆଶଙ୍କା ବର୍ତ୍ତମାନ ଦୂରୀଭୂତ ହୋଇଅଛି । ପ୍ରାୟ ପାଞ୍ଚ ସହସ୍ର ମହ-ମ୍ମଦ କାବୁଲ ନଦୀ ପାର ହୋଇ ଏସୁଥିଲେ ତା ୧୫ ରିଖରେ କର୍ଣ୍ଣେଲ ଜେ.ଇ ନ୍ୟିଗନ ସାହେ-ବଙ୍କ ସୈନ୍ୟ ସେମାନଙ୍କୁ ଆକ୍ରମଣ କରି ମାରି ଘଉଡାଇ ଦେଲେ । ଏଥିରେ ଜଣେ ଜମା-ଦାର ହତ ଓ ୭ଜଣେ ସେନା ଆହତ ହୋଇ-ଅଛନ୍ତି । ବିଦ୍ରୋହିଙ୍କର ଜ ୬୦ ଣ ହତ ଓ ଅନେକ ଆହତ ହୋଇଅଛନ୍ତି । ତା ୧୭ ରି-ଖରେ ପ୍ରଶଂସିତ ସାହେବ ୫୦୦ ସେନା ଘେନି ବିନା ଅବରୋଧରେ ଅଗ୍ରସର ହୋଇ ରେନ ଛାନ ଷ୍ଟୋଡେଇ ହକା ନାମକ ସ୍ଥାନକୁ

Digitized by srujanika@gmail.com

Split by PDF Splitter



ଗଲେ । ଗତ୍ସ୍ମୃଙ୍ଗରେ ମହମ୍ମଦମାନେ ସମବେତ ହୋଇଥିଲେ । ସେଠାକୁ ଜେନେରଲ-ସାହେବ ଯାଇ ସେମାନଙ୍କୁ ଆକ୍ରମଣ କରିବାରେ ସେମାନେ ଛିନ୍ନଭିନ୍ନ ହୋଇ ପଳାଇଲେ । ସେମାନଙ୍କର ପ୍ରାୟ ଶତେକଣ ହତ ହେଲେ ଓ କେତେକ ଜଣ ଧରା ପଡିଲେ ।

ଜେନେରଲ ରବର୍ଟ ସାହେବ କାବୁଲ ଜିଲ ଓ ନଗର ଶାସନ କାର୍ଯ୍ୟରେ ସରଦାର ଓଲୀ-ମହମ୍ମଦଙ୍କୁ ନିଯୁକ୍ତ କରିଅଛନ୍ତି ଓ ସୈନ୍ୟଙ୍କ କମିଶନ ଉଠାଇ ଦେଇଅଛନ୍ତି । ମହମ୍ମଦ ଜାନ ନାମକ ଜଣେ ବିଖ୍ୟାତ ଡକାଇତ ଧରା ପଡି ଅଛି । ସେ ଦଶବର୍ଷ ହେଲା ଅବଲୁଣ୍ଠନ କରୁଥିଲା ଓ ଶତାଧିକ ନରହତ୍ୟା କରିଅଛି । ତାହାର ନାମକୁ ଲୋକେ କମ୍ପୁଥିଲେ । ବର୍ତ୍ତମାନ ବିଦ୍ରୋହୀଙ୍କ ସଙ୍ଗେ ମିଶିଥିଲା । କାବୁଲର କଟୁଆଲ ଅତି ସାହସ ପୂର୍ବକ ତାକୁ ତାହାର ଦୁଇ ସ୍ତ୍ରୀ ଓ ତିନି ଅନୁଚର ସହିତ ତା ୧୫ ରଖରେ ଧୃତ କଲା । ତା ୧୭ ରଖରେ ପ୍ରଶଂସିତ ସରଦାରଙ୍କ ଆଜ୍ଞାରେ ତାହାର ଓ ଜଣେ ଅନୁଚରର ପ୍ରାଣଦଣ୍ଡ ହୋଇଅଛି । ଅନ୍ୟ ସ୍ଥାନମାନଙ୍କୁ ସୈନ୍ୟଗଣ ପ୍ରେରିତ ହେଉଅଛନ୍ତି ଓ କୌଣସିଠାରେ ଆଉ ଯୁଦ୍ଧ ହେଉ ନାହିଁ । ତରକାର ସ୍ଥାନରେ କେତେକ କୋହସ୍ତାନୀ ଠୁଳ ହେବାର ଶୁଣା ଯାଏ । ବୋଧହୁଏ ବିଦ୍ରୋହୀମାନେ କଷ୍ଟରେ ଆବୃତ୍ତ ଓ ଶାସିତ ହୋଇ ଯାଉନ୍ତି ।

---

### ବସନ୍ତ ଓ ଦେଶୀ ଟିକାଦିଆ ।

ଆମ୍ଭେମାନେ ଗତ ସପ୍ତାହରେ ଜଣେ ଟିକାଦିଆ ଯୋଗେ ଅନିଷ୍ଟ ଘଟିଥିବାର ଉଲ୍ଲେଖ କରିଥିଲୁଁ ତହିଁର ବୃତ୍ତାନ୍ତ ଏହି ଯେ ଶିରଲେରେ ବସନ୍ତରୋଗ ଲାଗିଅଛି କେଠାରେ ଜଣକୁ ବସନ୍ତ ହେବାର ଲକ୍ଷଣ ଦେଖା ଯିବାରୁ କେହି ଜାଣିବା ଲୋକ ସ୍ନାନ ସରବତପାନ ଇତ୍ୟାଦି ଶୀତଳ ଉପଚାରର ପରାମର୍ଶ ଦେଲେ । ଏଠାରେ ଲେଖିବାର ଆବଶ୍ୟକ ଯେ ବସନ୍ତ ରୋଗର ଆରମ୍ଭରେ ଶୀତଳ ଉପଚାରରେ ରୋଗର ପ୍ରକୋପ ଅନେକ ଊଣା ହୁଏ ଓ ବସନ୍ତ ପାଚିଲାରୁ ଗରମ ଚିକିତ୍ସା କରାଯାଏ । ପ୍ରଥମେ ଗରମ କଲେ ରୋଗର ପ୍ରକୋପ ବୃଦ୍ଧି ହୁଏ କାରଣ ବସନ୍ତ ଏକପ୍ରକାର ବିଷ ଅଟଇ ତହିଁ ସଙ୍ଗେ ଗରମ ମିଶିଲେ ତାହା ଏକାବେଳକେ ପ୍ରାଣନାଶକ ହୋଇପଡେ । ଶୀତଳରେ ବସନ୍ତ ଉତ୍ତମରୂପେ ବାହାର ଶୀଘ୍ର ପାଚିଯାଏ ଏହା ହେଲେ ବିଷ ବାହାର ଯାଇ ନିରାପଦ ହୁଏ । ବସନ୍ତ ଭଲ ହୋଇ ନ ବାହାରି ବସି ଗଲେ ନିଶ୍ଚୟ ମୃତ୍ୟୁ ଘଟଏ । ଏହେତୁ ପ୍ରଥମେ ପାଞ୍ଚ ଦିନ ଶୀତଳ ଓ ତଦପରେ ଗରମ ଚିକିତ୍ସା କରାଯାଏ । ଡାକ୍ତରୀ ହକମି ଓ ଦେଶୀୟ ଚିକିତ୍ସାରେ ଏହି ପ୍ରକାର ବ୍ୟବସ୍ଥା । ସୁତରାଂ ଉକ୍ତ ରୋଗୀର ପ୍ରତିବାସୀମାନେ ଯଥାର୍ଥ ପରାମର୍ଶ ଦେଇଥିଲେ ମାତ୍ର ରୋଗୀର କର୍ତ୍ତା ସେମାନଙ୍କ କଥାରେ ନିର୍ଭର ନ କରି ଜଣେ ଟିକାଦିଆକୁ ଡାକିଲା । ସେ ଦେଖି କହିଲା ଯେ ଭିତରି ବସନ୍ତର ଲକ୍ଷଣ ଦିଶୁଅଛି ଶୀତଳ କଲେ ରୋଗୀ ପ୍ରାଣ ପାଇବ ନାହିଁ । ତାହା ଦେହରେ ଘିଅ ଲଗାଇ ଦେଇ ଲୁଣପଟ ମଞ୍ଜି ଓ ଆଉ କେତେକ ଦ୍ରବ୍ୟ ବାଟି ପିଆଇଲେ ବସନ୍ତ ଅଧିକ ବାହାରିବ ନାହିଁ ନା ପ୍ରକୋପ ହେବ ନାହିଁ । ରୋଗୀର କର୍ତ୍ତା ତଦ୍ରୂପ ଉପାୟ କଲା ମାତ୍ର ଘିଅ ଓ ଲୁଣପଟ ମଞ୍ଜି ପ୍ରାୟ ଗରମ ଅଟେ ସୁତରାଂ ତିନି ଚାରିଦିନେ ସେ ରୋଗୀର ମରଣାପନ୍ନ ଅବସ୍ଥା ଘଟିଲା । ତେତେବେଳେ ସେ ଟିକାଦିଆ କହିଲା ରୋଗୀ ଘର ମଧ୍ୟରେ ଥାଇ ଅତିଶୀତ ଯୋଗୁଁ ଏପରି ହେଉଅଛି ତାକୁ ପଦାକୁ ନେଇ ଖରାରେ ବସାଇଲେ ଏହିକ୍ଷଣି ସାଷ୍ଟମ ହେବ । ଏହା କହି ସେ ଆପେ ରୋଗୀକୁ ଆଣି ଖରାରେ ବସାଇଲା । ଦୁଇ ଏକଦଣ୍ଡରେ ତାହାର ପ୍ରାଣ ବାହାର ଗଲା । କି ଦୁଃଖର ବିଷୟ !

ମୃତ୍ୟୁକୁ ଆୟତ୍ତ ନାହିଁ ସତ୍ୟ, ତଥାପି ଏ ସ୍ଥଳେ ଚିକିତ୍ସକ ଚୂଡାମଣିଙ୍କ ଯୋଗେ ମୃତ୍ୟୁ ଘଟିଥିବାର ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ଦେଶୀୟ ଟିକାଦିଆଙ୍କ ମନ୍ଦ ଚିକିତ୍ସାର ଏହା ଗୋଟିଏ ଦୃଷ୍ଟାନ୍ତ ନୁହେ କୋଟିଏ ମିଳି ପାରେ । ଆମ୍ଭେମାନେ ଆଉ ଜଣେ ଟିକାଦିଆର କଥା ଶୁଣିଲୁଁ ଯେ ସେ ଆପଣା ପୁଅକୁ ଟିକା ଦେଇ ଉତ୍ତମରୂପେ ବସନ୍ତ ହେବା ଆଗରେ କିଞ୍ଚିତ ଭୋଜନ ତାକୁ ଖୁଆଇ ଦେଲା । ବସନ୍ତର ପ୍ରକୋପ ଇତ୍ୟାଦିରେ ସେ ପିଲାର ପ୍ରାଣ ଗଲା । ଦେଶୀୟ ଟିକାଦିଆମାନେ ମୂର୍ଖ ଚିକିତ୍ସା ଲେଶମାତ୍ର ଜାଣନ୍ତି ନାହିଁ ଓ ଟିକା ବ୍ୟବସାୟୀରେ ମଧ୍ୟ ଅଧିକାଂଶ ଅପଟୁ ଅଟନ୍ତି । ଟିକା ଦେବା ଉତ୍ତାରେ କାହାରଠାରେ ବାତ ପଡିଲେ ବା ଚକ୍ଷୁ ପୀଡା ହେଲେ ସେମାନଙ୍କର ବୁଦ୍ଧି କଣା ହୁଅଇ ତହୁଁ ରୋଗୀକୁ ଛାଡି ପଳାନ୍ତି । ଏହି ପ୍ରକାରରେ ଶତ୍ରୁ ପିଲା ବଡ କଷ୍ଟ ଭୋଗନ୍ତି ଓ କହାରି ଅଙ୍ଗ ପ୍ରତ୍ୟଙ୍ଗ ଅକର୍ମଣ୍ୟ ହୁଅଇ । ଦେଶୀୟ ଟିକାରେ ଏତେ ଦୋଷ ଥିବା ପ୍ରତ୍ୟକ୍ଷେ ଲୋକଙ୍କର ତହିଁପ୍ରତି ଆଗ୍ରହ ଓ ଇଂରେଜୀ ଟିକା ଦୋଷ ଶୂନ୍ୟ, କଷ୍ଟ ଶୂନ୍ୟ, ଅତି ସହଜ ଓ ସୁଫଳ ଦାୟକ ଥିବା ପ୍ରତ୍ୟକ୍ଷେ ତହିଁପ୍ରତି ଲୋକଙ୍କର ଆଗ୍ରହ ହେଉ ନାହିଁ ଆଶ୍ଚର୍ଯ୍ୟର ବିଷୟ ଅଟେ । ଏଥିର କାରଣ ଭ୍ରମବଶତଃ ବସନ୍ତ ରୋଗକୁ ଠାକୁରାଣୀ ମଣିବା ଅଟଇ । ଚିକିତ୍ସା ଶାସ୍ତ୍ରରେ ବସନ୍ତ ରୋଗସ୍ୱରୂପ ନିର୍ଦ୍ଦିଷ୍ଟ ଅଛି ଏହା ଛିନ୍ନ ସୂକ୍ଷ୍ମ ବିବେଚନାରେ ମଧ୍ୟ ତାହା ରୋଗ ବୋଲି ପ୍ରତୀୟମାନ ହେଉଅଛି । ତାହା ଠାକୁରାଣୀ ଥିଲେ କେବଳ କଳସ ବସାଇ ଠାକୁରାଣୀଙ୍କୁ ବରଣ କରୁଥିଲେତ ବସନ୍ତ ହେଉ ଥାନ୍ତା, ହାତରେ ଅସ୍ତ୍ରାଘାତ କରି ତହିଁରେ ବସନ୍ତର ବୀଜ ଦେଇ ଜ୍ୱର ହେବା ସକାଶେ ଅନେକ ସ୍ନାନ ପଥ୍ୟ ଇତ୍ୟାଦି ଉପାୟର କାହିଁକି ପ୍ରୟୋଜନ ହୁଅନ୍ତା । ଏ ସବୁ ରୋଗର ଆକ୍ରମଣ ଅଟଇ ଠାକୁରାଣୀଙ୍କର ବରଣ ନୁହଇ । ଠାକୁରାଣୀ କାହିଁକି ମନୁଷ୍ୟର ପାପଶରୀରରେ ଘାଆ ପୂଜ ରକ୍ତ ହୋଇ ବାହାରନ୍ତେ । ଅତଏବ ବସନ୍ତ ହେବା ସ୍ଥଳେ କାହାରି ବସନ୍ତ ପାଚି ସାତଦିନେ ଦୁର୍ଗନ୍ଧ ହୁଅଇ । ଠାକୁରାଣୀ କାହିଁକି ଏତେ ଦୁରବସ୍ଥାକୁ ଲଭନ୍ତେ କିମ୍ବା କାହିଁକି କେହି ନିର୍ଦ୍ଦୋଷୀ ପିଲାର ପ୍ରାଣ ନିଅନ୍ତେ । ବସନ୍ତ ରୋଗୀର ଅବସ୍ଥା ଦେବ ଦେବୀଙ୍କ ସ୍ୱଭାବ ବିପରୀତ ସ୍ପଷ୍ଟ ଦେଖା ଯାଏ । କେବଳ ଅଜ୍ଞତା ଓ ଭ୍ରମବଶତଃ ତାହା ଠାକୁରାଣୀ ସ୍ୱରୂପ ଲୋକଙ୍କ ବିଶ୍ୱାସ ହୋଇଅଛି । ଅତଏବ ବିବେକ ଲୋକେ ସୁଦ୍ଧରୁ କରି ଏ ଭ୍ରମ ଜନସାଧାରଣଙ୍କ ମନରୁ ଦୂର କରିବାର ଚେଷ୍ଟା କରନ୍ତୁ ।

---

### ବାର୍ଷିକ ବିଜ୍ଞାପନମାନ
### ପୂର୍ବପ୍ରକାଶିତ ଉତ୍ତାରୁ
### ସାଧାରଣ ।

ଏ ବିଜ୍ଞାପନୀରେ ସକଳବିଭାଗ କାର୍ଯ୍ୟର ସଂକ୍ଷେପ ସମାଲୋଚନା ଥାଏ ସେ ସବୁ ଆମ୍ଭେମାନେ ଏଥିପୂର୍ବେ ଉଲ୍ଲେଖ କରିଅଛୁଁ । ତେସବୁ ବ୍ୟତୀତ ଆଉ ଯେ ପ୍ରଧାନ ବିଷୟମାନ ଏ ବିଜ୍ଞାପନରେ ଅଛି ତାହାର ବର୍ତ୍ତମାନ ଉଲ୍ଲେଖ କରୁଅଛୁଁ ।

ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ—ଏ ପକ୍ଷରେ ଯାଯୁକ୍ତ

Digitized by srujanika@gmail.com

Split by PDF Splitter



କମିସନର ସାହେବ ଲେଖନ୍ତି ଯେ ଓଡ଼ିଶାର ଲୋକେ ଶାନ୍ତ ଓ ଆଇନର ବଶୀଭୂତ ଅଟନ୍ତି। ଆପଣାର ଦୁଃଖ ବା ଆନ୍ଦୋଳନ ଦୁଃଖ ଜଣାଇବା କାରଣ ଅନ୍ୟସ୍ଥାନମାନଙ୍କରେ ଯେପରି ଆନ୍ଦୋଳନ ଓ ପ୍ରତିବାଦ ହୁଏ ସେପରି ଓଡ଼ିଆମାନେ କରନ୍ତି ନାହିଁ ବା ଜାଣନ୍ତି ନାହିଁ। ଖାଦ୍ୟ ସାମଗ୍ରୀର ଦୁର୍ମୂଲ୍ୟ ପ୍ରତ୍ୟେକ ସ୍ଥାନର ଦରିଦ୍ରମାନଙ୍କର ଗୁରୁତର ବିଷୟ ଥିଲା। ଲାଇସେନ୍ସ ଟାକ୍ସ ଦୁଃଖୀମାନଙ୍କ ଉପରେ ପଡ଼ୁଅଛି ଓ ବଡ଼ ଅସନ୍ତୋଷ ଜାତ କରାଇ ଅଛି। ଏ ନଗର ଖାସମହାଲର ଜମାବୃଦ୍ଧି ନଗରର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଜନ୍ମାଇ ଥିଲା ମାତ୍ର ତାହା ବର୍ତ୍ତମାନ ନାହିଁ। ପତ୍ରିଆର କାଗଜ ଯେତେ ଅନେକ କଥା ହୋଇଅଛି ଏହା ଜମିଦାର ଓ ସରକାରୀ କର୍ମଚାରୀ ଉଭୟଙ୍କ ପ୍ରତି କ୍ଳେଶଦାୟକ ଅଟେ। କାବୁଲଯୁଦ୍ଧ ଇତ୍ୟାଦି ରାଜନୀତି ବିଷୟରେ ଲୋକଙ୍କର ଚିନ୍ତା ନ ଥିଲା ଗବର୍ଣ୍ଣମେଣ୍ଟଙ୍କର ଜୟ ସେମାନଙ୍କର ଦୃଢ଼ ବିଶ୍ୱାସ ଥିଲା। ଏଥିରୁ ଗବର୍ଣ୍ଣମେଣ୍ଟ ବୋଲନ୍ତି ଲାଇସେନ୍ସଟାକ୍ସ ଯୋଗେ ଅସନ୍ତୋଷ ଜନ୍ମି ଥିବାର କମିସନର କେବଳ ଉଲ୍ଲେଖମାତ୍ର କରି ଅଛନ୍ତି ମାତ୍ର କେତେଦୂର ଅସନ୍ତୋଷ ହୋଇ ଅଛି ଓ କି କି ବିଷୟରେ ଆପତ୍ତି ହୋଇ ଥିଲା ଏ ସବୁ ରିପୋର୍ଟରେ ବାହୁଲ୍ୟରୂପେ ଲେଖିବାର ଉଚିତ ଥିଲା। ଅନ୍ୟାନ୍ୟ ବିଷୟରେ ଗବର୍ଣ୍ଣମେଣ୍ଟ କମିସନରଙ୍କ ସଙ୍ଗେ ଐକ୍ୟ ହୋଇ ଅଛନ୍ତି। ଆମ୍ଭମାନଙ୍କ ବିବେଚନାରେ ଲାଇସେନ୍ସ ଟାକ୍ସ ବିଷୟରେ ଗବର୍ଣ୍ଣମେଣ୍ଟ ଯଥାର୍ଥ କହି ଅଛନ୍ତି। ସେ ସବୁ ସ୍ଥାନୀୟ କର୍ମଚାରୀମାନେ ନ ଜଣାଇଲେ ଗବର୍ଣ୍ଣମେଣ୍ଟ କିପରି ଜାଣିବେ। କମିସନରସାହେବଙ୍କୁ ତାହା ସବିଶେଷ ଲେଖିବାର ଉଚିତ ଥିଲା। କମିସନରସାହେବ ଯେ ବୋଲନ୍ତି ଖାସମହାଲ ଜମାବୃଦ୍ଧି ସଂକ୍ରାନ୍ତରେ ଲୋକମାନଙ୍କର ଅସନ୍ତୋଷ ବର୍ତ୍ତମାନ ନାହିଁ ଏହା ତାଙ୍କର ଘୋର ଭ୍ରମ ଅଟଇ। ଅସନ୍ତୋଷ ସେହିପରି ରହିଅଛି ଓ ଏଥିର ଗୁହାରି ଆମ୍ଭେମାନେ ଏ ପର୍ଯ୍ୟନ୍ତ ଶୁଣୁଅଛୁଁ। କେବଳ ପ୍ରଜାମାନେ ଥରକୁ ତିନିଥର ସରକାରରେ ଗୁହାରି କରିବାରେ କେହି ନ ଶୁଣିବାରୁ ସେମାନେ ଶାନ୍ତ ସ୍ୱଭାବ ବଶତଃ ନିରସ୍ତ ହୋଇ ରହି ଅଛନ୍ତି। ଏହି ମାତ୍ର ମନରୁ ଅସନ୍ତୋଷ ଯାଇ ନାହିଁ। ଏହି ସୁ ସ୍ୱଭାବ ହେତୁ ଓଡ଼ିଆମାନେ ମନର ଦୁଃଖ ମନରେ ମାରି ଆନ୍ଦୋଳନ ବା ବାଦାନୁବାଦ କରନ୍ତି ନାହିଁ। ସାଧାରଣ ଭାବ ବିଷୟରେ ଆର୍ମଷ୍ଟ୍ରଂ ସାହେବ ଯେ ବିଶେଷ କଥା ପ୍ରକାଶ କରି ଅଛନ୍ତି ତାହା ଅବକାଶମତେ ପାଠକମାନଙ୍କୁ ଜଣାଇବୁଁ।

ଦେଶୀୟ ସମ୍ବାଦପତ୍ର— ଏ ସଂକ୍ରାନ୍ତରେ କମିସନରସାହେବ ଲେଖନ୍ତି ଓଡ଼ିଶାରେ ତିନିଗୋଟି ଅର୍ଥାତ୍ ବାଲେଶ୍ୱରରେ ଦୁଇଗୋଟି ଓ କଟକରେ ଗୋଟିଏ ସମ୍ବାଦପତ୍ର ପ୍ରକାଶ ହୁଏ ସବୁ ଉତ୍ତମରୂପେ ଚଳିତ ହେଉ ଅଛି ଓ ରାଜଭକ୍ତିରେ ପରିପୂର୍ଣ୍ଣ। ଏ ସବୁରେ ସ୍ଥାନୀୟ ବିଷୟ ଅଧିକାଂଶ ଲେଖାଯାଏ। ରାଜନୀତି ଓ ଭୂମଣ୍ଡଳର ବିଷୟମାନ କ୍ୱଚିତ୍ ଉଲ୍ଲେଖ ହୁଏ। ଅତ୍ୟଳ୍ପ ଲୋକ ଏ ସମ୍ବାଦପତ୍ରମାନ ନିଅନ୍ତି ଅଧିକାଂଶ ସରକାରୀ ଅମଲା ବର୍ଗଙ୍କ ମଧ୍ୟରେ ଏ ସବୁ ବ୍ୟବହାର ହୁଏ। ଲୋକଙ୍କ ଭାବ ଓ ମତ ପ୍ରକାଶ କରିବା ପକ୍ଷରେ ଏ ସମ୍ବାଦପତ୍ରମାନ କାର୍ଯ୍ୟକର ନୁହେଁ ଓ ସେମାନଙ୍କ ପ୍ରଭାବ ଅତି ଅଳ୍ପ ଅଟଇ। ଗବର୍ଣ୍ଣମେଣ୍ଟ ଏହିମତ ଯେତା କରି ଅଛନ୍ତି, କରିବେଇତ ସେ ଆଉ ତହିଁର ଭ୍ରମ ଜାଣିବେ କିପରି। ଏ ପକ୍ଷରେ ଆମ୍ଭମାନଙ୍କର ମତାମତ ବାରନ୍ତରେ ପ୍ରକାଶ କରିବୁଁ।

ବିଜ୍ଞାପନୀରେ ଉଲ୍ଲିଖିତ ପଥକର ଓ ପ୍ରଦେଶୀୟ କର ସନ ୧୮୭୮ ସାଲ ସେପ୍ଟେମ୍ବର ମାସରେ ଶେଷ ହେବା ବର୍ଷ ବାବତ୍ ନିମ୍ନଲିଖିତ ପ୍ରକାର ଅଟଇ।

| | ବାର୍ଷିକ ଜମା | ଓସୁଲ |
|---|---|---|
| କଟକ | ଟ ୧୦୮୮୯୮ | ଟ ୯୯୩୬୬ |
| ପୁରୀ | ଟ ୪୩୯୪୬ | ଟ ୪୩୪୨୧ |
| ବାଲେଶ୍ୱର | ଟ ୫୧୯୭୮ | ଟ ୪୮୨୧୭ |
| | ଟ ୨୦୪୮୨୨ | ଟ ୧୯୧୦୦୪ |

ଏଥିର ଅର୍ଦ୍ଧେକ ଅର୍ଥାତ୍ ପ୍ରଦେଶୀୟ କର ନାଲକର୍ମ ଇତ୍ୟାଦି ସକାଶେ ସରକାର ନିଯୁକ୍ତ କାର୍ଯ୍ୟ ଅର୍ଦ୍ଧେକ (ପଥକର) ସ୍ଥାନୀୟ ସଡ଼କ ଇତ୍ୟାଦି କର୍ମରେ ବ୍ୟୟ ହୁଅଇ। ଏ ତିନି ଜିଲ୍ଲାରେ ସଡ଼କ ମରାମତି କର୍ମରେ ଟ ୧୬୯୮୯ ଙ୍କା ଓ ନୂତନ କର୍ମରେ ଟ ୧୬୬୩୪ ଙ୍କା ବ୍ୟୟ ହୋଇ ଅଛି ଏଥି ମଧ୍ୟରେ ଗ୍ରାମ ରାସ୍ତାର ବ୍ୟୟ ଟ ୬୪୬୬ ଙ୍କା ଅଟେ। ରାସ୍ତା କର୍ମରେ ଆହୁରି କିଛି ଅଧିକ ଖର୍ଚ୍ଚ ହେବାର ଆବଶ୍ୟକ ଥିଲା। ବାଲେଶ୍ୱର ରାସ୍ତାମାନ ଅତି ଉତ୍ତମ ଅଟଇ, ପୁରୀଜିଲ୍ଲାରେ ଗତାୟାତର ସୁବିଧା ନିମନ୍ତେ ଆହୁରି ଅନେକ ରାସ୍ତା ହେବାର ଆବଶ୍ୟକ।

ଜମିଦାରଙ୍କ ଆଚରଣ— ଏ ପକ୍ଷରେ କମିସନରସାହେବ ଲେଖନ୍ତି ଯେ ସମସ୍ତ ଜମିଦାରଙ୍କ ଆଚରଣ ସନ୍ତୋଷଜନକ ଅଟଇ। ବଦାନ୍ୟତା ଓ ଜନସାଧାରଣଙ୍କ ହିତସାଧନ ନିମିତ୍ତ ନିମ୍ନଲିଖିତ ଜମିଦାରମାନେ ବିଶେଷରୂପେ ଉଲ୍ଲେଖିତ ହୋଇ ଅଛନ୍ତି। କଟକରେ ବର୍ଦ୍ଧମାନ ମହାରାଣୀ, ରାୟ ବଇଦ୍ୟନାଥ ପଣ୍ଡିତ ବାହାଦୂର ବାବୁ ରାମଗୋବିନ୍ଦ ଜଗଦେବ, ବାବୁ ଜଗନ୍ନାଥ ଭ୍ରମରବର ଓ ମୁନସି ଗୋଲାମରସୁଲ। ବାଲେଶ୍ୱରରେ ରାଜା ଶ୍ୟାମାନନ୍ଦ ଦେ, ରାୟ ନିମାଇ ଚରଣ ଘୋଷ ବାହାଦୁର, ବାବୁ କୈଳାଶଚନ୍ଦ୍ର ରାୟ ମହାଶୟ, ଓ କୁମାର ବୈକୁଣ୍ଠନାଥ ଦେ ଏମାନଙ୍କ ମଧ୍ୟରୁ କିଏ କେତେଦୂର ହିତସାଧନ କରିଅଛନ୍ତି ପାଠକମାନେ ଅବଗତ ଥିବେ।

ଶ୍ରୀ ଜଗନ୍ନାଥଙ୍କ ମନ୍ଦିର—ରାଜା ଦ୍ୱୀପାନ୍ତର ଯିବାଦିନୁ ମନ୍ଦିରର କାର୍ଯ୍ୟ ରାଣୀ ବୁଝୁଅଛନ୍ତି ଓ ଏହା ସେ ସନ୍ତୋଷଜନକମତେ ନିର୍ବାହ କରୁ ଅଛନ୍ତି। ରାଣୀଙ୍କର ଏ ସୁଖ୍ୟାତି ସୁଖର ବିଷୟ ଅଟେ।

---

# ସାପ୍ତାହିକସଂବାଦ।

ଏ ସପ୍ତାହରେ ଶୀତ ଅନେକ ଊଣା ହୋଇଅଛି। କୁହୁଡ଼ି ପଡ଼ୁଅଛି ଓ ଅମ୍ବ ବଉଳୁଅଛି।

ଏଠା କଲେକ୍ଟରୀ ସିରସ୍ତାଦାରଙ୍କ ପ୍ରତି ଲାଞ୍ଚ ଆଶାରେ ସରକାରର କ୍ଷତି ଚେଷ୍ଟା କରିବାର ଦୋଷାରୋପ ହେବାରୁ ତହିଁର ନିଷ୍ପତ୍ତି ପର୍ଯ୍ୟନ୍ତ ସେ ସସପେଣ୍ଡ ହୋଇଅଛନ୍ତି ଓ ତାଙ୍କ କର୍ମରେ ପେସ୍କାର ଏକଟିଙ୍ଗ ନିଯୁକ୍ତ ହୋଇଅଛନ୍ତି। ଏଥିର ବିବରଣ ଏହିଯେ ପୁରୁଣା ତାଳପତ୍ର ଭିତିଁଶିଆ କାଗଜରେ ନକଲ କରିବା ସକାଶେ କ ୪୦ ଣ ଠିକାମୋହରର ବ ୪ ଖ ହେଲା ନିଯୁକ୍ତ ଅଛନ୍ତି। ସେମାନଙ୍କ କର୍ମର ଦିନାଙ୍କ ନିରଖ ନିରୂପିତ ଅଛି। ସିରସ୍ତାଦାର ନିକଟରେ ରିପୋର୍ଟ ଦେଇଥିଲେ ଯେ ନିରୂପିତ ନିରଖରେ କର୍ମ ହୁଅନ୍ତ ହେଉ ନାହିଁ ତାହା ଊଣା କରିବାର ଆବଶ୍ୟକ। ଘଟନାକ୍ରମେ ପ୍ରକାଶ ହେଲା ନିରଖ ଠିକ ଅଟେ କେବଳ ମୋହରରଙ୍କଠାରୁ କିଛି ପାଇ ଅବା ପାଇବା ଆଶାରେ ସିରସ୍ତାଦାର ଏପରି ରିପୋର୍ଟ ଦେଇ ଅଛନ୍ତି। ତାଙ୍କୁ ସସପେଣ୍ଡ କରାଯାଇ କଏଫିୟତ ତଲବ ହୋଇଅଛି।

ବେଣାହାରରେ ଜଣେ ବାଉରୀପିଲା ଗୋଟିଏ ଗଡ଼ିଆରେ ଶେଣ୍ଡା ଅଣ୍ଟାଳୁଥିଲା। ଜଣେ ଲୋକ ତାକୁ ନିଷେଧ କରିବାରେ ଟୋକା ନ ମାନିବାରୁ ସେ ତାକୁ କାନୁଅ ଫୋପାଡ଼ିଲା। ତହିଁ ଟୋକା ତାକୁ ଗାଳି ଦେଇ ପଳାଇଲା। ସେ ଲୋକ ତାହାର ଘରକୁ ଯାଇ ଟୋକାକୁ ଅନେକ ମାଡ଼ ମାରି ପେଟ ଓ ଛାତିଉପରେ ଗୋଇଠା ମାରିଲା। ସେ ପିଲା ଅଚେତନ ହୋଇ ପଡ଼ି ପ୍ରାୟ ପ୍ରହରକ ଭିତରେ ପ୍ରାଣତ୍ୟାଗ କଲା। ଡାକ୍ତରଙ୍କ ପରୀକ୍ଷାରେ ଜଣା ଗଲା ଯେ ଆଘାତରେ ଟୋକାର ପିଳେହି ଫାଟି ଯିବାରୁ ତାହାର କାଳ ହୋଇଅଛି। ଆସାମୀ ଚାଲାଣ ହୋଇଅଛି।

କାନ ଡକବ୍ରା ସାହେବ ନିଜ୍ଜଦନ ଜଜ ମହକୁମାର ଜାହିର ହୋଇ ସେ କର୍ମ ଛାଡ଼ି ଦେଇ ଆପଣା ପୂର୍ବ କର୍ମକୁ

Digitized by srujanika@gmail.com

Split by PDF Splitter

20



ଫେରି ଗଲେ । ସେ ମହକୁମାର ହେଡ କଲର୍କ ବାବୁ ଜଗବନ୍ଧୁଙ୍କର ସେଷ ନାଜରପଦରେ ନିଯୁକ୍ତ ହୋଇଅଛନ୍ତି । ଏ ବନ୍ଦୋବସ୍ତ ଅତି ଉତ୍ତମ ହୋଇଅଛି ।

ପଥକର ଆଇନ ସଂଶୋଧିତ ହେଉଅଛି । ଏଥିର ଗୋଟିଏ ପଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଅଗତ ଘଛି ଓ ସ୍ଥାନୀୟ କର୍ମଚାରୀମାନଙ୍କ ମଧ୍ୟ ମତାମତ ତଲବ ହୋଇଅଛି । ଅସ୍ମାନଙ୍କର ମତାମତ ଅବକାଶମତେ ପ୍ରକାଶ କରିବୁଁ ।

ଦେହରେ ଇଚ୍ଛାବସନ୍ତର ଲକ୍ଷଣ ଦେଖାଗଲାମାତ୍ରକେ ଅଧଛଟାଙ୍କିଏ କାଞ୍ଜିପାଣିରେ କହ୍ନୁର ଅର୍ଥାତ୍ ଦୁମୁହିଁଏ ଜାର୍ଷ ବାଟି ରୋଗୀକୁ ତିନି ଗୁଣ୍ଡିକ ପିଆଇଲେ ବସନ୍ତର ପ୍ରକୋପ ଅନେକ ଊଣା ହୁଏଇ । ଗାଁଲୋକମାନେ କେବଳ କାଞ୍ଜିପାଣି ଜଣେ ରୋଗୀକୁ ୭।୮ଥର ପିଆଇବାରେ ଉପକାର ଦେଖିଅଛୁଁ । ଏ ଉପାୟ କରିବାର ଉଚିତ ଏଥିରେ ଉପକାରର ସମ୍ଭବ ହେଉଅଛି କାରଣ ବସନ୍ତ ଏକପ୍ରକାର ବିଷ ଘଟେ ଓ ଖଟାରେ କୟୀହପରିମାଣରେ ବିଷ ନାଶ ହୁଏ ।

କଲିକତାରେ ନିକଟରେ କୁକୁର ବଗଡଙ୍କର ପ୍ରଦର୍ଶନ ହୋଇଥିଲା । ଗାଠପ୍ରକାର କୁକୁର ଓ ପାଞ୍ଚପ୍ରକାର ବଗଡୀ ସଂଗୃହୀତ ହୋଇଥିଲେ । ଏଥି ମଧ୍ୟରେ କେତେକ ପ୍ରକାର ଅପୂର୍ବ କୁକୁର ଥିଲେ ଓ ଦେଖିବାକୁ ବଡ କୌତୁକ ହୋଇଥିଲା । ଉତ୍କୃଷ୍ଟ କୁକୁର ବଗଡୀର ପ୍ରଦର୍ଶକମାନେ ପୁରସ୍କାର ପାଇଲେ ।

କଲିକତାର ବାବୁ ଯଦୁଲାଲ ମଲ୍ଲିକ ଗ୍ରୀଷ୍ମଦିନ ସମୟରେ ସାହେବ ମେମ ଏବଂ ହିନ୍ଦୁ ଓ ମୁସଲମାନ ଦେଶୀୟ ଭଦ୍ରବ୍ୟକ୍ତିଙ୍କୁ ଆପଣା ଉଦ୍ୟାନକୁ ଆମନ୍ତ୍ରଣ କରି ଥିଲେ । ଭୋଜନ, ଗାନ, ନୃତ୍ୟ, ବ୍ୟାୟାମ ଇତ୍ୟାଦି ପ୍ରକାର କ୍ରୀଡା ଓ ଖେଳ ହୋଇଥିଲା ଓ ସମସ୍ତେ ବଡ ପ୍ରୀତ ହୋଇଥିଲେ । ଏହିପ୍ରକାର ସାମାଜିକ କ୍ରିୟା ଦ୍ୱାରା ଭିନ୍ନ ଜାତୀୟଙ୍କ ମଧ୍ୟରେ ପ୍ରୀତି ସ୍ଥାପନ ହୁଅଇ ।

ବର୍ଦ୍ଧମାନ ଅଞ୍ଚଳରେ ଜଣେ ସ୍ତ୍ରୀ ପୁଷ୍କରିଣୀରେ ସ୍ନାନ କରୁଥିବାବେଳେ ମୂର୍ଚ୍ଛା ବେଗରେ ଜଳମଗ୍ନ ହେଲା । ତାହାର ସ୍ୱାମି " ବୁଡି ମଲା ବୁଡିମଲା „ ଶବ୍ଦ କରି ପୋଖରୀରେ ପଶିଲା । ଏ ଶବ୍ଦ ଶୁଣି ପ୍ରତିବାସିମାନେ ଦଉଡ ଅସି ସ୍ତ୍ରୀକୁ ଉଦ୍ଧାର କଲେ । ସ୍ତ୍ରୀର ଚେତନା ହେଲରୁ ସେ କହିଲା ମୋର ସ୍ୱାମି ମତେ ଧରିବାକୁ ପାଣିରେ ପଶିଥିବାର ମୋର ଝପ୍ ମନେ ପଡୁଅଛି ସେ କୁଆଡେ ଗଲେ ତାଙ୍କ ସମସ୍ତେ ଖୋଜ । ପୋଖରୀରେ ଖୋଜିବାରୁ ସ୍ୱାମିର ଶବ ବାହାରିଲା ।

ମେଦିନୀପୁର ଓ ସଏଦା ଜିଲାରେ ବସନ୍ତ ରୋଗର ପ୍ରାଦୁର୍ଭାବ ହୋଇଅଛି ଓ ପ୍ରତ୍ୟହ ଅନେକ ଜଣ ମରୁ ଅଛନ୍ତି । ଏ ବର୍ଷ ଏ ରୋଗର ଏତେ ପ୍ରକୋପ କାହିଁକି ?

ସମ୍ବାଦବାହିକା କୌଣସି ପତ୍ରିକାରୁ ଅବଗତ ହୋଇଅଛୁ ଯେ ବଙ୍ଗଦେଶରେ ଜଣେ ଲୋକ ଗତ ଅଷାଢମାସରେ ଗୋଟିଏ ଗାଈଟାକୁଅ ପୋତିଥିଲା ତହିଁରୁ ଏକଫୁଟ ଉଚ୍ଚର ଗଛଟିଏ ହୋଇ ଗତ କାର୍ତ୍ତିକମାସରେ ସେ ଗଛ ବଉଳ ସେଥିରେ ଅମ୍ବ ଫଳିଲା ବର୍ତ୍ତମାନ ସେଥିରେ ପଚିଶଟି ଅମ୍ବ ଅଛି । ସତେ !

ଜୟପୁରରେ ମୋଟ ୧୦ ଟି ବାଳକାବିଦ୍ୟାଳୟ ଅଛି । ସେଥିରେ ୬୮୫ ବାଳିକା ବିଦ୍ୟା ଶିକ୍ଷା କରୁଥିଲନ୍ତି । ଉତ୍ତମ ।

କଲିକତା ଚୁନାଗଳିରେ ଭୟଙ୍କର ନରହତ୍ୟା ହୋଇଅଛି । ସେଠାରେ ଜଣେ ଫିରିଙ୍ଗୀ ଏକ ମେମ ଘରେ ବସା କରିଥିଲା ଓ ଅନ୍ୟ ସ୍ଥାନରେ କାର୍ଯ୍ୟରେ ନିଯୁକ୍ତ ଥିଲା । ବଡଦିନ ଛୁଟୀରେ ବସାକୁ ଆସି ଆପଣା ସ୍ତ୍ରୀକୁ ନ ଦେଖି ମେମକୁ ପଚାରିବାରୁ ସେ କହିଲା ତୋହୋ ସ୍ତ୍ରୀ ଜଣେ ଯୁବାସଙ୍ଗେ ପଳାଇଦେଇ କେଉଁଠାକୁ ଯାଇଅଛି । ତହିଁ ସେ ହଠାତ୍ ମେମକୁ ବଧକଲା ତଦପରେ ଅନ୍ୟ ଦୁଇଜଣ ଫିରିଙ୍ଗିଙ୍କୁ ହତ୍ୟାକଲା ଆଉ ଦୁଇଜଣ ତାକୁ ଧରିବାକୁ ଆସିବାରୁ ସେମାନଙ୍କୁ ମଧ୍ୟ ବଧକଲା । ପରିଶେଷେ ଧରାପଡି ମେଜଷ୍ଟରଙ୍କଠାରେ ସ୍ୱୀକାର କଲା ଯେ ମେମ ମୋର ସ୍ତ୍ରୀକୁ ମନ୍ଦ ପରାମର୍ଶ ଦେବାରୁ ତାକୁ ଓ ଅନ୍ୟ ଦୁଇଜଣ ଫିରିଙ୍ଗିଙ୍କର ମୋ ସ୍ତ୍ରୀ ସଙ୍ଗେ ପାପାଳାପ ଥିବାରୁ ସେମାନଙ୍କୁ ବଧ କଲି । ଅନ୍ୟ ଦୁଇଜଣ ମୋତେ ବାଧାଦେବାରୁ ସେମାନଙ୍କୁ ମଧ୍ୟ ମାରିଅଛି ପାପରୁ ମହାପାପ !

ଗ୍ରେଟବ୍ରିଟନ ଇଲଣ୍ଡ ଦେଶରେ ବେଶ୍ୟାବୃତ୍ତି ନିବାରଣପାଇଁ ଗୋଟିଏ ସଭା ହୋଇଅଛି । କେତେକଜଣ ଦେଶହିତୈଷୀ ସଦୁପଦେଶ ଓ ଅନ୍ୟାନ୍ୟ ଉପାୟଦ୍ୱାରା ସଭାର ଉଦ୍ଦେଶ୍ୟ ସାଧନରେ ଏକାନ୍ତ ଯତ୍ନବାନ୍ ହୋଇଅଛନ୍ତି । ସେମାନେ ଜେନିଭାରେ ମ୍ୟୁନିସିପାଲଟିଯୋଗେ ନିୟମ କରାଇ ଅଛନ୍ତି ଯେ ବେଶ୍ୟାମାନେ ଉପରଓଳି ଆପଣାକୁ ଦେଖାଇଦେଲେ ୮ଦିନ କଏଦ ହେବେ ଓ ଅନ୍ୟ କୌଣସିମତେ ପଥିକମାନଙ୍କୁ ମୁଗ୍ଧ କଲେ କଠିନ ଦଣ୍ଡ ପାଇବେ । ସଭ୍ୟଗଣ ସେମାନଙ୍କ ପ୍ରତିପୋଷଣର ସଦୁପାୟ ମଧ୍ୟ କରି ଦେଉଅଛନ୍ତି । ଏ ପାପ କି ସହଜେ ନିବାରଣ ହେବ !

ବିଲାତରେ ମଦର ଏଡେ଼ ପ୍ରାଦୁର୍ଭାବ ଯେ ଲିଭରପୋର୍ଟରେ ପ୍ରତିମାସରେ ମଦଖାଇ କେହି ନା କେହି ପୋଡିମରନ୍ତି । ସେଠାରେ ୪୦ ହଜାର ସରବ ଦୋକାନ ୧୦ ବର୍ଷ ମଧ୍ୟରେ ୧୫ ଲକ୍ଷ ୪୦ ହଜାର ଲୋକ ମଦଖାଇବାହେତୁ ଗାରଦରେ ଭରତି ହୋଇଅଛନ୍ତି । ମଦହେତୁ ବର୍ଷମଧ୍ୟରେ ୧୦ ହଜାର ମକଦମା ହୋଇଯାଇଅଛି । ସେଥିମଧ୍ୟରୁ ପ୍ରାୟ ୫ହଜାର ସ୍ତ୍ରୀ ଓ ବାଳକମାନଙ୍କ ପ୍ରତି ଅତ୍ୟାଚାର ହେତୁରୁ ଘଟଇ । ଗତବର୍ଷ ବିଲାତରେ ୧୬୨ ହଜାର ସ୍ତ୍ରୀଲୋକ ମଦଖାଇ ଉପଦ୍ରବ କରିଅଛନ୍ତି ଏହା ସଭ୍ୟତା ଓ ଶିକ୍ଷାର ଚୂଡାନ୍ତ ଫଳ ଅଟେ । ଏମନ୍ତ ସଭ୍ୟତା ଉଚ୍ଛନ୍ନ ହେଉ ।

ଜଣେ ଲୋକ ଗୃହିକାର ଠକାଇ ନୋଟ ଆପଣା କୁର୍ତ୍ତାର ଜେବରେ ରଖି ସିଆଲଦାରୁ ଶାମନଗରକୁ ରେଲ ଗାଡିରେ ଗଲା । ଶାମନଗରରେ ପ୍ରବେଶ ହୋଇ ଦେଖିଲା ଯେ ଜେବ କଟା ହୋଇଅଛି ଓ ନୋଟ ନାହିଁ । ନୋଟ ଗଣ୍ଠିକିଦ ଖଜଣା ଦାଖଲ ନିମିତ୍ତ ଥିଲା । ନୋଟ ଚୋରି ଯିବାର ଦେଖି ତାହାର ଜୀବ ବୁଡିଗଲା । ସେ ରେଳର ଉ କର୍ମଚାରୀ ଓ ପୁଲିସକୁ ଜଣାଇଅଛି । ଚୋର ଧରାପଡି ନାହିଁ ।

ସାମେରିକାରେ ଗୃହିକାର ସ୍ତ୍ରୀଲୋକ ଡାକଘରେ ପୋଷ୍ଟମାଷ୍ଟରି କର୍ମ କରୁଅଛନ୍ତି । ଆମେରିକା ସ୍ୱାଧୀନ ଥିବାରୁ ସେଦେଶରେ ନାନାପ୍ରକାର ଉନ୍ନତି ହେଉଅଛି ।

କୋଏମ୍ବଟୋର ଜିଲାର ଜଣେ ତହସିଲଦାରଙ୍କ ବିଧବା ସ୍ତ୍ରୀ କମଲାଅମ୍ମାଳ ଓ ତେଲଙ୍ଗୀ ଭାଷାରେ ଶିକ୍ଷାନିମିତ୍ତ ଗୋଟିଏ ବିଦ୍ୟାଳୟ ସ୍ଥାପନ ସକାଶେ ବାର ସହସ୍ରଟଙ୍କା ଦାନ କରିଅଛନ୍ତି । ଛାତ୍ରମାନଙ୍କୁ ଦରମା ବେତନରେ ଶିକ୍ଷାପ୍ରଦାନ କରାଯିବ । ବିଦ୍ୟାଶିକ୍ଷା ପକ୍ଷରେ ସ୍ତ୍ରୀଲୋକର ଏତେ ଉତ୍ସାହ ବଡ ପ୍ରଶଂସାର ବିଷୟ ଅଟେ ।

ମଦାରିପୁରରେ ରଇତମାନେ ସେମାନଙ୍କର ଜମିଦାର ଓ ତାଙ୍କର ତିନିଜଣ ଚାକରଙ୍କୁ ବଧକରିଅଛନ୍ତି । ଯେଉଁ ଜମିଦାର ଦୁଷ୍ଟ କି ?

ପୃଥିବୀରେ ପର୍ବତ ଉପରେ ଯେତେ ନଗର ଅଛି କାଶ୍ମୀର ସବାପେକ୍ଷା ଗାଲେଭକାମକ ନଗର ଅଧିକ ଉଚ୍ଚସ୍ଥାନରେ ଅଛି । ଆମେରିକାଦେଶରେ ଅଣ୍ଡିସ ପର୍ବତ ଉପରେ ସମୁଦ୍ର ପତନରୁ ଫୁ ୧୫୬୪୫ ଟି ଉଚ୍ଚରେ ନଗର ଅଛି । ତଳକୁ ଓହ୍ଲାଇଲେ ଘନମାଇଲରୁ ଅଧିକ ବାଟ ଚାଲିବାକୁ ପଡେ ।

ଜମୀନ୍ଦ୍ରମାନେ ୨୫ ସହସ୍ର ଟଙ୍କା ଅର୍ଥଦଣ୍ଡ ଓ ଏକସହସ୍ର ଗାଈ ଗବର୍ଣ୍ଣମେଣ୍ଟଙ୍କୁ ଦେବେ । ମାତ୍ର ସେମାନଙ୍କୁ ଦମନ କରିବାର ଯତ୍ନ ଏଥିରୁ ଅନେକ ଅଧିକ ହୋଇପାରେ ।

### ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ନିମ୍ନ ଲିଖିତ କେତେକ ପଂକ୍ତିକୁ ସ୍ଥାନଦାନ କଲେ ବାଧିତ ହେବି ।

ଗତମାସ ତା ୧୦ ରଖରେ ଢେଙ୍କାନାଳ ହିତୈଷିଣୀ ସମାଜର ବାର୍ଷିକ ଅଧିବେଶନ ସ୍କୁଲ ଅଟ୍ଟାଳିକାରେ ସମାରୋହ ପୂର୍ବକ ସମ୍ପାଦିତ ହୋଇଥିଲା । ଗୃହଟି ଉତ୍ତମ ଅଳଙ୍କୃତ ହୋଇ ଥିଲା । ମାନ୍ୟବର ଶ୍ରୀଯୁକ୍ତ ଢେଙ୍କାନାଳ ମହାରାଜ ଏବଂ ନଗରସ୍ଥ ସମସ୍ତ ଭଦ୍ରଲୋକ ଓ କର୍ମ୍ମଚାରୀମାନେ ଉପସ୍ଥିତ ହୋଇ ସଭାଟିକି ଅଳଂକୃତ କରିଥିଲେ । ମହାରାଜ ମହୋଦୟ ସଭାପତି ଆସନ ଏବଂ ବାବୁ ବନମାଳୀ ସିଂହ ମେନେଜରଙ୍କ ସହକାରୀ ସଭାପତିର ଆସନ ଗ୍ରହଣ କରିଥିଲେ । ଆଜିର ମଧ୍ୟ ସଭାର ସ୍ଥାପନ ଦିବସାବଧି କୌଣସି ସାମୟିକ ଅଧିବେଶନ ହୋଇ ନ ଥିବାରୁ ସଭ୍ୟମାନେ ଏଥିରେ ସମଧିକ ହର୍ଷ ବିହ୍ୱଳ ପ୍ରଦର୍ଶନ କରିଥିଲେ । ସମାଜର ଫଳୋନ୍ନତି ଓ ଅବନତି ଏବଂ ଦେଶ ହିତୈଷିତା ବିଷୟରେ ସଭ୍ୟମାନେ ବକ୍ତୃତାରେ କହିଥିଲେ । ବାବୁ ଶ୍ରୀ ବନମାଳୀ ସିଂହ ସହକାରୀ ସଭାପତି ଓ ବାବୁ ଶ୍ରୀ ଫକୀରମୋହନ ସେନାପତି ଉତ୍ସାହ ପ୍ରଦାନ ପୂର୍ବକ କେତେକ ବିଷୟ କହି ସଭାକୁ ବାଧିତ କରିଥିଲେ । ସହକାରୀ ସଭାପତିଙ୍କର "ସଭ୍ୟମାନେ କେବଳ ବକ୍ତୃତାପ୍ରିୟ ନ ହୋଇ ଦେଶର ହିତକାର୍ଯ୍ୟ ଅନୁଷ୍ଠାନ କରିବା ଉଚିତ ଏବଂ ଉକ୍ତ କାର୍ଯ୍ୟରେ କର୍ମ୍ମଚାରୀମାନଙ୍କର ସାହାଯ୍ୟ ଆବଶ୍ୟକ ହେଲେ ସେମାନେ ସ୍ୱଚ୍ଛନ୍ଦରେ ସାହାଯ୍ୟ କରି ପାରିବେ" ଇତ୍ୟାଦି ମନ୍ତବ୍ୟ ପ୍ରକାଶ ଦ୍ୱାରା ସଭାର ସମସ୍ତ ସଭ୍ୟମଣ୍ଡଳୀ ପରମାନନ୍ଦିତ ହୋଇଥିଲେ । ଇତି ।

୧୩।୧।୮୦ } ଶ୍ରୀ ଗୌରାଙ୍ଗ ଗ୍ରାମପଟ୍ଟନାୟକ
ଢେଙ୍କାନାଳ } ହେଡ଼ମାଷ୍ଟର ପଣ୍ଡିତ ପାଠଶାଳା

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଶ୍ରୀ ରଘୁନା ଚଣ୍ଡି ଅଳ | ଅଗ୍ରିମ | ଟ ୫।୪୦ |
| ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକ କଟକ ବଲଦା | | ଟ ୩ ୧ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## NOTICE.

THROUGH TRAFFIC FROM CUTTACK TO CALCUTTA.

The Tteamer "Olga" and Passenger Boats will leave the Godowns of the undersigned every Tuesday commencing with Tuesday the 20th instant, for the purpose of conveying Passengers to Patamondie, at which place Passengers will be transferred to the Steamer "Ooryia" for conveyance to Calcutta.

The "Ooryia" will leave Patamondie every Thursday, arriving at Calcutta on the following day.

There will always be a halt of some hours at Patamondie to enable Passengers to obtain refreshment.

Passengers & Cargo can be booked at through rates from Cuttack to Calcutta at the Godowns of the undersigned, as follows.

FIRST CLASS PASSENGERS.

Rs. 45 each { Two servants may accompany each Passenger to Patamondie free, but fares at the rate of Rs.2–6–0 each servant, extra, must be paid on board the "Ooryia".
Messing as far as Patamondie Rs. 4 per diem, extra.
Messing on board the "Ooryia" free.
Children under three with parents, free.
Children under ten, half fare.
Four Bengal maunds of baggage allowed free.

SECOND CLASS PASSENGERS.

Rs. 20 each { Should Passengers not bring their own food, they can be messed both on board the "Olga" & 'Ooryia' at the rate of Rs. 2 per diem. Two Bengal maunds of luggage free.

DECK PASSENGERS.

Rs. 3–8 each { These figures includes all charges from Cuttack to Calcutta.

CARGO.

Will be conveyed from Cuttack to Calcutta at through rates for different goods on the basis of the following.

Measurment Goods:— Rs. 15 per ton of 50. C. ft.

Sleepers ... ... ... Rs. 0–13–0 each

Through Tickets, Bills of Lading, and full particulars can be obtained on application to the undersigned.

Cuttack, January 16, 1880. } BULLOCH WELLSTED & Co.

---

## ବିଜ୍ଞାପନ ।

କଟକଠାରୁ କଲିକତାପର୍ଯ୍ୟନ୍ତ ଅବ୍ୟବହିତ ବାଣିଜ୍ୟ ଷ୍ଟିମର ଅଲଗା ଏବଂ ଯାତ୍ରୀନୌକାମାନ ଚଳିତମାସ ତା ୨୦ ରିଖଠାରୁ ପ୍ରତି ମଙ୍ଗଳବାର ଅମ୍ଭର ଗୋଦାମରୁ ପଟାମୁଣ୍ଡି-ରୁ ଯାତ୍ରୀ ନେଇଯିବ ଓ ପଟାମୁଣ୍ଡିଠାରେ କଲିକତା ଯିବା-ସକାଶେ ଓଡିଆନାମକ ଷ୍ଟିମରରେ ଚଢାଇଦେବ ।

"ଓଡିଆ" ଷ୍ଟିମର ପ୍ରତିଗୁରୁବାର ପଟାମୁଣ୍ଡିରୁ ଯାତ୍ରାକରି ତହିଁ ଅରଦିନ କଲିକତାରେ ପହୁଞ୍ଚିବ ।

ଯାତ୍ରୀମାନଙ୍କ ଭୋଜନାଦି ନିମିତ୍ତ ପଟାମୁଣ୍ଡିଠାରେ କିଛି-ସମୟ ସର୍ବଦା ଜାହାଜ ରହିବ ।

ଅମ୍ଭର ଗୋଦାମଠାରେ ନିମ୍ନଲିଖିତ ହାରରେ ଯାତ୍ରୀ ଓ ଦ୍ରବ୍ୟାଦି ଗୃହୀତ ହେବ ଯଥା;—

ପ୍ରଥମଶ୍ରେଣୀର ଯାତ୍ରୀ ।

ଜଣପ୍ରତି ଟ ୪୫୲ ଙ୍କା { ପ୍ରତ୍ୟେକ ଯାତ୍ରୀ ସଙ୍ଗେ ଦୁଇଜଣ ଚାକର ବିନାଭଡାରେ ପଟାମୁଣ୍ଡିକୁ ଯିବେ ମାତ୍ର ସେଠାରେ ଜଣପ୍ରତି ଟ ୨।୶ ଲେଖାଁଏ "ଓଡିଆ" ଜାହାଜରେ କଲିକତା ଯିବାର ଭଡା ଦେବେ ।
ପଟାମୁଣ୍ଡିପର୍ଯ୍ୟନ୍ତ ଦିନକୁ ଟ ୪୲ ଙ୍କା ଲେଖାଁଏ ଖାଇବାଖର୍ଚ୍ଚ ପଡିବ ।
ଓଡିଆଜାହାଜରେ ଖାଇବାଖର୍ଚ୍ଚ ଦେବାକୁ ହେବନାହିଁ ତିନିବର୍ଷ ବୟସର ପିଲାପ୍ରତି ମାସୁଲ ଛାଡ଼ ଏବଂ ଦଶବର୍ଷରୁ ଊଣା ଅର୍ଦ୍ଧମାସୁଲ ।
ସଙ୍ଗର ଦ୍ରବ୍ୟ କଲିକତା ଦୁଇମହଣ ଛାଡ ।

ଦ୍ୱିତୀୟଶ୍ରେଣୀର ଯାତ୍ରୀ

ଜଣପ୍ରତି ଟ ୨୦୲ ଙ୍କା { ଯେବେ ଯାତ୍ରିମାନେ ଆପଣା ଖା-ଇବାଦ୍ରବ୍ୟ ସଙ୍ଗରେ ଆଣି ନ ଥିବେ ତେବେ 'ଅଲଗା' ଓ 'ଓଡିଆ' ଜାହାଜମାନଙ୍କରେ ଦିନକୁ ଟ ୨୲ ଙ୍କା ଲେଖାଁଏ ଦେଲେ ଖାଇବାକୁ ପାଇବେ ।
କଲିକତି ଦୁଇମହଣ ଓଜନର ଦ୍ରବ୍ୟ ଛାଡ଼ ।

ଉପରେ ବସିବା ଯାତ୍ରୀ ।

ଜଣପ୍ରତି ଟ ୩୲ { କଟକଠାରୁ କଲିକତାପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଏଥିର ଅନ୍ତର୍ଗତ ଅଛଇ ।

ମହାଜନୀ ଦ୍ରବ୍ୟ ।

କଟକଠାରୁ କଲିକତାପର୍ଯ୍ୟନ୍ତ ନିମ୍ନଲିଖିତ ନିୟମରେ ନାନାପ୍ରକାର ଦ୍ରବ୍ୟ ପଠାଯାଇ ପାରିବ ଯଥା;—

ମାପ ଅନୁସାରେ ମାସୁଲ ଧାର୍ଯ୍ୟ ହେବାଉନ୍ନ ଦ୍ରବ୍ୟ ପ୍ରତିଟନ ଅର୍ଥାତ୍ ୫୦ ଘନଫୁଟକୁ ଟ ୧୫୲

ସ୍ଲିପର ପ୍ରତିଖଣ୍ଡକୁ ଟ ୦ ।୶

ଯାତ୍ରୀଙ୍କ ଟିକଟ ବିଲଅବ୍‌ଲେଡିଂ ଓ ସମସ୍ତ ସମ୍ବାଦ ଅମ୍ଭମାନଙ୍କ ନିକଟରେ ପ୍ରାପ୍ତ ହେବ ।

କଟକ ୧୬।୧।୮୦ } ବୁଲକ ଓଲେଷ୍ଟେଡ୍ କମ୍ପାନି ।

---

ଅଦ୍ୟନ୍ତ ଆଶ୍ଚର୍ଯ୍ୟ ଭୋଜବିଦ୍ୟା ଅର୍ଥାତ୍ ବାଜିଗିରି ତାମସା ଆସନ୍ତା ସୋମବାର ଜାନୁଏରି ମାସ ତା ୨୬ ରିଖ ରାତି ସ ୭୲ ଘା ସମୟରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଛାପାଖା-ନା ଦୋମହଲାରେ ପ୍ରଦର୍ଶିତ ହେବ । ଏଥର ଟିକଟ ଅତ୍ୟନ୍ତ ସୁଲଭ ଅର୍ଥାତ୍ ଟ ୦ । ମୂଲ୍ୟରେ ବିକ୍ରୟ ହେବ । ଅମ୍ଭର ଆଉ ରହିବାର ହେବନାହିଁ ସତ୍ୱର ଏଠାରୁ ଗମନକରିବୁଁ । ଶ୍ରୀଯୁକ୍ତ ବାବୁ ପ୍ୟାରିମୋହନ ଆଚାର୍ଯ୍ୟଙ୍କ ନିକଟରେ ଟିକଟ ବିକ୍ରୟ ହେଉ ଅଛି ।

ପ୍ରୋଫେସର
ଭାସଉଡସାହେବ ।

---

## ନୂତନ ପଞ୍ଜିକା ।

ସନ ୧୮୮୦।୮୧ ସାଲର ଉତ୍କଳ ନୂତନପଞ୍ଜିକା ପ୍ରସ୍ତୁତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉ-ଅଛି ତହିଁର ମୂଲ୍ୟ ଟ ୦ ୷ ମୋଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡ଼ା ପୃଥକ୍ ଡାକମାସୁଲ ପଡିବ ।

---

କଲିକତା ଓ ବଗୀଘର ମଧ୍ୟରେ ମନୁଷ୍ୟ ଯାତାୟାତର ଜାହାଜ ଭଡ଼ା ଦି ଇଷ୍ଟ୍ ଇଣ୍ଡିଆନ୍ ଷ୍ଟିମ ନେବିଗେସନ କମ୍ପାନି ପୂର୍ବେ ଯାହା ନେଉଥିଲେ ବର୍ତ୍ତମାନ ତାହା ଊଣା କରିବାରୁ ଉକ୍ତ କମ୍ପାନିର ଏଜଣ୍ଟ ବୁଲକ୍ ବେଲଷ୍ଟଡ଼ କମ୍ପାନି ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛନ୍ତି କି ସେମାନେ ନିମ୍ନଲିଖିତ ହାରରେ ଜାହାଜ ଭଡ଼ାର ଟିକଟମାନ ଜାରି କରିବାକୁ ପ୍ରସ୍ତୁତ ଅଛନ୍ତି ଯଥା;—

| | | |
|---|---|---|
| ପ୍ରଥମଶ୍ରେଣୀ | ବଗୀଘରଠାରୁ କଲିକତାକୁ | ଟ ୨୫୲ |
| ଦ୍ୱିତୀୟଶ୍ରେଣୀ ଏକାକୀ | ଏକାକୀ | ଟ ୧୨୲ |
| ଉପରେ ବସିବା ଲୋକ । | " ଏକାକୀ | ଟ ୨୲ |

ଉପର ଲିଖିତ ହାର ଦୃଷ୍ଟିରେ କଟକଠାରୁ ବଗୀଘରକୁ ଯିବାର ଜାହାଜ ଭଡ଼ା ଖାଦ୍ୟସାମଗ୍ରୀ ଛଡା ନିମ୍ନଲିଖିତ ରୂପେ ନିଆଯିବ ଯଥା;—

| | | |
|---|---|---|
| ୧ମ ଶ୍ରେଣୀ | ଏକଜଣ ଦୁଇଚାକର ସହିତ | ଟ ୨୫୲ |
| ୨ୟ ଶ୍ରେଣୀ | " ଏକ ଚାକର " | ଟ ୧୨୲ |
| ଉପରେ ବସିବା ଲୋକ ... ... ... | | ଟ ୨୲ |

---

☞ ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter


Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଶ } ଭା ୩୧ ଦଶ ମାହେ ଜାନୁଏରି ସନ ୧୮୮୦ ମସିହା । ମୁ । ମାଘ ଦ ୨୦ କ ସନ ୧୨୮୬ ସାଲ ଶନିବାର
ସଂ ୫ ଖ୍ୟା }

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
{ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୩୲
{ ମଫସଲପାଁଇ ଡାକମାସୁଲ ଟ ୧୲୦

ଏ ସପ୍ତାହରେ କାବୁଲର ବିଶେଷ ସମ୍ବାଦ ନାହିଁ । କୌଣସି ଠାରେ ଆଉ ଯୁଦ୍ଧ ହୋଇ ନାହିଁ କେବଳ ଘଜନି ଓ କୋଗରରେ ମେଳ ହେଉ ଅଛି ଓ ଗଣ୍ଡଗୋଳ ଲାଗି ଅଛି । ମୁସ୍ତାଫାର ପୁତ୍ରମାନେ ରବର୍ଟ ସାହେବଙ୍କ ଠାକୁ ଅସି ଅଛନ୍ତି ଓ ମୋଗଲଖାଁର ଦଳ ଖାଦ୍ୟସାମଗ୍ରୀ ଅଭାବରେ ଛିନ୍ନଭିନ୍ନ ହୋଇ ଅନେକେ ଆପଣା୨ ଘରକୁ ଫେର ଯାଉ ଅଛନ୍ତି । ଅସମଭୁଲାଖାଁ ଜନରବ ଉଠାଇ ଅଛି ଯେ ମହମ୍ମଦଜାନ ଗୋଲାମ ମହେଦର ଓ ଆୟୁବ ଖାଁ ମିଶି କାବୁଲ ଆକ୍ରମଣ କରିବେ । ଜେଲାଲବାଦର ପୂର୍ବ ଗବର୍ଣ୍ଣର ମହମ୍ମଦ ହୁସେନଖାଁ ମହମ୍ମଦଜାନଙ୍କ ସଙ୍ଗେ ମିଶିବା କାରଣ ଗଲାବେଳେ ଦଙ୍ଗାଗ୍ରର ଅନେକ ଗ୍ରାମ ପୋଡ଼ ଦେଲେ ଓ ଅନେକ ମନୁଷ୍ୟ ସ୍ତ୍ରୀ ବାଳକ ସହିତ ହତ କଲେ । ଦଙ୍ଗାଗ୍ରର ଲୋକେ ଗବର୍ଣ୍ଣମେଣ୍ଟଙ୍କ ସପକ୍ଷରେ ଥିବାରୁ ସେମାନଙ୍କ ପ୍ରତି ସେ ଏପରି ଅତ୍ୟାଚାର କଲେ । ଦଙ୍ଗାର ଲୋକେ ଏଥିର ଦାଉ ସାଧିବା କାରଣ ଏକମେଳ ହୋଇଅଛନ୍ତି ଓ ଘଜନି ବିଦ୍ରୋହୀଙ୍କ ସଙ୍ଗେ ଯୁଝିବାର ମଧ୍ୟ ସମ୍ବାଦ ଅସିଅଛି । କାବୁଲରେ ଥିବା ହିନ୍ଦୁ ଦୋକାନମାନେ ଗୁରୁତର୍ବର୍ଷକୁ ଫେର ଅସିବାର ଉଦ୍ୟୋଗରେ ଥିଲେ । ସେମାନଙ୍କୁ ବୁଝାଇ ରଖିବା କାରଣ ଜେନରଲ ରବର୍ଟ ସାହେବ କାବୁଲର ଗବର୍ଣ୍ଣର ଓୟାଲି ମହମ୍ମଦଙ୍କୁ ସମ୍ବାଦ କରୁ ଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ସପକ୍ଷ ସମ୍ପ୍ରଦାୟମାନଙ୍କର ଯେଉଁଠି ସମ୍ପତ୍ତି ଲୁଟରେ ଯାଇ ଅଛି ତହିଁର କ୍ଷତିପୂରଣ ଦେବାର ସ୍ଥିର ହୋଇଅଛି । କାବୁଲର ରାଜକାର୍ଯ୍ୟ ଚଳାଇବାରେ ଗବର୍ଣ୍ଣର ଓୟାଲି ମହମ୍ମଦଙ୍କୁ ସାହାଯ୍ୟ କରିବା କାରଣ କେତେକ ଇଂରେଜ କର୍ମଚାରୀ ଏକ୨ ବିଭାଗର ଭାର ନେଇ ଅଛନ୍ତି ।

---

ବିଶ୍ୱବିଦ୍ୟାଳୟର ଗତ ପରୀକ୍ଷାରେ ଓଡ଼ିଶାର ଯେଉଁ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରୁ ନିମ୍ନ ଲେଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ।

ଏଲ, ଏ, ପରୀକ୍ଷାରେ ।

୨ୟ ଶ୍ରେଣୀ ବୃତ୍ତି ମାସିକ ଟ ୨୦୲ ଙ୍କା

| | |
|---|---|
| ଜାନକୀନାଥ ବସୁ | କଟକ କଲେଜ |
| ଅର, ଡ, ପାଟରସନ | „ |

ପ୍ରବେଶିକା ପରୀକ୍ଷାରେ ।

୨ୟ ଶ୍ରେଣୀ ମାସିକ ଟ ୧୫୲ ଙ୍କା

| | |
|---|---|
| ଓୟାରସ ଅଲ୍ଲି | କଟକ କଲେଜ |
| କୃଷ୍ଣାଙ୍କ ଗୁପ୍ତ | କଟକ ଅକାଡେମୀ |
| ବୈକୁଣ୍ଠନାଥ ଦତ୍ତ | ବାଲେଶ୍ୱର ସ୍କୁଲ |
| ଗଣପତି ଦାସ | „ |

୩ୟ ଶ୍ରେଣୀ ମାସିକ ଟ ୧୦୲ ଙ୍କା

| | |
|---|---|
| ମଣିଭୂଷଣ ମହାପାତ୍ର | ବାଲେଶ୍ୱର ସ୍କୁଲ |
| ଶ୍ୟାମସୁନ୍ଦର ଦାସ | „ |
| ପୂର୍ଣ୍ଣଚନ୍ଦ୍ର ପାଲିତ | କଟକ କଲେଜ |
| ମହମ୍ମଦ ଅଲ୍ଲି | „ |
| ଜଗନ୍ନାଥ ଦତ୍ତ | ପୁରୀ ସ୍କୁଲ |
| ଅନନ୍ତରାମ ତ୍ରିପାଠୀ | „ |

ଏଲ, ଏ, ପରୀକ୍ଷାରେ ଜଣେ ଓଡ଼ିଆ ଛାତ୍ର ପାସ କରିଥିଲା ମାତ୍ର ବୃତ୍ତି ପାଇ ନ ପାରିଲା । ମେଓଫେଣ୍ଡ ଇତ୍ୟାଦିରୁ ତାକୁ ବୃତ୍ତି ଦିଆଯାଇ ପାରେ । କଟକ ଅକାଡେମୀ ଅର୍ଥାତ ପ୍ୟାରୀ ବାବୁଙ୍କ ସ୍କୁଲର ଜଣେ ଛାତ୍ର ପାସ କରି ୨ୟ ଶ୍ରେଣୀ ବୃତ୍ତି ପାଇଅଛି ଏହା ସେ ସ୍କୁଲ ପକ୍ଷରେ ପ୍ରଶଂସନୀୟ । ଗତ ଦୁଇ ବର୍ଷର ବୃତ୍ତି ବିତରଣରୁ ବୋଧ ହୁଏ ଯେ ଓଡ଼ିଶା ବିଭାଗେ ଦଶଗୋଟି ବୃତ୍ତି ମଧ୍ୟରୁ କଟକର ଗୋ ୪ ଟି ବାଲେଶ୍ୱରର ଗୋ ୪ ଟି ଓ ପୁରୀର ଗୋ ୨ ଟି ଥିଲା । କଟକ ବଡ଼ଜିଲା ଓ ଏଠାରେ କଲେଜ ଥିବାରୁ ବାଲେଶ୍ୱର ଅପେକ୍ଷା କଟକର ବୃତ୍ତି ସଂଖ୍ୟା ଅଧିକ ହେବାର ଉଚିତ ଥିଲା । ଅତଏବ ଏହାକୁ ପକ୍ଷରେ କଟକରେ ପାଞ୍ଚଗୋଟି ବୃତ୍ତି ହେବାର ଆବଶ୍ୟକ ।

---

ସନ ୧୮୭୯ ମସିହାର ଇଂରେଜୀ ନିମ୍ନ ଛାତ୍ରବୃତ୍ତି ଓ ଉତ୍କଳ ଛାତ୍ରବୃତ୍ତି ପରୀକ୍ଷାର ଫଳ ଅଧରକ୍ତ ପତ୍ରିକାରେ ପ୍ରକାଶ କରାଗଲା ତହିଁରୁ ଦେଖାଯାଏ ଯେ ନିମ୍ନ ଇଂରେଜୀ ପରୀକ୍ଷାରେ ଜଣେମାତ୍ର ଛାତ୍ର ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି ଓ ସେ ବାଲେଶ୍ୱର ବାରବାଟି ସ୍କୁଲର ଛାତ୍ର ଅଟଇ । ଏହା ଭିନ୍ନ ଉକ୍ତ ସ୍କୁଲର ଅନ୍ୟର ପାଞ୍ଚୋଟି ଛାତ୍ର ୨ୟଶ୍ରେଣୀରେ ପାଶ କରିଅଛନ୍ତି

Digitized by srujanika@gmail.com

Split by PDF Splitter



ସୁତରାଂ ସେ ସ୍କୁଲ ଏବର୍ଷ ଓଡ଼ିଶାମଧ୍ୟରେ ପ୍ରଥମ ହୋଇଅଛି । ଭଦ୍ରକସ୍କୁଲ ୨ୟ ଓ ଯାଜପୁରସ୍କୁଲ ୩ୟ ହୋଇଅଛି । ପାଶ କରିଥିବା ଜ ୪୦ ଜଣଙ୍କ ମଧ୍ୟରୁ କଟକର ଜ ୨୩ ଜଣ ବାଲେଶ୍ୱରର ଜ ୧୧ ଜଣ ଓ ପୁରୀର ଜ ୬ ଜଣ ଅଟନ୍ତି ସଂଖ୍ୟା ଦୃଷ୍ଟିରେ କଟକର ଫଳ ପ୍ରଶଂସନୀୟ ଓ ପୁରୀର ଫଳ ନିତାନ୍ତ ଅପ୍ରଶଂସନୀୟ ଅଟଇ ।

ଉତ୍କଳ ଛାତ୍ରବୃତ୍ତି ପରୀକ୍ଷାରେ ୧ମଶ୍ରେଣୀରେ ଜ୨୩ଜଣ, ୨ୟଶ୍ରେଣୀରେ ଜ୪୮ଜଣ ଓ ୩ୟଶ୍ରେଣୀରେ ଜ୪୬ଜଣ ପାଶ କରିଅଛନ୍ତି କଟକର ଜଣେ ବାହାରଛାତ୍ର ପ୍ରଥମସ୍ଥାନ, ବାଲେଶ୍ୱର ଦେହୁଡ଼ାସ୍କୁଲର ଛାତ୍ର ଦ୍ୱିତୀୟସ୍ଥାନ, କଟକ ମଡେଲସ୍କୁଲର ଛାତ୍ର ୩ୟସ୍ଥାନ ପାଇଅଛନ୍ତି । ପାଶ କରିଥିବା ଜ୧୧୭ଜଣଙ୍କ ମଧ୍ୟରୁ କଟକର ଜ୨୮ଜଣ, ବାଲେଶ୍ୱରର ଜ୬୭ଜଣ, ପୁରୀର ଜ୧୪ଜଣ, ଗଡ଼ଜାତର ଜ୭ଜଣ ଓ କନ୍ଧମାଳର ଜ୧ଜଣ ଅଟନ୍ତି । ଏ ପରୀକ୍ଷାରେସୁଦ୍ଧା ପୁରୀର ଫଳ ନିକୃଷ୍ଟ ଅଟେ । ବାଲେଶ୍ୱରର ଫଳ ସର୍ବୋତ୍କୃଷ୍ଟ ହୋଇଅଛି । ଏବର୍ଷ କଟକର ଏତେ ଅଳ୍ପ ଛାତ୍ର ପାଶ କରିବା ଆଶ୍ଚର୍ଯ୍ୟ ଓ ଅସନ୍ତୋଷର ବିଷୟ ଅଟେ । ଗଡ଼ଜାତ ମଧ୍ୟରେ ଢେଙ୍କାନାଳର ଜ୫ଜଣ ଅଟନ୍ତି ।

ନିମ୍ନ ଉତ୍କଳ ଛାତ୍ରବୃତ୍ତି (ଲୋୟର ବର୍ଣ୍ଣାକ୍ୟୁଲର) ପରୀକ୍ଷା ଫଳର ତାଲିକା ଆମ୍ଭେମାନେ ଶ୍ରୀଯୁକ୍ତ ଇନସ୍‌ପେକ୍ଟର ମହୋଦୟଙ୍କଠାରୁ ପ୍ରାପ୍ତ ହୋଇଅଛୁଁ ମାତ୍ର ତାହା ଅତି ଦୀର୍ଘ ଥିବାରୁ ପ୍ରକାଶ କରି ନ ପାରିଲୁଁ । ଏ ପରୀକ୍ଷାରେ ପ୍ରଥମଶ୍ରେଣୀରେ ଜ୫୫ଣ, ୨ୟଶ୍ରେଣୀରେ ଜ୬୮ଣ ଓ ତୃତୀୟଶ୍ରେଣୀରେ ଜ୭୪ଣ ମୋଟ ଜ୧୯୭ଣ ପାଶ କରିଅଛନ୍ତି । ଏଥିମଧ୍ୟରେ କଟକର ଜ୭୯ଣ, ବାଲେଶ୍ୱରର ଜ୬୮ଣ, ପୁରୀର ଜ୨[illegible]ଣ, ଗଡ଼ଜାତର ଜ୧୭ଣ ଓ ବାହାରର ଜ୨ଣ ଅଟନ୍ତି । ପୁରୀଜିଲ୍ଲା ବାଣପୁର ସ୍କୁଲର ଛାତ୍ର ପ୍ରଥମଶ୍ରେଣୀରେ ପ୍ରଥମସ୍ଥାନ ପାଇଅଛି । ଏ ପରୀକ୍ଷାରେ ପୁରୀର ଫଳ ସନ୍ତୋଷଜନକ ଓ ପ୍ରଶଂସନୀୟ ଅଟେ ।

---

ବସନ୍ତରୋଗ ।

ବସନ୍ତ ଠାକୁରାଣୀ ନ ଥାଇ ରୋଗ ଥିବାର ଆମ୍ଭେମାନେ ଗତ ସପ୍ତାହରେ ଯୁକ୍ତି ଦେଖାଇଥିଲୁଁ ଓ ଚିକିତ୍ସା ଶାସ୍ତ୍ରରେ ତାହା ରୋଗସ୍ୱରୂପ ନିର୍ଦ୍ଦିଷ୍ଟ ଥିବାର ଉଲ୍ଲେଖ କରିଥିଲୁଁ । ପାଠକମାନଙ୍କ ହୃଦବୋଧ ନିମନ୍ତେ ଆୟୁର୍ବେଦ ଶାସ୍ତ୍ରର ବଚନ ନିମ୍ନେ ଉଦ୍ଧୃତ କରୁଅଛୁଁ ସେ ଶାସ୍ତ୍ରରେ ବସନ୍ତ ରୋଗର ନାମ ମସୂରିକା, ଯଥା;—

"କଟ୍ୱମ୍ଲଲବଣକ୍ଷାର ବିରୁଦ୍ଧାଧ୍ୟଶନା ଶନୈଃ । ଦୁଷ୍ଟ ନିଷ୍ପାବଶାକାଦ୍ୟୈଃ ପ୍ରଦୁଷ୍ଟ ପବନୋଦକୈଃ । କ୍ରୂର ଗ୍ରହେ କ୍ଷଣାଚ୍ଚାପି ଦେଶେ ଦୋଷାଃ ସମୁଦ୍ଧତାଃ । ଜନୟନ୍ତି ଶରୀରେଽସ୍ମିନ୍ ଦୁଷ୍ଟରକ୍ତେନ ସଂଗତାଃ । ମସୂରାକୃତି ସଂସ୍ଥାନା ପିଡ଼କାଃ ସ୍ୟୁର୍ମସୂରିକାଃ । ତାସାଂ ପୂର୍ବଂ ଜ୍ୱରଃ କଣ୍ଡୁ ର୍ଗାତ୍ରଭଙ୍ଗୋଽରତିର୍ଭ୍ରମଃ । ତ୍ୱଚି ଶୋଥଃ ସବୈବର୍ଣ୍ଣୋ ନେତ୍ରରାଗସ୍ତଥୈବ ଚ । ସ୍ଫୋଟାଃ ଶ୍ୟାବାରୁଣା ରୂକ୍ଷା ସ୍ତୀବ୍ରବେଦନୟାନ୍ୱିତାଃ ।"

ଉକ୍ତ ବଚନର ଅର୍ଥ ଏହି ଯେ କଟୁ, ଅମ୍ଳ, ଲବଣ, କ୍ଷାର, ବିରୁଦ୍ଧ ପଦାର୍ଥ, ମଦ ମାଂସ ବା ଶାକାଦି ଭୋଜନ ଏବଂ ଦୂଷିତ ବାୟୁ ଓ ଜଳ ଏବଂ କ୍ରୂର ଗ୍ରହର ଦୃଷ୍ଟି ବଶତଃ ଦେଶ ଦୂଷିତ ହେଲେ ପ୍ରାଣିମାନଙ୍କ ଶରୀରର ରକ୍ତ ଦୂଷିତ ହୋଇ ମସୂରିକା ରୋଗ ଜାତ କରାଏ । ମସୂରିକାରେ ଏ ରୋଗ ବାହାରଇ ଓ ତହିଁ ପୂର୍ବେ ଜ୍ୱର, କଣ୍ଡୂ, ଗାତ୍ରଭଙ୍ଗ, ଅରୁଚି, ଭ୍ରମ, ବିବର୍ଣ୍ଣ ସହିତ ଶୋଥ ବା ଦେହଫୁଲିବା, ନେତ୍ର ଆରକ୍ତ ବର୍ଣ୍ଣ ହୋଇ ଧୂମ୍ର ଅଥବା ଅରୁଣ ବର୍ଣ୍ଣର ସ୍ଫୋଟକମାନ ଶରୀରରେ ବାହାରି ଅତିଶୟ ବେଦନା ଦିଅଇ । ଏ ରୋଗ ନାନା ଆଠପ୍ରକାର ହୁଅଇ ଓ ଏହା ଉତ୍ତା ରୋଗ ଅଟଇ । ସେ ସବୁ ତିନି ଶ୍ରେଣୀରେ ବିଭକ୍ତ ଅର୍ଥାତ୍ ସୁସାଧ୍ୟ, କଷ୍ଟସାଧ୍ୟ ଓ ଅସାଧ୍ୟ । ବସନ୍ତ କଲାପତ୍ର ବସି ଗଲେ ଅସାଧ୍ୟ ହୁଅଇ । ଏଥିର ଅନେକ ଔଷଧ ଆୟୁର୍ବେଦରେ ଲେଖାଅଛି ତହିଁ ମଧ୍ୟରୁ ଗୋଟିଏ ଆମ୍ଭେମାନେ ସମ୍ବାଦ ସ୍ତମ୍ଭରେ ପ୍ରକାଶ କରୁଅଛୁଁ । ଯେପରି ଅନ୍ୟ ରୋଗ କବୁର ଦେବୀ ପ୍ରତୀକାର ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି ସେହିପରି ମସୂରିକା ବା ବସନ୍ତ ରୋଗରେ ଶୀତଳାଠାକୁରାଣୀଙ୍କ ପୂଜାର ବିଧାନ ଅଛି । ରୋଗ ଠାକୁରାଣୀ ନୁହଇ । ଭ୍ରମ ବା କୁସଂସ୍କାର ଓ ଦେଶୀୟ ଚିକିତ୍ସାଶାସ୍ତ୍ରର ଅଧିକ ଆଲୋଚନା ନ ଥିବା ବଶତଃ ଶୀତଳାଠାକୁରାଣୀଙ୍କ ପୂଜା ବିଧିରୁ ରୋଗ ନିଜେ ଠାକୁରାଣୀ ହୋଇ ପଡ଼ିଅଛି । ଏହା ସମ୍ପୂର୍ଣ୍ଣ ଭ୍ରମ । ଯେ ସ୍ଥଳେ ବସନ୍ତ ଗୋଟିଏ ରୋଗସ୍ୱରୂପ ପ୍ରମାଣ ହେଲା ସେ ସ୍ଥଳେ ତାହା ଯେପରି ନ ହୁଏ ସେପରି ଉପାୟ କରିବାର କର୍ତ୍ତବ୍ୟ । ଏଥିର ଏକମାତ୍ର ଉପାୟ ଇଂରେଜି ଟିକା ଅଟଇ ମାତ୍ର ତହିଁ ପ୍ରତି ସକଳ ଲୋକଙ୍କର ଏପର୍ଯ୍ୟନ୍ତ ତାଦୃଶ ଆସ୍ଥା ହୋଇ ନ ଥିବାରୁ ଡାକ୍ତର ଷ୍ଟିଓ୍ୱାର୍ଡ ସାହେବ ଅଇନଦ୍ୱାରା ଚଳାଇବାର ଗତ ବର୍ଷ ପ୍ରସ୍ତାବ କରିଥିଲେ ଓ କଟକରେ ତାଙ୍କର ଯେ ପତ୍ର ଆମ୍ଭେମାନେ ପ୍ରକାଶ କରିଥିଲୁଁ ତହିଁରେ ମଧ୍ୟ ସେ ସେପରି ଅଭିପ୍ରାୟ ବ୍ୟକ୍ତ କରିଅଛନ୍ତି । ଏ ବିଷୟର ବିଚାର ଆମ୍ଭେମାନେ ପଶ୍ଚାତରେ କରିବୁଁ ।

---

ତାଲଚେର ।

ଦକ୍ଷିଣଦିଗ ବାହିନୀ ବ୍ରାହ୍ମଣୀନଦୀର ଦକ୍ଷିଣ କୂଳର ଉଚ୍ଚ ମାଳଦୁଆ ଉପରେ ରାଜାଙ୍କର ନଅର ଶୋଭା ପାଉଅଛି । ନଅର ସମ୍ମୁଖରେ ନଦୀର ଅତଡ଼ା ପ୍ରସ୍ତରମୟ ଆଉ ସେହି ଦାଢ଼ରେ ମହାଦେବଙ୍କର ଗୋଟିଏ ସୁନ୍ଦର ମନ୍ଦିର ଅଛି । ମହାଦେବଙ୍କର ସୁଗଠନ ମନ୍ଦିରକୁ ଅନେକ ପ୍ରାଚୀନ ଧରସହିତ ବ୍ରାହ୍ମଣୀ କୋପଭରରେ ଭଳିଆଇ ପକାଇଦେଇ ଭଗ୍ନାବଶେଷ ଦେଖାଇ ରମଣୀୟତା ସମ୍ପାଦନ କରୁଅଛି । ନଅରର ସମ୍ମୁଖରେ ଉତ୍ତରଦକ୍ଷିଣ ଭାଗରେ ଏକମାଇଲ ଦୀର୍ଘ ଗୋଟିଏ ସୁନ୍ଦର ସଡ଼କ ନିର୍ମିତ ହୋଇ ଅଛି । ରାଜନଅରର ଅବ୍ୟବହିତ ଦକ୍ଷିଣରେ ଜେଲଖାନା ଓ ତହିଁ ନିକଟରେ ଉଚ୍ଚ ପ୍ରସ୍ତର ବେଦିରେ ଜଗନ୍ନାଥଙ୍କର ମନ୍ଦିର ଓ ସେହି ମନ୍ଦିର ସମ୍ମୁଖରେ ଚତୁଷ୍କୋଣ ବର୍ଗର ଗୋଟିଏ ତାଳବର ଅଛି ଯେତେବେଳେ ନଦୀ ସ୍ଫୀତ ହୁଅଇ ସେତେବେଳେ ଜଗନ୍ନାଥଙ୍କର ମନ୍ଦିର ଭିତରକୁ ମଧ୍ୟ ପାଣି ଚାଲିଯାଏ ଆଉ ନଅରର ଶୋଭା ବୃଦ୍ଧି କରନ୍ତେ ସେହି ଦେଶର ଜାତୀୟ ସଙ୍ଗୀତର ଗୋଟିଏ ଶ୍ଳୋକ ଉଦ୍ଧୃତ କରୁଅଛୁଁ । ଯଥା—" ପାଖେ ବ୍ରାହ୍ମଣୀ ମିଳଇ ତାହାକୁ । ଯାଦ କଣାଇ ମାନ କରନ୍ତୁ ।" ସଡ଼କ ଦୁଇ ପାର୍ଶ୍ୱରେ କର୍ମଚାରୀଙ୍କର ଘର ଓ ରାଜନଅରର ଦକ୍ଷିଣରେ ଗୋଟିଏ ଦ୍ୱାର ଅଛି । ସେଠାରୁ ଅର୍ଦ୍ଧମାଇଲ ବାଟରେ ଡାହାଣ କରକୁ ସବ୍‌ଡିଭିଜନ ଓ ତହିଁ ନିକଟରେ ଗୋଟିଏ ସୁନ୍ଦର ପୁଷ୍କରିଣୀ ଅଛି । ସଡ଼କ ପୁଷ୍କରିଣୀର ଡାହାଣ ଦିଗରେ ଥାଇ ଗୋଟିଏ କଦାକାର୍ଣ୍ଣ ସହର ପ୍ରାୟ ଘଣ୍ଟା ପରିଭ୍ରମଣ କରିଅଛି । କେତ୍ରା ମନେକରନ୍ତି ପାରନ୍ତି ଯେ ତାଲଚେର ଗଡ଼ଜାତୀୟ ଗଡ଼ର ଲକ୍ଷଣାନୁଯାୟୀ ଜଙ୍ଗଲମୟ ହୋଇ ଥିବ କିନ୍ତୁ ପ୍ରକୃତରେ ତାହା ନୁହେ । ଏତିକି ଯଥେଷ୍ଟ ଯେ ବ୍ରାହ୍ମଣୀ ନଦୀର ଅପର ପାର୍ଶ୍ୱସ୍ଥ ଢେଙ୍କାନାଳ ଇଲାକାରୁ ଲୋକେ ସେଠାକୁ କାଠଚିରି କରିବାକୁ ନେଇ ଜୀବନୋପାୟ କରନ୍ତି । ତାଲଚେରରେ ବସ୍ତିର ଉଚ୍ଚ ତାଳଗଛମାନ ଥିବାରୁ ତହିଁର ନାମର ସାର୍ଥକତା ହୋଇଅଛି । ନଦୀକୂଳରେ ଗଡ଼ ଦେଖିବାକୁ ପ୍ରକୃତରେ ଅତି ସୁନ୍ଦର । ଏହି ଗଡ ନଗରରେ

Digitized by srujanika@gmail.com

ଜେଇଁପୁର ଓ ପାଲନହଡା ଗଡର ତୁଳନା କରିବାକୁ ଅତ୍ୟନ୍ତ ଆନନ୍ଦଜନକ ବୋଧ ହୁଅଇ ଜେଉଁପୁର ଗଡ ଚାରିଦିଗରେ ଉଚ୍ଚ ପାହାଡ-ଦ୍ୱାରା ଆବଦ୍ଧ ହୋଇ ଅଛି ଓ ଅନ୍ୟଦିଗରେ ବିସ୍ତୀର୍ଣ୍ଣ ପ୍ରାନ୍ତର ମହାରାଜାଙ୍କର ନଅର ପାହାଡ ତଳରେ ଅଛି ତାହା ଦୂରବର୍ତ୍ତୀ ପାହାଡରୁ ଦେଖିବାକୁ ଅତି ରମଣୀୟ ବୋଧ ହୁଅଇ ଯେପରି ପାହାଡ ନଅରକୁ ଆଲିଙ୍ଗନ କରୁଅଛି କୌଣସି ଦେଶୀୟ ଆସ୍ତର ପାଠକମାନଙ୍କ ଚିତ୍ତ-ବିନୋଦନ କରିପାରେ ତାହା ଏହିଯେ ଭାଦ୍ର-ପୂର୍ଣ୍ଣିମୀଦିନ ଦେଶରେ ଇନ୍ଦ୍ରଦେବଙ୍କର ପୂଜା ହୁଏ ଆଉ ତହିଁରେ ପୂଜା ସ୍ଥଳରେ ଗୋଟିଏ ସ୍ତମ୍ଭ ପୋତାଯାଏ । ଏଣ୍ଣର ଗୃହରେ ଯେତେ-ବେଳେ ନଗରବାସୀ ଓ ରାଜନଅରସ୍ଥ ଭାବଗ୍ରାହୀ ଲୋକେ ଶୟନ କରନ୍ତାରୁ ନଗରରେ ନିସ୍ତବ୍ଧତା ସ୍ଥିତି କରୁଥାଏ ସେତେବେଳେ ଭୂଇଁୟାମାନେ ଆସି ସେହି ସ୍ତମ୍ଭକୁ ଓପାଡନେଇ ରାଜନଅରର ପଶ୍ଚାଦ୍ଭାଗସ୍ଥ ଉଚ୍ଚ ପାହାଡ ଶୃଙ୍ଗରେ ତାହାକୁ ପୋତି ଦିଅନ୍ତି ନଗରବାସୀ ଲୋକମାନେ ତହିଁ ଆରଦିନ ସେହି ଚମତ୍କାର ଦୃଶ୍ୟ ନୟନଗୋଚର କରନ୍ତି । ଗଡର ମଧ୍ୟସ୍ଥଳରୁ ସେହି ସ୍ତମ୍ଭ ଦେଖିବାକୁ ପ୍ରକୃତରେ ଅତ୍ୟନ୍ତ ଚମତ୍କାର ଓ ତାହା ଗୋଟିଏ ଫୁଲର ତୋଡା ପରି ଦିଶଇ । ଜେଇଁପୁର ଗଡ ଅତି ବିସ୍ତୀର୍ଣ୍ଣ ଅଟଇ ଆଉ ତାହା ଭୂଇଏଁ ଦିନରେ କଣେ ଲୋକ କଦାଚ ଦେଖି ପାରିବ ନାହିଁ ସେଠାରେ ଗୋଟିଏ ବଳଦେବଙ୍କର ସୁନ୍ଦର ମନ୍ଦିର ଅଛି ଆଉ ତାହାଙ୍କର ରଥ ମଧ୍ୟ ପୁରୀନଗରର ଗୋଟିଏ ରଥ ପରି ଉଚ୍ଚ ଏବଂ ବିସ୍ତୃତ । ଜେଲଖାନା, ସ୍କୁଲ, ନୟନ, ପଲଟନ, ଡାକଘର ଓ କଚେରୀ ଚତୁର୍ଦ୍ଦିଗରେ ବିସ୍ତୃତ ହେଲା ପରି ହୋଇଅଛି । ସୁବିସ୍ତୀର୍ଣ୍ଣ ଜେଉଁପୁର ଗଡ ସଙ୍ଗରେ କ୍ଷୁଦ୍ର ପାଲଲହଡା ଗଡର ତୁଳନା ମଧ୍ୟ ରମଣୀୟ ଅଟଇ । ପାଲଲହଡା ଗଡର ଚତୁର୍ଦ୍ଦିଗରେ ପାହାଡ ଅତି ଜଙ୍ଗଲମୟ ଆଉ ଗୋଟିଏ ସଡକ ରାଜନଅର ନିକଟରୁ ଆରମ୍ଭ ହୋଇ ପ୍ରାୟ ଅର୍ଦ୍ଧ ମାଇଲ ପର୍ଯ୍ୟନ୍ତ ଯାଇଅଛି । ଗୋଟିଏ ଜଗନ୍ନାଥଙ୍କର ମନ୍ଦିର ଓ ରାଜାବାହା-ଦୂରଙ୍କର ଉଦ୍ୟାନ ଏ ନଗରର ପ୍ରଧାନ ଦୃଶ୍ୟ ଆଉ ରାଜନଗରକୁ ଯିବା ନିମନ୍ତେ ଗୋଟିଏ ଦ୍ୱାରି ମଧ୍ୟ ଅର୍ଦ୍ଧ ବାଟରେ ଅଛି । ତାହାର ଦ୍ୱାରରେ ସ୍କୁଲ ଉଦ୍ୟାନ ଓ ଜେଲଖାନା ଅଛି । ପାହାଡ ମଧ୍ୟରେ ଗୋଟିଏ ପାହାଡର ନାମ ମାଲ୍ୟଗିରି । ତାହାକୁ ଯେଉଁ ଆଡରୁ ଦେଖ ସେହିଦୃଶ୍ୟ ନୟନ ଗୋଚର ହେବ ଆଉ ତହିଁରେ କାଳୀ ସୁନ୍ଦରୀବଙ୍କର ଆବାସ ଭୂମି ଥିଲା ବୋଲି ଲୋକେ କହନ୍ତି । ପାଲଲହଡା ଜେଉଁ-ପୁରର ଗୋଟିଏ ଅଂଶ ଅଟେ ତାହା ବହୁକାଳରୁ ଜୌତୁକ ସ୍ୱରୂପେ ପ୍ରଦତ୍ତ ହୋଇ ଅଛି । କମିଶନର ସାହେବ ତା ୧୦ ରିଖରେ ପାଲଲହଡାରୁ ଯାଶୀପୁର ତା ୧୬ ରିଖରେ ତାଲଚେର ଇଲାକାରେ ପ୍ରବେଶ ହେଲେ ତାଲଚେର ରାଜା ସେହିଠାରେ ସାହେବଙ୍କୁ ଭେଟିଲେ । ସାହେବ ମହୋଦୟ ତା ୧୯ ରିଖ ଘ ୧୦ ଟା ସମୟରେ ତାଲଚେର ଗଡ ମୁକାମରେ ପ୍ରବେଶ ହେଲେ ଆଉ ତତ୍‌କ୍ଷଣାତ୍ ସମ୍ମାନସୂଚକ ତୋପଗୋଟି ବନ୍ଧୁକ ଧ୍ୱନିତ ହେଲା । ତା ୧୭ ରିଖ ଶୁକ୍ର ଘ ୮ ଟା ସମୟରେ ରାଜା ସାହେବ ସାହେବ ମହୋଦୟଙ୍କୁ ନିମନ୍ତ୍ରଣ କରି ନେଇଗଲେ । ଶ୍ରେଷ୍ଠନାଚ ଇତ୍ୟାଦି କରିବା ନିମନ୍ତେ ରାଜା ସାହେବ ଅନେକ ଉଦ୍ୟମ ଲଗାଇ ଥିଲେ କିନ୍ତୁ ସାହେବ ମହୋଦୟ ଏପରି ଅନାବଶ୍ୟକ କାର୍ଯ୍ୟରେ ତାହାଙ୍କୁ ବାରମ୍ବାର ନିଷେଧ କରିବାରୁ ସେ ବିସ୍ତର ଆଡମ୍ବର ନକରି ପୂର୍ବରୁ ତହିଁର ଉଦ୍ଯୋଗରେ ଅନେକ ଖର୍ଚ୍ଚାନ୍ତ ହୋଇ ଥିବାରୁ ପ୍ରାୟ ଚତୁର୍ଥାଂଶ ଦେଖାଇଲେ । ମାର୍ଗ ତେଲ ରୋଷନା-ଇରେ ଆଲୋକିତ ହୋଇଥିଲା ସୁନ୍ଦର ବାଦ୍ୟ-ମାନଙ୍କରେ ପୂର୍ଣ୍ଣ ହେଲା ଆଉ ଦରବାର ଘର ରେଶମବସ୍ତ୍ର ଚିତ୍ର ଲଣ୍ଠନ ଫୁଲ ଓ ଛବିମାନଙ୍କରେ ମଣ୍ଡିତ ହୋଇ ଅତି ଚମତ୍କାର ଦିଶୁଥିଲା । ସାହେବ ମହୋଦୟ ସେଠାରେ କେତେକ ଜଣ ଗୃହବର୍ଗୀୟ ଲୋକଙ୍କ ସହିତ ମିଷ୍ଟାଳାପ କଲା ଉତ୍ତାରୁ ପାନ ଓ ସୁଗନ୍ଧିର ଆମୋଦ ସଙ୍ଗରେ ପ୍ରାୟ ଘ ୯ ଟା ସମୟରେ ସଭା ଭଙ୍ଗ ହେଲା । ଏହିଦିନ ଉପରଓଳ ସାହେବ ମହୋଦୟ ଜେଲଖାନା ଓ ଗୃହ କଚେରୀ ପରିଦର୍ଶନ କଲେ କିନ୍ତୁ ବଡ ଦୁଃଖର ବିଷୟ ଯେ ଦେଶୀୟ ରାଜାଙ୍କ ଦେଶରେ ଏପର୍ଯ୍ୟନ୍ତ ମଧ୍ୟ ଦେଶୀୟ ଭାଷାର ଗୋଟିଏ ସ୍କୁଲ ସ୍ଥାପିତ ହୋଇ ନାହିଁ । ରାଜା ସାହେବ ଆପଣାକୁ ପ୍ରକୃତ ସାହେବ ମନେ କରି ଦେଶୀୟ ଭାଷାପ୍ରତି କାଲ୍ନିକ ଘୃଣା ପ୍ରକାଶ କରିଅଛନ୍ତି ନା ବ୍ରାହ୍ମଣୀ ନଦୀ ପ୍ରକୋପରେ ତାଙ୍କ ମନରୁ ଦେଶୀୟ ଲୋକଙ୍କୁ ଓଡିଆ ଭାଷା ଶିଖାଇବାର ଯେ ଉଚିତ କାର୍ଯ୍ୟ ତାହା ଧୋଇ ଯାଇଅଛି ।

---

### ଗ୍ଲାଡ୍‌ଷ୍ଟନ ସାହେବଙ୍କ ବକ୍ତୃତା ।

ବିଲାତରେ ଗ୍ଲାଡଷ୍ଟନ ସାହେବ ଭାରତବର୍ଷ ପକ୍ଷରେ ବକ୍ତୃତା କରିଥିବାର ଏଥି ପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇ ଥିଲୁଁ । ତାଙ୍କ ବକ୍ତୃତା ପାଠରେ ଜଣାଯାଏ ଯେ ସେ ଅତି ଉତ୍ତମ ଓ ଯଥାର୍ଥ କଥାମାନ କହିଅଛନ୍ତି ଓ ଭାରତବର୍ଷୀୟ ଲୋକଙ୍କଠାରେ ତାଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଥିବାର ସ୍ପଷ୍ଟ ପ୍ରକାଶ ହେଉଅଛି । ଅତଏବ ତାଙ୍କ ବକ୍ତୃତାର ସାରାଂଶ ପାଠକମାନଙ୍କୁ ନିମ୍ନେ ଜଣାଉ ଅଛୁଁ ।

ଗ୍ଲାଡଷ୍ଟନ ସାହେବ କହିଲେ ଯଦ୍ୟପି ଶ୍ରୀମତୀ ମହାରାଣୀ ଭାରତବର୍ଷୀୟଙ୍କ ପ୍ରତି ତାଙ୍କର ଦୟା ଓ ସ୍ନେହର ଚିହ୍ନ ସ୍ୱରୂପ ଭାରତେଶ୍ୱରୀ ପଦ ଗ୍ରହଣ କଲେ ତେବେ ଲୋକମାନଙ୍କ ଦୁଃଖ ନିବାରଣ ଏବଂ ଅଧିକାର ଓ ସୁଖ ବୃଦ୍ଧି କରିବାର ଉଚିତ ଥିଲା । ଏହା ହୋଇଥିଲେ ଲୋକେ ମହାରାଣୀଙ୍କ ସ୍ନେହର ଯଥାର୍ଥ ପରିଚୟ ପାଇ ଥାନ୍ତେ ଓ ସେମାନଙ୍କ ରାଜଭକ୍ତି ଦୃଢତର ହୋଇ ଥାନ୍ତା । ମହାରାଣୀଙ୍କ ପଦଗ୍ରହଣ ଉତ୍ତାରେ ଏପରି ଉଦାର ଓ ମହତ୍ କାର୍ଯ୍ୟ କିଛି ହୋଇ ନାହିଁ ବରଂ ତହିଁର ବିପରୀତ ହୋଇ ଅଛି ଅର୍ଥାତ୍ ପଦ ଗ୍ରହଣ ଉତ୍ତାରେ ଲାଇସେ-ନ୍‌ସ ଟାକ୍‌ସ ବସିଲା, ଏବଂ ଦେଶୀୟ ସମ୍ବାଦପତ୍ର ଆଇନ ଓ ଅସ୍ତ୍ରଶସ୍ତ୍ର ଆଇନର ସୃଜନା ହେଲା । ଲାଇସେନ୍‌ସ ଟାକ୍‌ସ ସମ୍ପର୍କରେ ସେ କହିଲେ ଏ ଟାକ୍‌ସ ବସିବା ବେଳେ ଗବର୍ଣ୍ଣମେଣ୍ଟ ପ୍ରକାଶ କଲେ ଯେ ଏ ଟାକ୍‌ସ ସରକାରର ବ୍ୟୟରେ ଲାଗିବ ନାହିଁ ଦୁର୍ଭିକ୍ଷ ସମୟରେ ହୋଇ ଅସଂଖ୍ୟ ଲୋକ ନଷ୍ଟ କରୁଅଛି ଓ ହୃଦୟ ବିଦାରକ ଯନ୍ତ୍ରଣା ଦେଉଅଛି ଓ ତହିଁର ନିବାରଣ ନିମନ୍ତେ ସରକାରୀ ଟଙ୍କା ଅନଟନ ହୁଅଇ ସେପରି ଭୟଙ୍କର ସମୟରେ ଲୋକମାନଙ୍କ ସାହାଯ୍ୟ ନିମିତ୍ତ ଟାକ୍‌ସ-ଟଙ୍କା ସଞ୍ଚିତ ହୋଇ ରହିବ । ଏପରି ପ୍ରତିଜ୍ଞାରେ ଗବର୍ଣ୍ଣମେଣ୍ଟ ଟାକ୍ସ ନେଲେ । ଏ ପ୍ରତିଜ୍ଞା କି ପ୍ରତିପାଳିତ ହୋଇଅଛି ? ନା ପ୍ରତିପାଳିତ ହୋଇ ନାହିଁ ତାହା ଲଙ୍ଘନ ହୋଇଅଛି ଓ ଟାକ୍‌ସ ଟଙ୍କା ଅନ୍ୟାୟ ଓ ଅନିଷ୍ଟକର କାବୁଲ ଯୁଦ୍ଧରେ ବ୍ୟୟ ହୋଇଅଛି ଆଉ ସେ ଟଙ୍କା ନାହିଁ ।

ଅସ୍ତ୍ରଶସ୍ତ୍ର ଆଇନ ସମ୍ପର୍କରେ ସେ କହିଲେ ଏଥି ପୂର୍ବେ ଅସ୍ତ୍ରଶସ୍ତ୍ର ଓ ବାରୁଦ ଇତ୍ୟାଦିର ବ୍ୟବହାର ପକ୍ଷରେ ତାଦୃଶ ଅଟକ ନ ଥିଲା ଓ ଏପରି ଅଟକ ନ ଥିବାର ଅବଶ୍ୟକ କାରଣ

Digitized by srujanika@gmail.com

ଏ ଅଂଶରେ ପ୍ରଥମତଃ ରୁଷୀୟଙ୍କର ପ୍ରଜାଙ୍କପ୍ରତି ଅବିଶ୍ୱାସ ଥିବାର ପ୍ରକାଶ ହୁଏ ଓ ଦ୍ୱିତୀୟତଃ ହିଂସ୍ରକ ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବାରେ ଲୋକେ ଅସମର୍ଥ ହୁଅନ୍ତି । ପୁଣି ଭାରତବର୍ଷରେ ପ୍ରତିବର୍ଷ ପ୍ରାୟ ୨୦ ସହସ୍ର ଲୋକ ହିଂସ୍ରକ ଜନ୍ତୁଙ୍କଦ୍ୱାରା ନଷ୍ଟ ହୁଅନ୍ତି ଏହେତୁ ସେଠାରେ ଅସ୍ତ୍ରଶସ୍ତ୍ର ବ୍ୟବହାର ଅତି ଆବଶ୍ୟକ । ଶ୍ରୀମତୀ ମହାରାଣୀ ଭିକ୍ଟୋରିଆ ପଦ ଗ୍ରହଣ କଲେ ଘୋଷଣା କଲେ ଯେ ପ୍ରଜାବର୍ଗଙ୍କର ରାଜଭକ୍ତିରେ ତାଙ୍କର ଦୃଢ ବିଶ୍ୱାସ ଅଛି ତନ୍ନିମିତ୍ତ ପଦଗ୍ରହଣର ଶୁଭଦିନ ଉତ୍ସବରେ ଅସ୍ତ୍ରଶସ୍ତ୍ର ବିଷୟରେ କଠିନ ଆଇନର ସୃଷ୍ଟି ହେଲା । ଏ ଆଇନ ବାଣିଜ୍ୟ ଓ ଅନ୍ୟାନ୍ୟ ବ୍ୟବସାୟରେ ମଧ୍ୟ ବାଧା ଘଟାଇ ଅଛି ଓ ଅତି ଅନିଷ୍ଟକର ହୋଇଅଛି । ଯଥାର୍ଥ ବର୍ଷ ଦେଶୀ ଲୋକମାନଙ୍କୁ ଆପଣା ଅଭିପ୍ରାୟ ଓ ମତାମତ ସମ୍ବାଦପତ୍ରଦ୍ୱାରା ବ୍ୟକ୍ତ କରିବା କାରଣ ଅଧିକାର ଦତ୍ତ ହୋଇ ଥିଲା ଓ ସେ ଅଧିକାରର କୌଣସି ଅପବ୍ୟବହାର ବା ତଦ୍ଦ୍ୱାରା କିଛି ଅନିଷ୍ଟ ଘଟିଥିବା ପ୍ରସଙ୍ଗ ସେ ଅଧିକାର ଲୋକମାନଙ୍କଠାରୁ ଛଡାଇ ନିଆ ଗଲା ଏହା ଅଧିକ ଅନ୍ୟାୟ ବିରୁଦ୍ଧ ଓ ଗବର୍ଣ୍ଣମେଣ୍ଟଙ୍କପ୍ରତି ଲଜ୍ଜାକର ଅଟଇ । କାବୁଲ ଯୁଦ୍ଧ ବିଷୟରେ ମଧ୍ୟ ସେ ଅନେକ କଥା କହିଥିଲେ ଓ ତହିଁର ଫଳାଫଳ ଦେଖାଇ ଥିଲେ ।

ଭାରତବର୍ଷର ଲୋକେ ପ୍ରାୟ ମୂକ ହୋଇ ଅଛନ୍ତି ଓ କେବେ ମୁହଁ ଫିଟାଇଲେ କେହି ଶୁଣନ୍ତି ନାହିଁ । ଗ୍ଲାଡଷ୍ଟୋନ ସାହେବ ଯେ ଦେଶୀୟ ଲୋକଙ୍କ ପ୍ରତି ସହାନୁଭୂତ ପୂର୍ବକ ସେମାନଙ୍କର ଦୁଃଖ କାଳରେ ପ୍ରକାଶ କରିଅଛନ୍ତି ଆମ୍ଭେମାନେ ତାଙ୍କର ପ୍ରଶଂସା କରୁଅଛୁଁ ଓ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ତାଙ୍କ ତୁଲ୍ୟ ପ୍ରଧାନ ଇଂରେଜମାନେ ଭାରତବର୍ଷୀୟଙ୍କ ପାଇଁ ବିଲାତରେ ଲଢିଲେ ଏ ଦେଶର ଅନେକ ଉପକାରର ସମ୍ଭାବନା । ଏଥିର କିଛି ଆଶା ମଧ୍ୟ ଦେଖା ଯାଏ ବିଲାତରେ ଦୁଇଦଳ ଅଛନ୍ତି ଏକଦଳର ନାମ "କନସରଭେଟିବ" ଓ ଅନ୍ୟ ଦଳର ନାମ "ଲିବରଲ" ପ୍ରଥମୋକ୍ତ ଦଳ ପୂର୍ବ ପ୍ରଥାର ଅନୁଗାମୀ ଓ ରକ୍ଷାକାରୀ, ଶେଷୋକ୍ତ ଦଳ ଉଦାର ଓ ସୁସଂସ୍କାରପ୍ରିୟ ଓ ସେମାନଙ୍କ ମଧ୍ୟରେ ଅନେକେ ଭାରତବର୍ଷର ସପକ୍ଷ । ବର୍ତ୍ତମାନ ରାଜକାର୍ଯ୍ୟରେ "କନସରଭେଟିବ" ଦଳର ଆଧିପତ୍ୟ, ସେମାନଙ୍କ ପରିବର୍ତ୍ତେ "ଲିବରଲ" ଦଳ ଆଧିପତ୍ୟ ପାଇବାର ଆଶା ଅଛି ଏହା ହେଲେ ଭାରତବର୍ଷର ଦୁଃଖ ଦୁର୍ଦ୍ଦଶାର ବିମୋଚନ ହୋଇପାରେ ।

# ସାପ୍ତାହିକସଂବାଦ ।

ଇଂରେଜୀ ଟିକା ସଂକ୍ରାନ୍ତରେ ଅସ୍ମାକଙ୍କର ଓ ଶ୍ରୀଯୁତ ଡାକ୍ତର ଷ୍ଟିଅର୍ଟ ସାହେବଙ୍କର ଲେଖା କମ୍ବୃଟ ସମ୍ବାଦରେ ସଫଳ ହୋଇଅଛି । ଅସ୍ମେମାନେ ଶୁଣିଲୁଁ ମୋଫସଲର ହେଡ଼ଡ଼େଡ଼ ପ୍ରଧାନ ଓ ପ୍ରଗଡଳ ହୁନ୍ ଭଦ୍ରବ୍ୟକ୍ତିମାନେ ଏଥି ପୂର୍ବେ ଇଂସ୍ପେକ୍ଟରୀ କରୁଛନ୍ତି ଏଲେ ସେମାନଙ୍କ ସେଥିର ଉପକାରିତା ସେ ଲେଖାରୁ ବୁଝି ପାରି ଆପଣାର ପିଲାମାନଙ୍କୁ ଦେଶୀୟ ଟିକା ନ ଦିଆଇ ଡେଡ଼ଡେଡ଼ ଦିନ ହେଲା ଇଂରେଜୀ ଟିକା ଦିଆଉ ଅଛନ୍ତି । ସମସ୍ତେ ସେ ଭଦ୍ରବ୍ୟକ୍ତିମାନଙ୍କର ଅନୁଗାମୀ ହେଲେ ବସନ୍ତ ରୋଗର ପ୍ରାଦୁର୍ଭାବ କଦାପି ନ ହେବ ।

ବସନ୍ତ ରୋଗର ଆରମ୍ଭରେ ଅନନ୍ତମୂଳ ଗଛର ଗୁଣ୍ଡ ଅଜ୍ଞାନ ମୂଳକୁ ଗୁଡ଼ଧୂଅପାଣିରେ ବାଟି ଖୋଇଲେ ବିଶେଷ ଉପକାର ହୁଏ । ଏ ଔଷଧ ଆୟୁର୍ବେଦ ଶାସ୍ତ୍ରର ଅଟେ ଓ ଏହା ଫଳଦାୟକ ବୋଧ ହେଉଅଛି । କାରଣ ଗୁଅପାନ ମୂଳରେ ବସାଇନ ନାଶ ହୁଏ । ଏହା କରିବାର ଉଚିତ ।

ବସନ୍ତ ରୋଗରେ ଏ ଦେଶରେ ଏ ପର୍ଯ୍ୟନ୍ତ ପ୍ରାୟ ୩୬୬ ଏ ରୋଗି କାଳଗ୍ରାସରେ ପତିତ ହୋଇ ଅଛନ୍ତି । ଯଥା ସମୟରେ ଟିକା ନ ନେବାର ଏହି ଫଳ । ତଥାଚ ଲୋକେ କୌଣସି ପ୍ରକାର ଟିକା ନେଉନାହାନ୍ତି । ଏ ସେମାନଙ୍କ ଘରେ ଟିକା ନାହିଁ । ହ ହୁସଂସାର !!

ବାଲେଶ୍ୱର ସମ୍ବାଦ ବାହକ କହନ୍ତି ନଗର ମଧ୍ୟରେ ଇଂରେଜୀ ଟିକା ଭଲ ଦେଶୀୟ ଟିକା ଦିଆଯାଇ ନ ପାରିବାର କଥା ହୋଇଅଛି । ଏ କଥା ବାଲେଶ୍ୱର ନଗର ପକ୍ଷରେ ସେଠା ମ୍ୟୁନିସିପାଲିଟିଙ୍କଦ୍ୱାରା ଅବା ଅନ୍ୟ କୌଣସି ପ୍ରକାରରେ ହୋଇଅଛି ଆମ୍ଭେମାନେ ଜାଣିବାକୁ ଇଚ୍ଛା କରୁଁ । ଏପରି କଥା କଟକରେ ହେବାର ଆବଶ୍ୟକ ।

ଅସ୍ମାକଙ୍କର କଲେକ୍ଟର ଶ୍ରୀଯୁତ ପଡି ସାହେବଙ୍କର ୨ ଯ ଶ୍ରେଣୀକୁ ପଦୋନ୍ନତି ହୋଇଅଛି ।

ପୁରୀର କଲେକ୍ଟର ଶ୍ରୀଯୁତ ଅମଷ୍ଟ୍ରଙ୍ଗ ସାହେବ ପୀଡିତ ହେବାରୁ ତିନ ମାସର ଅବକାଶର ପ୍ରାର୍ଥନା କରି ଅଛନ୍ତି ଓ ତାଙ୍କ କର୍ମରେ ଏଠା ଇଷ୍ଟମେଣ୍ଟର ଶ୍ରୀଯୁତ ଡାଭର ସାହେବ ଏକ୍ଟିଂ ନିଯୁକ୍ତ ହୋଇ ଗତ ଶନିବାର ପୁରୀକୁ ଯାଇ ଅଛନ୍ତି ।

ଗତ ସପ୍ତାହରେ ଏଠାରେ ମୋକ୍ତିଆର ପରୀକ୍ଷା ସମାପ୍ତ ହୋଇଥିଲା । ବାଲେଶ୍ୱରରୁ ୩ ୫ ଣ ଓ ପୁରୀରୁ ୨ ୧ ଏ ପରୀକ୍ଷାର୍ଥି ଆସିଥିଲେ । କଟକର କେହି ପରୀକ୍ଷାର୍ଥି ନ ଥିଲେ । ପୁରୀର ଲୋକ କଟକରେ ଆସି ପରୀକ୍ଷା ଦେଲେ ଏଥି କଟକର ପରୀକ୍ଷାର୍ଥି ଏ ବର୍ଷ ନ ଥିବା କଟକ ପ୍ରତି ଅପ୍ରଶଂସାବାକ୍ୟ ।

ଅସ୍ମେମାନେ ଶୁଣିଲୁଁ ସମ୍ବଲପୁରର ଜରିହତ୍ୟା ମକଦମାରେ କମିସନରଙ୍କର କାର୍ଯ୍ୟରେ ଅନେକ ସଙ୍କଟ ଦୋଷ ଥିବାରୁ ଜଜ ସାହେବ କିଛି ଅଙ୍କ ନ ଦେଇ ହାଇକୋର୍ଟକୁ ଜଣାଇ ଅଛନ୍ତି ।

ହାଇକୋର୍ଟର ଭକିଲ ବାବୁ କାନରେ ଚଳନ୍ତି ଟିକା ଅଭ୍ୟାସ କରିବାର ସୁଯୋଗ ହେବାରୁ ସେ ଆପଣା ମୁଖେ ସ୍ୱୀକାର କଲେ ଯେ ତାହା ବଡ଼ା ସେ ଅନେକ ଏଗାରଣ ଟିକା ଖାଇଅଛି । ହସ୍ପିଟାଲର ଡାକ୍ତରଙ୍କଦ୍ୱାରା ଓ ତହାବଧାରଣ କରଟିକ ।। ଓଡ଼ିଶା ଅନ୍ୟ ସ୍ଥାନରେ ତନ୍ନବର୍ଷର କାରବାରର ଦଣ୍ଡ ହେଉଥିବାରୁ ଏ ଅପରାଧରେ ତାହା ପ୍ରତି ଛମାସର କାରବାସ ଓ ଟ ୧୪୦୦ ଙ୍କା ଅର୍ଥଦଣ୍ଡ ହେଲା ।

ଗତ ସପ୍ତାହରେ ଶୀତକାଳ ଅତୀତ ହେଲା ପ୍ରାୟ ଜଣା ଯାଉଥିଲା ମାତ୍ର ଗତ ଶନିବାର ଠାରୁ ପୁନର୍ବାର ପ୍ରକଟ ହୋଇଗଲା ।

ବାଣ୍ଡ୍ରଷ୍ଟ ନିବାସି ବାବୁ ପ୍ରମଥନାଥ ବାନର୍ଜିଙ୍କ ଭାର୍ଯ୍ୟା ତା ୧୩ ଦିନରେ ଗୃହେଷ୍ଟ ଟିପ ଏକାବେଳକେ ପ୍ରସବ କରିଥିଲେ । ଗୋଟିଏ ପୁତ୍ରସନ୍ତାନ ମାତ୍ର ବାଳା ଅତିରିକ୍ତ ତହୁଁ ଅଭାବ ମରିଗଲେ । ସାତମାସ ଗର୍ଭରେ ପ୍ରସବ ହୋଇଥିଲା ।

କଲିକତାରେ ବାବୁ ଦୁର୍ଗାଚରଣ ଲାହା ଗୋପଣା ପୁତ୍ରର ବିବାହ ଉପଲକ୍ଷରେ ତା ୧୪ ଦିନରେ ଅତି ସମାରୋହରେ ମଜଲିସ କରିଥିଲେ । ତାଙ୍କର ବୃହତ୍ ଓ ସୁନ୍ଦର ଅଟ୍ଟାଳିକା ଓ ପ୍ରଶସ୍ତ ପ୍ରାଙ୍ଗଣ ଅଛି । ସେହିରୂ ଅତ୍ୟୁତ୍କୃଷ୍ଟରୂପେ ସୁସଜ୍ଜିତ ଓ ଆଲୋକିତ ହୋଇଥିଲା । ତାହାରରେ ମଧ୍ୟ ନୃତ୍ୟ ଥିଲା । କଲିକତାର ଅତ୍ୟୁତ୍ତମ ଗାୟକମାନଙ୍କର ନୃତ୍ୟଗୀତ ହୋଇଥିଲା ଓ ଇଂରେଜୀ ବାଜା ମଧ୍ୟ ଥିଲା । ମହାମାନ୍ୟ ଲେଫଟେନାଣ୍ଟ ଗବର୍ଣ୍ଣର ସାହେବ ହାଇକୋର୍ଟର ପ୍ରଧାନ ଜଜସାହେବ କାଉନସିଲର ମେମ୍ବର, ସେକ୍ରେଟେରୀ ପଲ୍ଟନର ସାହେବମାନେ ଓ ଅନ୍ୟ ସମ୍ଭ୍ରାନ୍ତ ଇଂରେଜ ଓ ମେମମାନେ ଓ ଦେଶୀୟ ଭଦ୍ରବ୍ୟକ୍ତିମାନେ ମଜଲିସରେ ଉପସ୍ଥିତ ହୋଇଥିଲେ । ସମସ୍ତେ ମଜଲିସର ସାଜସଜ୍ଜାକୁ ପ୍ରଶଂସା କଲେ ଓ ନୃତ୍ୟଗୀତାଦିରେ ବଡ଼ ପ୍ରୀତହେଲେ । ନିମନ୍ତ୍ରିତ ସାହେବମାନଙ୍କ ମଧ୍ୟରେ କାହା ବା ପଦ ଭେଦ କିଛି ଲକ୍ଷିତ ହୋଇ ନ ଥିଲା ଓ ସମସ୍ତେ ଏକତ୍ରହୋଇ ଆମୋଦରେ ଯୋଗ ଦେଇଥିଲେ । ଏପରି ମଜଲିସ ପରିଣାମରେ ପ୍ରୀତ କର୍ମ ନ କରିବ । ଆମୋଦପ୍ରିୟ ବାବୁମହୋଦୟ ବିବାହଉପଲକ୍ଷରେ କିଛି ସାଧାରଣ ହିତକର କାର୍ଯ୍ୟ ମଧ୍ୟ କରିଅଛନ୍ତି ଅର୍ଥାତ୍ ସେ ବସନ୍ତ ସହାୟ ସଭାକୁ ଟ ୨୦୦୦ ଙ୍କା ଦାନ କରିଅଛନ୍ତି ।

ବମ୍ବେଇରେ ଭାରତବର୍ଷର ଶ୍ରେଷ୍ଠ ଓ ପ୍ରଧାନ ରସିକାରକ ବାବୁ ସୁରେନ୍ଦ୍ରନାଥ ବାନର୍ଜି ବକ୍ତୃତା ଦେଇ କହୁଅଛନ୍ତି ଯେ ଭାରତବର୍ଷର ପ୍ରତିନିଧି ସ୍ୱରୂପ ଭାରତ ପଶ୍ଚିମାଞ୍ଚଳରେ ଭ୍ରମଣ ଓ ବକ୍ତୃତାରେ ଲୋକ ସଂଗ୍ରହ କରି ଘରକୁ ଓ ଏପର୍ଯ୍ୟନ୍ତ ଟ ୪୭୦୦ ଙ୍କା ମିଳିଅଛି । ଏଥିରେ ଭାରତବର୍ଷର ଅନେକ ଉପକାର ହେବ ଅତଏବ ସମସ୍ତଙ୍କର ଏକମତରେ ଯୋଗଦେବାର ଉଚିତ ।

ବାଲେଶ୍ୱର କଲେକ୍ଟର ଜନସନ ସାହେବ ଓ ଜଣ୍ଟମେଜିଷ୍ଟ୍ରେଟ ସାହେବ ଏମାସ ତା ୨୯ ଦିନରେ ସେଠାରୁ ପ୍ରସ୍ଥାନ କରିଅଛନ୍ତି । ଲୁକାଇ ଠାରେ ଜନସନସାହେବଙ୍କର ଜର୍ମାନ ସାହେବଙ୍କ ସଙ୍ଗେ ସାକ୍ଷାତ ହେବାର କଥାଥିଲା । ଜର୍ମାନ ସାହେବଙ୍କ କାମଚଳାରେ ଅନେକ ମୋକ୍ତିଆର ପ୍ରଭୃତି ଅନେକ ଲୋକ କମ୍ପକର ସାଙ୍ଗ ତାଙ୍କୁ କମଳ୍ପି ଦେଲେ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀମତ୍ ଶ୍ରୀ ଦେଓଙ୍କ | ମଣ୍ଡଳ | ୦ଗ୍ରିମ | ଟ ୨୭୯ |
| ମୁନ୍ସି ଗୋଲକାଦର | କଟକ | ଅଗ୍ରିମ | ଟ ୨ |
| ଶ୍ରୀ ଶ୍ରୀ ବୁଦ୍ଧା ବଟେ | ଉଦୟପୁର | ଅଗ୍ରିମ | ଟ ୮ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ଲୀଡ଼ର ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହୋଇ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଶ } ତା ୭ ରଖ ମାହେ ଫିବ୍ରୁଏରୀ ସନ ୧୮୮୦ ମସିହା । ମୁ । ମାଘ ବ ୨୬ ତ ସନ ୧୨୮୭ ସାଲ ଶନବାର
ସ ୬ ଖ୍ୟା }

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ୫୯
{ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୯
{ ମଫସଲପାଇଁ ଡାକମାସୁଲ ଟ୧୪୯

ଆମ୍ଭେମାନେ ଅନନ୍ଦ ପୂର୍ବକ ପାଠକମାନଙ୍କୁ ଜଣାଉଅଛୁଁ ଯେ ଦୁର୍ଗାପୂଜା ଭକେଶ୍ୱନ ବାରଦନ ସ୍ଥିର ରହିଲା । ମହାମାନ୍ୟ ଲାଟସାହେବ ଭକେଶ୍ୱନ କର୍ତ୍ତନର ଆଜ୍ଞା ଦେବା ସମୟରେ ସିମଲାଠାରେ ଥିଲେ । ସୁତରାଂ ସେ ଆଜ୍ଞା ଯେପରୁ ଅସନ୍ତୋଷ ଓ ମନୋମାଳିଣ୍ୟଜନକ ଥିଲା ତାହା ସେ ଜାଣିପାରି ନ ଥିଲେ । କଲିକତାରେ ସର୍ବସାଧାରଣଙ୍କ ମତ ବିରୁଦ୍ଧ ପ୍ରବଳ ଅଟଇ, ଲାଟ ସାହେବ ପ୍ରାୟ ଜନଶୂନ୍ୟ ସିମଲାପର୍ବତ ତ୍ୟାଗ କରି କଲିକତାରେ ପ୍ରବେଶ ହେଲାରୁ ଏ ପକ୍ଷରେ ତାଙ୍କର ମତ ବିଲ୍କୁଲ ଫେରିଲା ଓ ମାନ୍ୟବର ମହାରାଜା ଯୋତୀନ୍ଦ୍ରମୋହନ ଠାକୁର ସି, ଏସ, ଆଇ, ତାଙ୍କୁ ଜଣାଇଲେ ଯେ ଭକେଶ୍ୱ ବନ୍ଦ କର୍ତ୍ତନରେ ହିନ୍ଦୁମାନଙ୍କର ଅତ୍ୟନ୍ତ ମନୋବେଦନା ଜନ୍ମୁଅଛି । ତହୁଁ ସେ ଏ ବିଷୟର ଅନୁସନ୍ଧାନ କଲେ ଓ ଭକେଶ୍ୱନ କର୍ତ୍ତନର ଆଜ୍ଞା ଅଯଥାର୍ଥ ଓ ଅନାବଶ୍ୟକ ଥିବାର ଜାଣିପାରି ତାହା ରହିତ କରି ଭକେଶ୍ୱନ ପୂର୍ବବତ୍ ସ୍ଥିର ରଖିଲେ । ପରଶେଷେ ଲାଟ ସାହେବ ଯେ ଏପରି ସୁବିଚାର କଲେ ସୁଖର ବିଷୟ ଅଟଇ । ଆମ୍ଭମାନେ ତାଙ୍କୁ ଓ ମହାରାଜା ଯୋତୀନ୍ଦ୍ରମୋହନ ଠାକୁରଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁ ।

---

କଲିକତାରେ ବ୍ରାହ୍ମମାନଙ୍କର ବାର୍ଷିକ ଉତ୍ସବ ଏ ବର୍ଷ ବଡ଼ ସମାରୋହରେ ସମ୍ପନ୍ନ ହୋଇଅଛି । ଏ ଉପଲକ୍ଷରେ ନାନାସ୍ଥାନରୁ ଅନେକ ଲୋକ କଲିକତାକୁ ଆସି ଥିଲେ । ତା ୧୯ ନ ପର୍ଯ୍ୟନ୍ତ ସଭା ଈଶ୍ୱର ଉପାସନା, ବକ୍ତୃତା, ସଙ୍ଗୀତ ସଂକୀର୍ତ୍ତନ ଇତ୍ୟାଦି ହୋଇ ଥିଲା । ଦିନେ କଲର ମଏଦାନରେ କେଶବ ବାବୁ ବକ୍ତୃତା କରି ଥିଲେ ସେଠାରେ ଦେଢ଼ ହଜାର ଲୋକ ଉପସ୍ଥିତ ହୋଇଥିଲେ ଓ ୫୦।୬୦ ଜଣ ସାହେବ ମେମ ମଧ୍ୟ ଥିଲେ । ବକ୍ତୃତା ଅତ୍ୟୁତ୍ତମ ହୋଇଥିଲା ପ୍ରଥମେ ଯେଉଁମାନଙ୍କର ବିଦ୍ରୂପ ଭାବ ଥିଲା ପଶ୍ଚାତ୍ ସେମାନଙ୍କର ସୁଦ୍ଧା ଭାବ ଫେରି ଗଲା । ଆଉ ଦିନେ ଗଙ୍ଗାକୂଳରେ ସଂକୀର୍ତ୍ତନ ଓ ଉପଦେଶ ଦ୍ୱାରାରେ "ଯୋଗବଳରେ ସଂସାର ତପୋବନ ହୁଏ" ଏ ବିଷୟରେ କେଶବ ବାବୁ ଏପରି ମଧୁର ଭାବରେ ବକ୍ତୃତା କଲେ ଯେ ଶତଶତ ଶ୍ରୋତାଙ୍କ ନେତ୍ରରୁ ପ୍ରେମାଶ୍ରୁ ନିର୍ଗତ ହୋଇଥିଲା । ହିନ୍ଦୁମାନେ ମଧ୍ୟ କହିଲେ ଏପରି କଥା କେବେ ଶୁଣା ନ ଥିଲା । ଏ ସ୍ଥଳେ ତିନି ସହସ୍ର ଲୋକ ଉପସ୍ଥିତ ଥିଲେ । ଦିନେ " ଟାଉନହଲ ଗୃହରେ " ଇଂରେଜୀରେ ପ୍ରଶଂସିତ ବାବୁ ବକ୍ତୃତା କରିଥିଲେ । ଯୋଡ଼ା ବର୍ଷରେ ଗୃହଟି ପୂର୍ଣ୍ଣ ହୋଇଥିଲା । ଆଉ ଦିନେ ବ୍ରାହ୍ମମାନେ ନଗର ସଂକୀର୍ତ୍ତନ କରି ଏକ ସ୍ଥାନରେ ଉପସ୍ଥିତ ହେଲେ । ସେଠାରେ ଯେତେବେଳେ କେଶବ ବାବୁ ଯୋଡ଼ିଆ ଉପରେ ଦଣ୍ଡାୟମାନ ହୋଇ ଯୋଗ ଭକ୍ତିର ସଂମିଳନ ଓ ଈଶ୍ୱର ଦର୍ଶନ ବିଷୟରେ ବକ୍ତୃତା କଲେ ତେତେବେଳେ ସହସ୍ର ଲୋକ ବିମୋହିତ ହୋଇ ଗଲେ । ଏସ୍ଥଳେ ତ୍ରୁଅଗାଉ ସହସ୍ର ଲୋକ ଉପସ୍ଥିତ ଥିଲେ ।

---

ଏ ସପ୍ତାହରେ ଏ ନଗରର ମହାଜନ ବାବୁ ବଳଦେବଲାଲ ଭଗତଙ୍କ କନ୍ୟା ସଙ୍ଗେ କଲିକତାର ଜଣେ ମହାଜନ ବାବୁ ରାମଶରଣଲାଲ ଭଗତଙ୍କ ପୁତ୍ରର ଶୁଭ ବିବାହ ଅତି ସମାରୋହରେ ସମ୍ପନ୍ନ ହୋଇଅଛି । ବଳଦେବ ବାବୁ ମଜଲସ ନିମନ୍ତେ ଗୋଟିଏ ସୁନ୍ଦର ଆଠଚାଳା ପ୍ରସ୍ତୁତ କରିଥିଲେ । ଖମ୍ବ ସବୁରେ ଲହଣଆ ଦିଆହୋଇ ଥିଲା, ତହିଁ ଉପରେ ଚାରିପାଖରେ ବାରଦୋଟା ଚଢ଼ି ମେହେରାବ ହୋଇଥିଲା ଓ ତହିଁ ଉପରକୁ ଧାଡ଼ିଏ ଉତ୍ତମ ଚାନ୍ଦୁଆ ବା ଛାତ ବସି ଥିଲା । ଚାନ୍ଦୁଆ ମଧ୍ୟ ଚାନ୍ଦରେ ପୂର୍ଣ୍ଣ ଥିଲା । ବିଲୋଶଝାଡ଼ ଲଲଟନ ହଣ୍ଡାର ଅଭାବ ନ ଥିଲା । ଠୂଲରେ ଆଠଚାଳାଟି ଅତି ପରିପାଟିରେ ପ୍ରସ୍ତୁତ ଓ ସଜ୍ଜିତ ହୋଇ ଥିଲା ଓ ଅତି ସୁନ୍ଦର ଓ ଚକ୍ରୀ ଦିଶୁ ଥିଲା । ବର ପକ୍ଷରୁ ମଧ୍ୟ ଅନେକ ଗୁଡ଼ିଏ ରୋଷନୀ ହୋଇ ଥିଲା ଓ ତହିଁରେ କିଛି ନୂତନ ପ୍ରକାର ନ ଥିଲେହେଁ ରୋଷନୀ ବଡ଼ ବନ୍ଦୋବସ୍ତରେ ଚାଲିଥିବାରୁ ସୁନ୍ଦର ଦିଶି ଥିଲା । ଏ ରୋଷନୀ ଲୋକମାନେ ଲୁଟ ହୋଇ ନାହିଁ ଏ ପକ୍ଷରେ ସମସ୍ତେ ସତର୍କ ଥିଲେ । ବୋଧ ହୁଏ ଆମ୍ଭମାନଙ୍କ ପୂର୍ବ ଲେଖା କିଛି କାର୍ଯ୍ୟରେ ଆସିଅଛି । ବିବାହ ଦ୍ୱାରାରେ ବଳ-

Digitized by srujanika@gmail.com

Split by PDF Splitter



ହେବ ବାବୁ ଦୁଇଦନ ମଜଲିସ କରିଥିଲେ ଓ ତାଙ୍କ ଆମନ୍ତ୍ରଣ ମତେ ଏଠାର ଦେଶୀୟ ଭଦ୍ର ବ୍ୟକ୍ତିମାନେ ମଜଲିସରେ ଉପସ୍ଥିତ ହୋଇଥିଲେ । ସକେ ଏଠାର ସାହେବମାନଙ୍କୁ ଆମନ୍ତ୍ରଣ ହୋଇଥିଲା କଲେକ୍ଟରସାହେବ ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ଇଂରେଜ ସ୍ତ୍ରୀପୁରୁଷ ଜଣ ମଜଲିସରେ ବର୍ତ୍ତମାନ ହୋଇଥିଲେ । ବରସଙ୍ଗେ ସମ୍ପ୍ରଦାଏ କଲକତ୍ତା ଯାଇ ଅସି ଥିଲା ତହାର ଓ ଏଠାର ଭଲ ବାଈ ଓ ଗୋଟିପୁଅର ନୃତ୍ୟ ହୋଇଥିଲା ମଧ୍ୟ ଜଣେ ଇଂରେଜ ବାଜୀକର କୁହୁକ ଦେଖାଇ ଥିଲେ । ମଜଲିସର ଶୋଭା ଓ ନୃତ୍ୟ ଗୀତରେ ସମସ୍ତେ ପ୍ରୀତ ହୋଇଥିଲେ । ବିବାହ ଉପଲକ୍ଷରେ ଏ ଦେଶୀୟ ଭଦ୍ରବ୍ୟକ୍ତି ବିଶେଷତଃ ମହାଜନଙ୍କ ମଧ୍ୟରେ ଇଂରେଜମାନଙ୍କୁ ଆମନ୍ତ୍ରଣ ଏହା ପ୍ରଥମଥର ଅଟଇ । ଏପରି ଆମନ୍ତ୍ରଣରେ ଇଂରେଜ ଓ ଦେଶୀୟ ଲୋକଙ୍କ ମଧ୍ୟରେ ମେଳ ବୃଦ୍ଧି ହୁଅଇ ଏଥିପାଇ ବଳଦେବ ବାବୁ ପ୍ରଶଂସାର ଭାଜନ ଅଟନ୍ତି । ଯେପରି କ୍ଷଣିକ ଆମୋଦରେ ବର କନ୍ୟା ଉଭୟ ପକ୍ଷରୁ ଅନେକ ବ୍ୟୟ ହୋଇଅଛି ସେପରି ଏ ଘଟନାର ଚିରସ୍ମରଣ ନିମନ୍ତେ କିଛି ସାଧାରଣ ହିତକାର୍ଯ୍ୟର ଅନୁଷ୍ଠାନ ହେଲେ ଅଧିକ ଭଲ ଓ ସୁଖ୍ୟାତ ହେବ ।

— * —

## ଅଭ୍ୟର୍ଥନା ।

### ଅନୁଗୁଳ ।

ଶ୍ରୀଯୁକ୍ତ କମିଶ୍ନରସାହେବ ଗତମାସ ତା ୧୮ ଇଖରେ ଅନୁଗୁଳକଛା ପୁରୁଣା ଗଡ଼ଠାରେ ପହଞ୍ଚିଲେ । ଗଡ଼ଟିର ପ୍ରାକୃତିକ ଶୋଭା ଅତି ରମଣୀୟ ଓ ପରାକ୍ରମୀ ରାଜାଙ୍କର ଉପଯୁକ୍ତ ସ୍ଥାନବୋଲି ବୋଧ ହୁଏ । ତାହାର ଚତୁର୍ଦ୍ଦିଗରେ ଦୁର୍ଗପ୍ରାଚୀରପରି ପର୍ବତମାଳା ବିସ୍ତୃତ ରହିଅଛି ଓ ସ୍ଥାନେ ସ୍ଥାନେ ତାହାଙ୍କ ଶିଖରଦେଶ ମସ୍ତକୋତ୍ତୋଳନକରି ଆପଣାର ଶ୍ରେଷ୍ଠତ୍ୱ ସମ୍ପାଦନ କରୁଅଛି । ସେ ସ୍ଥାନର ସଡ଼କ କଛା ଏବଂ ପଟୁଣୀ ଓ ଡଉଆମାନ ନିତାନ୍ତ ଅପରିଷ୍କୃତ ଗଡ଼ର ଏକପାର୍ଶ୍ୱରେ ପାହାଡ଼ର ନିମ୍ନଭାଗରେ ଗୋଟିଏ ନଦୀ ଅଛି ତାହାର ନାମ ମାଳତୀ, ତାହାର ଜଳ ଏତେ ମନ୍ଦ ଯେ ତାହା ସେବନରେ କୁଷ୍ଠବ୍ୟାଧି ହୁଏବୋଲି ଶୁଣାଯାଏ । ପ୍ରକୃତରେ ତାହାର ଜଳ ଅତ୍ୟନ୍ତ ମୋଟା ଓ ଅସ୍ୱାଦୁ ଗଡ଼ମଧ୍ୟରେ ଜେଲଖାନା, ଥାନା, ଲାଇନ, ଡାକ୍ତରଖାନା, ସ୍କୁଲ ଓ ସାମାନ୍ୟପ୍ରକାରର ବଜାର ସଡ଼କର ଦୁଇପାର୍ଶ୍ୱରେ ସନ୍ନିବେଷ୍ଟ ଅଛି ସ୍କୁଲର ଅବସ୍ଥା ନିତାନ୍ତ ଶୋଚନୀୟ ଅଟଇ । କେବଳ ୩୫ ଜଣ ଛାତ୍ର ତହିଁରେ ଅଧ୍ୟୟନ କରୁଅଛନ୍ତି ପୁଣି ଅଧିକାଂଶ ଛାତ୍ର ସ୍କୁଲକୁ ଆସନ୍ତି ନାହିଁ । ସଡ଼କର ଏକପାର୍ଶ୍ୱରେ ଗୋଟିଏ ମଦଭାଟି ବସି ତନ୍ନିତ୍ୟ ଅନେକ ଲୋକଙ୍କୁ ବିଗାଡ଼ୁଅଛି । ମଦର କୌଣସିଠାରେ ଅଭାବ ନାହିଁ କି ଆଶ୍ଚର୍ଯ୍ୟ ! ତା ୨୦ ରିଖରେ ସାହେବମହୋଦୟ ଡାକ୍ତରଖାନା, ସ୍କୁଲଆଦି ପରିଦର୍ଶନ କଲେ ସେହିଦିନ ସନ୍ଧ୍ୟାସମୟରେ ସାହେବମହୋଦୟଙ୍କର ଅଭ୍ୟର୍ଥନାର ଆଡ଼ମ୍ବର ହୋଇଥିଲା । ଅନୁଗୁଳର ସରବରାକାରମାନେ ଗ୍ଲାକର ମାର୍ଗସୁଷମା, ଫାଟକ ଓ ଦରବାରଘର ନିର୍ମାଣ କରିଥିଲେ । ଅନୁଗୁଳକୁ ସାହେବମହୋଦୟଙ୍କର ଏ ଆଗମନ ଦ୍ୱିତୀୟଥର ଅଟଇ ଏପରି ଅବସ୍ଥାରେ ଅଭ୍ୟର୍ଥନା ହେବାର କାରଣ ଏହି ଯେ ପୂର୍ବେ କେବେହେଁ କୌଣସି ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କର କୌଣସିଠାରେ ଅଭ୍ୟର୍ଥନା ହୋଇ ନ ଥିଲା ବର୍ତ୍ତମାନ ଅନ୍ୟାନ୍ୟ ସ୍ଥାନରେ ଏପ୍ରକାର ଉଦ୍ୟୋଗ ହେଉଥିବାରୁ ଅନୁଗୁଳ ବାସିଏ ଏପରି ନ କଲେ କାଳେ ସ୍ୱଜନଭକ୍ତିପଣରେ ଊଣା ଦିଶନ୍ତେ ଏହା ମନେକରି ଯଥୋଚିତ ଆଡ଼ମ୍ବର ସହିତରେ ଅଭ୍ୟର୍ଥନାର କାର୍ଯ୍ୟ ସମାଧା କଲେ । କମିଶ୍ନରସାହେବ ଗଡ଼ଜାତ ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ସଙ୍ଗରେ ସଭାସ୍ଥଳକୁ ବିଜେ କରିବାରୁ ଅଭିନନ୍ଦନପତ୍ର ପାଠ ହେଲା । ତଦୁତ୍ତାରୁ କମିଶ୍ନର ସାହେବମହୋଦୟ ଇଂରାଜଶାସନର ସୁଫଳମାନ ଓ ପ୍ରଜାଙ୍କର ହିତସାଧନ ଦେଖାଇ ସରବରାକାରମାନଙ୍କୁ ହିତକର କାର୍ଯ୍ୟାନୁଷ୍ଠାନରେ ଯତ୍ନବାନ ହେବାନିମନ୍ତେ ଉପଦେଶ ଦେଇ ଗୋଟିଏ ଦୀର୍ଘ ବକ୍ତୃତା କଲେ । ତଦପରେ ଦେଶୀୟ ଦକ୍ଷିଣୀ ନାଚ ଓ ବନ୍ଧ ଭଙ୍ଗା ହୋଇ ସଭା ଭଙ୍ଗ ହେଲା । ଉକ୍ତ ବାଣ ପୋଡ଼ାଗଲା ଓ ତାହା ଅତି ସୁନ୍ଦର ହୋଇଥିଲା । ଆଉ ନୂତନଭିନ୍ନ ମଧ୍ୟରେ ଏହିକି ଯେ ତିନିଗୋଟି ପର୍ବତଶୃଙ୍ଗରେ ତହସିଲଦାରମହାଶୟ ଶୁଷ୍କକାଠମାନ ଜମାକରି ତହିଁରେ ଅଗ୍ନି ପ୍ରଦାନ କରିଥିଲେ ତାହା ଅତି ସୁନ୍ଦର ଦିଶିଲା । ପ୍ରାୟ ସମସ୍ତ ରାତ୍ରି ଦେଶୀୟ ଲୋକେ କୃଷ୍ଣଲୀଳା, ପାଲା, କୋଢ଼ିନାଚ, ଘର ଝଲ୍ଲଲାଦି ଦ ୧୬ କି ୧୭ ପା ନାଚ ଦେଖିବାରେ ପ୍ରମତ୍ତ ଥିଲେ ।

### ହିଣ୍ଡୋଳ ।

ଗତମାସ ତା ୨୩ ରିଖରେ କମିଶ୍ନରସାହେବ ଏ ଗଡ଼ଠାରେ ପହଞ୍ଚିଲେ । ଏ ଗଡ଼ ଅତ୍ୟନ୍ତ ବନାକୀର୍ଣ୍ଣ ଅଟଇ । ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ମାନ ବାଉଁଶବନରେ ଆବୃତ ହୋଇ ରହିଅଛି ରାଜନଅର ଗୋଟିଏ ଉଚ୍ଚସ୍ଥାନରେ ଅଛି ଓ ତହିଁର କିଛିଦୂରରେ ଚତୁର୍ଦ୍ଦିଗ ବେଢ଼ି ଗୋଟିଏ ଜଳଅଛି । ନଅରର ଉତ୍ତରଦିଗରେ ବାଉଁଶବଣ କେବଳ ଉତ୍ତରଦିଗକୁ ରାଜବାଟିର ତୋରଣ ଥିବାରୁ ତାହା ବନାକୀର୍ଣ୍ଣ ନୁହଇ । ବନରୁ ବ୍ୟାଘ୍ରମାନେ କେବେ କେବେ ଦୁଆର ନିକଟକୁ ଆସନ୍ତି ରାଜବାଟୀର ପଶ୍ଚିମପାର୍ଶ୍ୱରେ ଗୋଟିଏ କ୍ଷୁଦ୍ର ପୁଷ୍କରିଣୀ ଅଛି । ତହିଁରେ କୁମ୍ଭୀରମାନେ ଅଛନ୍ତି । [illegible] ସ୍ଥାନ ଏପରି ଅପରିଷ୍କୃତ ଯେ ତହିଁରେ ଦସ୍ୟୁଙ୍କର ସର୍ପମାନେ ବାସ କରନ୍ତି । ମହାଦେବ ଓ ଜଗନ୍ନାଥଙ୍କର ଦଯୋଷ୍ଟ ଭଗ୍ନମନ୍ଦିର ଅଛି । ଫଳରେ ଏ ସ୍ଥାନର ଶୋଭା ଆଦୌ ଦେଖାଯାଏ ନାହିଁ ପୁଣି ତହିଁରେ ବନ୍ୟହସ୍ତୀ, ବ୍ୟାଘ୍ର, ସର୍ପ, ମର୍କଟ, କୁମ୍ଭୀର ଇତ୍ୟାଦି ଜନ୍ତୁମାନଙ୍କର ପ୍ରଭାବ । ସାହେବମହୋଦୟ ଗଡ଼ଠାରେ ଦୁଇଦିନ ରହି ସମସ୍ତ ପରିଦର୍ଶନ କରି ପ୍ରସ୍ଥାନ କଲେ । ଅଭ୍ୟର୍ଥନାରି ଆଡ଼ମ୍ବର ନ ଥିଲା ।

### ନରସିଂହପୁର ।

ଏ ଗଡ଼ଠାରେ କମିଶ୍ନରସାହେବ ଗତମାସ ତା୨୬ ରିଖରେ ପ୍ରବେଶ ହେଲେ । ଏ ଗଡ଼ ଗୋଟିଏ ପର୍ବତଶ୍ରେଣୀର ଉତ୍ତରପାର୍ଶ୍ୱର ନିମ୍ନଭାଗରେ ଅବସ୍ଥିତ ଅଛି । ତହିଁର ଉତ୍ତରପାର୍ଶ୍ୱକୁ ଗୋଟିଏ କ୍ଷୁଦ୍ର ନଦୀ ଅଛି । ସେ ପର୍ବତ ଅତ୍ୟନ୍ତ ବନାକୀର୍ଣ୍ଣ ଅଟଇ ଓ ତହିଁ ଉପରେ ବିଶ୍ୱନାଥ ମହାଦେବଙ୍କର ମନ୍ଦିର ଅଛି । ତାହା ଅନେକ ଦିନର ପୁରାତନ ହେଲେହେଁ ଅତ୍ୟନ୍ତ ସୁନ୍ଦର ଦିଶୁଅଛି ସେହି ସ୍ଥାନରେ ଠିଆ ହୋଇ ବୃକ୍ଷଆଦିକୁ ଅନାଇଲେ ବଡ଼ ମନୋହର ଦିଶଇ ରାଜାଙ୍କ ଅନ୍ତଃପୁରର ସମ୍ମୁଖରେ ରାଜାଙ୍କର ଗୋଟିଏ ସୁନ୍ଦର ଦୋମହଲା କୋଠା ଅଛି । ତହିଁର ପୂର୍ବଦିଗକୁ ଗୋଟିଏ ବିସ୍ତୃତ ବାନ୍ଧ, ତହିଁର ଦୁଇପାର୍ଶ୍ୱ ଲଗାଇ ଲୋକେ ଘରକରି ରହିଅଛନ୍ତି । ପାହାଡ଼ର ଅବ୍ୟବହିତ ନିମ୍ନରେ ରାଜବାଟି ଓ ତହିଁର ଉତ୍ତରପାର୍ଶ୍ୱକୁ ସେହି କ୍ଷୁଦ୍ର ନଦୀ ଏଣୁକରି କଟକ ଅତି ପ୍ରଶସ୍ତ ନାହିଁ ରାଜବାଟି ସମ୍ମୁଖରେ ଜେଲଖାନା ଓ ସ୍କୁଲ ଅ

Digitized by srujanika@gmail.com

Split by PDF Splitter



ଓ ନଦୀର ଅପରପାର୍ଶ୍ୱରେ ସୁବିସ୍ତୃତ ଆମ୍ରବନ ଗଡକୁ ବେଢେଇ ପରିମାଣରେ ଶୋଭାନ୍ୱିତ କରୁଅଛି । ସ୍ଥଳବିଶେଷରେ ଗୋଟିଏ କ୍ଷୁଦ୍ର ପ୍ରସ୍ରବଣୀ ଅଛି । ସାହେବମାନେ ତେଣୁ ଏଠାରେ ଦୁଇଦିନ ରହି ସମସ୍ତ ପରିଦର୍ଶନ କରି ତା ୨୮ ରିଖରେ ବଡମ୍ବା ଅଭିମୁଖରେ ଯାତ୍ରା କଲେ । ଏଠାରେ ମଧ୍ୟ ଅଭ୍ୟର୍ଥନାର ଆଡମ୍ବର ନ ଥିଲା ।

ବଡ଼ମ୍ବା ।

ଏ ଗଡ଼ ଗୋଟିଏ ପର୍ବତମାଳାର କୋଡରେ ଅବସ୍ଥିତ ଅଛି । ସିଂହଦ୍ୱାରର ଦ୍ୱାରରୁ ନିର୍ଗତ ହୋଇ ପଶ୍ଚିମାଭିମୁଖରେ କତିର ଅପରପାର୍ଶ୍ୱ ଗୁଣ୍ଡିଚାଘର ପର୍ଯ୍ୟନ୍ତ ଗୋଟିଏ ସୁପ୍ରଶସ୍ତ ସଡକ ନିର୍ମିତ ହୋଇ ଅଛି । ସେହି ସଡକର ଦୁଇ ପାର୍ଶ୍ୱରେ ଗଡବାସୀଲୋକମାନଙ୍କର ଗୃହମାନ ପ୍ରାୟ ନିରବଚ୍ଛିନ୍ନରୂପେ ଥିବାରୁ ଗଡ଼ଟିର ଶୋଭା ଅଧିକ ପରିମାଣେ ବର୍ଦ୍ଧିତ ହୋଇ ଅଛି । ପୁଣି ମଧ୍ୟସ୍ଥଳରେ ଶ୍ରୀକୃଷ୍ଣ ଦେବଙ୍କର ଚନ୍ଦ୍ରବଦନ ମନ୍ଦିର ଅପୂର୍ବ ଶୋଭା ସମ୍ପାଦନ କରୁଅଛି । ତହିଁର ପଶ୍ଚିମାଙ୍ଗକୁ ଗୋଟିଏ ଉଚ୍ଚସ୍ଥାନରେ ମହାଦେବଙ୍କର ଦେବାଳୟ ଅଛି ତହିଁର ସମ୍ମୁଖରେ ସୁବିସ୍ତୀର୍ଣ୍ଣ ଗୋଟିଏ ପୁଷ୍କରିଣୀ ବନରେ ଲୁକ୍କାୟିତରୂପେ ଥିବାରୁ ପ୍ରାକୃତିକ ଦୃଶ୍ୟ ଅତି ରମଣୀୟ ହୋଇ ଅଛି । ଗତମାସ ତା ୨୯ ରିଖ ପ୍ରାତଃକାଳରେ କମିସ୍ନର ସାହେବ ସେଠାରେ ପହଞ୍ଚିଲେ ଯେତେବେଳେ ତାହାଙ୍କର ସମ୍ମାନ ସୂଚକ ଯେଉଁ ତୋପମାନ ଧ୍ୱନିତ ହୋଇଥିଲା ତହିଁର ଶବ୍ଦ ପର୍ବତଶ୍ରେଣୀର ଏକପାର୍ଶ୍ୱରୁ ଅପରପାର୍ଶ୍ୱକୁ ଯାଇ ହୋଇ ଶ୍ରୋତାମାନଙ୍କର ଚିତ୍ତୋଲ୍ଲାସତା ସମ୍ପାଦନ କରିଥିଲା । କ୍ଷୁଦ୍ରବଡ଼ମ୍ବା ଗଡ ବଡସାହେବଙ୍କ ଆଗମନରେ ପରିଷ୍କୃତ ହୋଇ ସଡକ ଦୁଇ ପାର୍ଶ୍ୱରେ ପତାକା ଓ ନିଶାନ ଓ ଫୁଲକମଳରେ ପୂର୍ଣ୍ଣ ଥିବାରୁ ତହିଁର ଶୋଭା ଅତୀବ ମନୋହର ହୋଇଥିଲା ।

ତିଗିରିଆ ।

ଏ ଗଡ ଅତ୍ୟନ୍ତ ଅରଣ୍ୟମୟ ନ ହେଲେହେଁ ଗଡଜାତୀୟ ଗଡ଼ମାନଙ୍କର ପ୍ରକୃତ ଅବସ୍ଥାରେ ରହିଅଛି କାରଣ ଗଡକୁ ପ୍ରବେଶ ନିମନ୍ତେ କେବଳ ଗୋଟିଏ ବାଟ ଅଛି ପୁଣି ସେହି ବାଟର ଅଗ୍ରରେ ଓ ଶେଷରେ ଦୁଇଗୋଟି ଦ୍ୱାର ଅଛି । ପ୍ରଥମଦ୍ୱାର ନିକଟରେ ପ୍ରହରୀମାନଙ୍କର ଘର ଅଛି ସେହିଠାରୁ ଦ୍ୱିତୀୟଦ୍ୱାର ପର୍ଯ୍ୟନ୍ତ ବାଟର ଦୁଇ ପାର୍ଶ୍ୱରେ ଭୟାନକ ବନ ଓ ବାଟ ମଧ୍ୟ ଏପରି ଗଭୀର ଯେ ପ୍ରକୃତ ଗୋଟିଏ ନାଳପରି ଜଣାଯାଏ ଆଉ ତାହା ଦୁଇ ପାର୍ଶ୍ୱ ଅତଡ଼ାକାଟି ପରି ଶୃଙ୍ଖ ପ୍ରତୀୟମାନ ହୁଅଇ ଦ୍ୱିତୀୟଦ୍ୱାରଠାରୁ ରାଜବାଟି ପର୍ଯ୍ୟନ୍ତ ପଶ୍ଚିମାଭିମୁଖରେ ଯେଉଁ ବାଟ ଅଛି ତହିଁର ଦୁଇପାର୍ଶ୍ୱ ଅନ୍ୟଗଡମାନଙ୍କପରି ନିରବଚ୍ଛିନ୍ନ ଭାବରେ ଗଡବାସି ଲୋକମାନଙ୍କର ଘର ଓ ଠାକୁର ମନ୍ଦିରରେ ପୂର୍ଣ୍ଣ ଅଛି । ଶ୍ରୀଯୁକ୍ତ କମିଶ୍ନରସାହେବ ଏଠାରେ ଫିବୃଏରିମାସ ତା ୧ ରିଖ ଦିନ ସକାଳ ବେଳେ ପହଞ୍ଚିଲେ । ଏଠାରେ ଅଭ୍ୟର୍ଥନାର ଆଡମ୍ବର ପ୍ରାୟ ନ ଥିଲା ।

---

## ସାପ୍ତାହିକସଂବାଦ ।

ଶ୍ରୀଯୁତ କମିଶନର ସାହେବଙ୍କର ଗଡ଼ଜାତ ଭ୍ରମଣ ଶେଷ ହୋଇଅଛି ଅତଏବ ସେ ଏଠାରେ ପ୍ରବେଶ ହେବେ ।

ଶ୍ରୀଯୁତ ହାଣ୍ଟର ସାହେବ ପୁରୀକୁ ଯିବାରୁ ତାଙ୍କ ପ୍ରତ୍ୟାଗମନ କାଳ ପର୍ଯ୍ୟନ୍ତ ବାବୁ କାଳୀପଦ ବାନର୍ଜ୍ଜୀ ଏଠା ମ୍ୟୁନିସିପଲ କମିଟୀର ସହକାରୀ ସଭାପତି ହୋଇଅଛନ୍ତି ।

ବସନ୍ତ ରୋଗର ଔଷଧ ନାହିଁ ବୋଲି ସର୍ବ ସାଧାରଣଙ୍କ ବିଶ୍ୱାସ କିନ୍ତୁ ହାମିଲ୍‌ଟନଙ୍କ ସନ ୧୮୮୦ ସାଲର ପତ୍ରିକାରେ ଲେଖାଅଛି ଯେ ସଲଫେଟ ଅବଜିଙ୍କ (Sulphate of zinc) ଏକ ଗ୍ରେନ ଅର୍ଦ୍ଧଗ୍ରାମ ଚିନି ଓ ବଡ଼ଚାମଚର ଚାରିଚାମଚ ଜଳ ଏକତ୍ର ମିଶ୍ରିତ କରି ଶୋଇବା ପରେ ଅଥବା ଜଳ ମିଶାଇ ଏକ ଘଣ୍ଟା ଅନ୍ତରରେ ଏକ ଚାମଚ ଲେଖାଏ ସେବିଲେ ଅନିଷ୍ଟ ହେଲେ ବସନ୍ତ ରୋଗ ୧୨ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୋଇ ଯିବ । ଡାକ୍ତରଙ୍କ ପରାମର୍ଶ ସହିତ ଏହା ପରୀକ୍ଷା କରିବାର ଉଚିତ । ପତ୍ର ପ୍ରେରକ ଏଥିର ବହୁତ ସୁଖ୍ୟାତି ଲେଖି ଅଛନ୍ତି ।

ଏ ସପ୍ତାହରେ କାବୁଲର ବିଶେଷ ସମ୍ବାଦ ନାହିଁ ମାତ୍ର ଗଣ୍ଡଗୋଳ ଏ ପର୍ଯ୍ୟନ୍ତ ରହିତ ହୋଇ ନାହିଁ କେତେକ ଜାତୀୟ ଲୋକେ ସ୍ଥାନେ ସ୍ଥାନେ ଲୁଣ୍ଠ ହେଉଥିବାରୁ ଇଂରେଜଙ୍କ ସୈନ୍ୟ ସତର୍କ ଅଛନ୍ତି ଓ ସେମାନଙ୍କ ମେଳ ଭାଙ୍ଗିବା କାରଣ ସୈନ୍ୟଙ୍କ ଚଳବଚଳ ହେଉଅଛି ।

ହାଇକୋର୍ଟର ଜଜ ମାନ୍ୟବର ବାବୁ ରମେଶଚନ୍ଦ୍ରମିତ୍ର ସପରିବାରରେ ଏନଗରକୁ ଗୁଭାଗମନ ହେଲା ଅଦ୍ୟାପି ପାଠକମାନେ ଅବଗତ ଅଛନ୍ତି । ତାଙ୍କ ସହଧର୍ମିଣୀଙ୍କ ପରମ ସୁଖ ସଙ୍କାଶେ ସେ ଏଠାକୁ ଆସିଥିଲେ ଓ ସେହିଉଦ୍ଦେଶ୍ୟ ସିଦ୍ଧ ହେବାରୁ ସେ ଗତମଙ୍ଗଳବାର ଏଠାରୁ ପ୍ରତ୍ୟାଗମନ କଲେ । ଗତ ରବିବାର ବାବୁମହୋଦୟ ଭୋଜନ ଓ ଆମୋଦପ୍ରମୋଦ ନିମିତ୍ତ ଏଠାର ପ୍ରାୟ ୭୦ ଜଣ ଭଦ୍ରବ୍ୟକ୍ତିଙ୍କୁ ଗୁଡିକଅଗଡ଼ିଆ ଗୋଷ୍ଠୀ କୋଠିଠାକୁ ଆମନ୍ତ୍ରଣ କରିଥିଲେ । ଦିବା ୧୨ ଘଣ୍ଟାରୁ ରାତ୍ରି ୧୧ ଘଣ୍ଟା ପର୍ଯ୍ୟନ୍ତ ସଙ୍ଗୀତ ନୃତ୍ୟ କ୍ରୀଡା ଇତ୍ୟାଦିପ୍ରକାର ନିର୍ଦ୍ଦୋଷ ଆମୋଦ ପରିଶ୍ରମ ହୋଇଥିଲା । ଆମନ୍ତ୍ରଣକର୍ତ୍ତା ଓ ଆମନ୍ତ୍ରିତ ବ୍ୟକ୍ତିମାନେ ଉଭୟ ବଡ ପ୍ରୀତ ହୋଇଥିଲେ ଓ ପ୍ରଶଂସିତ ବାବୁଙ୍କର ଅହଂକାର ଶୂନ୍ୟ ସରଳ ଓ ଉଦାର ସ୍ୱଭାବର ଯଥେଷ୍ଟ ପରିଚୟ ମିଳିଥିଲା ।

କାଲିକି ଜଣେ ଲେପ୍ଟେନାଣ୍ଟ ଗଭର୍ଣ୍ଣର ସାହେବ ସେଠାରେ ପ୍ରବେଶ ହେବା ସମୟରେ ଡେପୁଟିକଲେକ୍ଟେ ଅପଣାର ଦ୍ୱାରେ ତୋରଣବାନ୍ଧି ପୂର୍ଣ୍ଣକୁମ୍ଭ ବସାଇ କଳସ ନିକଟରେ ଘେରବାଡି ରଖିବାକାରଣ ଆଦେଶପାଇଥିଲେ । ଏ ଆଦେଶ କାହାର ? ତହସିଲଦାରଙ୍କର ପରା ! ବାଃ ! ସାହେବଙ୍କର ପଢି ଲେଖା ହୋଇଥାନ୍ତା !

ତମପଡ଼ାରେ ଜଣେ ବାଘୁଆ ଗୋଟିଏ ମୃଗକୁ ଲକ୍ଷକରି ନଳମାରିଲା ମାତ୍ର ଗୁଳି ମୃଗଠାରେ ନ ଲାଗି ଅନ୍ୟ ଜଣେ ବାଘୁଆ ଦେହରେ ବାଜିବାରୁ ସେ ପଡିଗଲା । ସେ ମରିଯିବାର ପ୍ରଥମବାଘୁଆ ମନେକରି ଦଣ୍ଡଭୋଗରୁ ରକ୍ଷାପାଇବା କାରଣ ଆପଣା ନିଜହାତେ ଆତ୍ମହତ୍ୟା କଲା । ଅପଘାତପ୍ରାପ୍ତ ବ୍ୟକ୍ତି ବଞ୍ଚିଅଛି । ତରତରିଆ କାର୍ଯ୍ୟ କେମନ୍ତ ଅନିଷ୍ଟକର ! ତରତର ପଣହେତୁ ବିନା ସେ ପ୍ରାଣହରାଇଲା !

ଶ୍ରୀଯୁତ କଟନସାହେବ ଗତମାସ ତା ୨୦ ରିଖେ ବାଲେଶ୍ୱରରେ ପ୍ରବେଶ ହୋଇ ଅଛନ୍ତି । ତାଙ୍କ ସଦାଚାରରେ ଏଠାପରି ସେଠାଲୋକେ ଅତିପ୍ରୀତ ହୋଇଅଛନ୍ତି ।

ସମ୍ବାଦବାହିକା ବୋଲନ୍ତି ବାଲେଶ୍ୱରରେ ଉତ୍ତାପବସନ୍ତ ଓ ପାଣିବସନ୍ତ ହେବାକୁ ଆରମ୍ଭ ହେଲାଣି । ଜଣେ କନଷ୍ଟବଲ ଉତ୍ତାପବସନ୍ତରେ ମରି ପଡିଅଛି । ନଗରବାସିମାନେ ଶୀଘ୍ର ଇଂରେଜୀ ଟୀକା ନେବାର ବନ୍ଦୋବସ୍ତ କରନ୍ତୁ । ହେଳା କଲେ ଭେଳା ବୁଡିବା !

ପୁରୀରେ ମଧ୍ୟ ବସନ୍ତରୋଗ ଲାଗିଅଛି ମାତ୍ର ରୋଗିମାନେ ଆରୋଗ୍ୟ ଲଭୁଅଛନ୍ତି । ଏପର୍ଯ୍ୟନ୍ତ କେହି ଯମପୁରକୁ ଯାଇ ନାହାନ୍ତି । ଏନଗରରେ ମଧ୍ୟ ବର୍ତ୍ତମାନ ଉକ୍ତରୋଗ କଳିତ ମୃତ୍ୟୁ ସଂଖ୍ୟା ଶୁଣା ପଡୁଅଛି ।

ଜୟପୁରରେ ଆଗାମୀ ମାର୍ଚ୍ଚମାସରେ ଫଳ ଫୁଲର ପ୍ରଦର୍ଶନ ହେବ । ଏଠାରେ ଏପରି କେବେ ହୁଅନ୍ତାକି !

ନେପାଳର ମୃତସରଜଙ୍ଗ ବାହାଦୂରଙ୍କ ପୁତ୍ର ସପରିବାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ଦୂରଠାରୁ ଜାହାଜରେ ଆସିଥିଲେ ।

ପାଟପୁରରେ ଜଣେ ରମଣୀ କୂଅରୁ ପାଣି କାଢ଼ିବା ସମୟରେ ତାହାର କଡ଼ିବାହି ଓ ଗଗରି ଉଳଟ ଭାବରେ କୂଅଭିତରେ ଲେଉଟିପଡି ମରିଗଲା । ସେତେ ଏହା ବୁଝି ନପାରି କହନ୍ତୁ କୂଅଭିତରେ ଥିବା ଅଦୃଶ୍ୟ ଠାକୁରାଣୀ ତାକୁ ଟାଣିନେଇ ଗଲେ ଏଥିରେ ଠାକୁରାଣୀର ଦୋଷ କଣ ?

କୁସ୍ଥାନରେ ନରହତ୍ୟା କାଣ୍ଡ ଏପର୍ଯ୍ୟନ୍ତ ଲାଗିଅଛି । ତାଙ୍କ ବିଷୟରେ ଯେଉଁ ଦୁଇଜଣ ରାଜପୁତ୍ର ଇଂଲଣ୍ଡକୁ ପଠାଇ ଆସି ଗବର୍ଣ୍ଣମେଣ୍ଟଙ୍କ ଶରଣ ନେଇ ଅଛନ୍ତି ସେମାନଙ୍କର କୁସ୍ଥାନରେ ଥିବା ସ୍ୱଜନବନ୍ଧୁଙ୍କ ସଙ୍ଗେ ଚିଠିପତ୍ର ଚଳୁଥିଲା । କୁସ୍ଥାର ରାଜା ଏହା ଜାଣିପାରି ପାଞ୍ଚଜଣ ଲୋକଙ୍କୁ ବଧକଲେ । ଏ ନରଘାତକର ଯଥୋଚିତ ଶାସ୍ତି କେବେ ହେବ ? ବୋଧହୁଏ କାବୁଲ ଯୁଦ୍ଧଶେଷ ଉତ୍ତାରେ ।

ମନ୍ଦୁରଭଣ୍ଡରବିଦା ବୋଲନ୍ତି ସାନ୍ତାଳ ଭୂମିଜ ଇତ୍ୟାଦି ବଣଅମାନଙ୍କର ମକର ସଂକ୍ରାନ୍ତି ପ୍ରଧାନ ପର୍ବ ଅଟଇ । ଏମାନେ ସପ୍ତାହ କାଳ ମଦ୍ୟପାନ, ଭୋଜନ ନୂତନ ବସ୍ତ୍ର ପରିଧାନ, ନୃତ୍ୟ ବାଦ୍ୟ କୁକୁଡ଼ା ଯୁଦ୍ଧ ଇତ୍ୟାଦି ଆମୋଦରେ ଦିବା ରାତ୍ରୀ ଅତିବାହିତ କରନ୍ତି । ଏପର୍ବତରେ ଅନେକ ଅବିବାହିତା ଯୁବା ଯୁବତୀ ଏକତ୍ରିତ ହୁଅନ୍ତି ଓ ସେମାନଙ୍କର ବିବାହ ଘଟଣା ହୁଏ । ପୁରୁଷ ଅଭିଳଷିତ ଯୁବତୀର କପୋଳ ସ୍ପର୍ଶ କରି ସିନ୍ଦୂର ପ୍ରଦାନ କରିପାରିଲେ

Digitized by srujanika@gmail.com

ତାହାର ସ୍ୱାମୀ ହୁଅନ୍ତି । ଏମାନଙ୍କ ମଧ୍ୟରେ ବାଲ୍ୟବିବାହର କୁପ୍ରଥା ନାହିଁ । ସେମାନେ ବୟଃପ୍ରାପ୍ତ ସବଳ କର୍ମକ୍ଷମ ହେଲେ ବିବାହ ହୁଅନ୍ତି । ଏହେତୁ ସେମାନଙ୍କ ମଧ୍ୟରେ ହୃଷ୍ଟଲୋକ ଅଧିକରେ, ପ୍ରାୟ ସମସ୍ତେ ସବଳ ହୁଅନ୍ତି ।

ଆମ୍ଭେମାନେ ଶୁଣୁଅଛୁଁ ଯେ ଏଠା କଲେଜର ଛାତ୍ର ଶ୍ରୀ ଦୁର୍ଗାଚରଣସାହୁ ଗତ ଏ, ଏ, ପରୀକ୍ଷାରେ ତୃତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ବିଲାତ ଅନ୍ତର୍ଗତ ଅୟାର୍ଲଣ୍ଡରେ ଦୁର୍ଭିକ୍ଷ ପଡ଼ିବାରୁ ସେଠା ଦୁଃଖୀ ଲୋକଙ୍କ ସାହାଯ୍ୟର ଆବଶ୍ୟକ ହୋଇଅଛି । ଏ ନିମନ୍ତେ ମାନ୍ଦ୍ରାଜରେ ଚାନ୍ଦା ସଂଗ୍ରହ ହେଉଅଛି । ମାନ୍ଦ୍ରାଜ ଦୁର୍ଭିକ୍ଷ ସମୟରେ ବିଲାତରୁ ଲକ୍ଷ ୨ ଟଙ୍କା ଚାନ୍ଦା ଆସି ଥିଲା ମାନ୍ଦ୍ରାଜ ବାସିମାନେ ପ୍ରତ୍ୟୁପକାରର ଯତ୍ନ କରୁଅଛନ୍ତି ଏହା ଉଚିତ ଅଟେ ।

ମନିଅର୍ଡରର ନୂତନ ପ୍ରଥାପ୍ରଚଳନାନ୍ତରେ ଓ ଟେଲିଗ୍ରାଫ ଦ୍ୱାରା ଟଙ୍କା ପଠାଇବା ପ୍ରାର୍ଥନାରେ କଲିକତା ଚେମ୍ବର ସଭା ଆବେଦନ କରିଥିଲେ ମାତ୍ର ତାହା ସ୍ୱୀକୃତ ନ ହେଲା । ସୁଲଭସମାଚାର ବୋଲନ୍ତି ବର୍ତ୍ତମାନ ମନିଅର୍ଡରର କାର୍ଯ୍ୟରେ କେତେକ ବିଶୃଙ୍ଖଳା ଦେଖାଯାଏ ଟଙ୍କା ଆସିବା ପାଇଁ ଲୋକେ ଅନେକଥର ଯାଇ ଫେରି ଆସୁଅଛନ୍ତି । ଆମ୍ଭେମାନେ ମଧ୍ୟ ଏ ପ୍ରଥାକରଣରେ ମନଦେଇଥିଲୁଁ କିନ୍ତୁ କେତେକ ଅସୁବିଧା ମଧ୍ୟ ଅଛି । ବହୁଦିନେ ଭଲ ମନ୍ଦ ଜଣାଯିବ ।

ହାଇକୋର୍ଟର କମାଇଶାହେବ ଦୁଇବର୍ଷଦେଶ ଉର୍ଣ୍ଣିତ କର୍ମଧ୍ୟପଦରେ ନିଯୁକ୍ତଥିଲେ ବର୍ତ୍ତମାନ ତାଙ୍କୁ ନୂତନ ଦେଶୀୟ ଜଜିଙ୍କ ପଦଶ୍ରେଣୀ ଭୁକ୍ତ କରିବାରେ ସେ କର୍ମ ତ୍ୟାଗର ମାନସ କରିଅଛନ୍ତି; କରିବେଇତ

ମହୁଲଫଳର ବ୍ୟାପାର ବିଲାତ ଓ ଭାରତବର୍ଷ ମଧ୍ୟରେ ହେବାର ସମ୍ଭବ । ପରୀକ୍ଷାରେ ଦେଖାଗଲା ଯେ ମହୁଲ ଦୁଗ୍ଧଙ୍କ ପକ୍ଷରେ ପୁଷ୍ଟିକର ଅଟଇ ଓ ଏହେତୁ ଜଣେ ଇଂରେଜ ମହୁଲ ବିଲାତକୁ ନେଇଅଛନ୍ତି । ଏହା ଠିକ ହେଲେ ବହୁତ ପରିମାଣରେ ମହୁଲ ଏ ଦେଶରୁ ଯିବ ।

ବମ୍ବାଇରେ ଜଣେ ଦେଶୀୟ ମହିଳା ଡାକ୍ତରୀ ଚାର୍ଜିମ ହୋଇଅଛନ୍ତି । ସେ ନିକଟରେ ପଦଗର୍ଣ୍ଣର ଲୋଡାଙ୍କ ସାକ୍ଷାତରେ ଉଚିତ ବିଷୟରେ ବକ୍ତୃତା କରିଥିଲେ ।

କାବୁଲପୂର୍ବର ବନ୍ଧୁ ଆମିର କନ୍ଧାର ମହାରାଜା ପଚିଶ ହଜାର ଟଙ୍କା ଗବର୍ଣ୍ଣମେଣ୍ଟଙ୍କୁ ଯାଚିଥିଲେ ମାତ୍ର ତାହା ଗବର୍ଣ୍ଣମେଣ୍ଟ ନେଲା ନ କଲେ, ଦୁର୍ଭିକ୍ଷରେ ସାହାଯ୍ୟପାଇଁ ଟାଙ୍କୁ କେଉଁ ସୂତ୍ରରେ ଲଗାଇବା ଓ ପୁଣି ଟାଙ୍କୁ ଦାନ କରିବା ଅପେକ୍ଷା ଏପରି ଇଚ୍ଛାପୂର୍ବକ ଦାନ ଗ୍ରହଣ କରିବାର ଭଲ । ଶୁଣିଲୁଁ କାବୁଲ ରଜା ଗବର୍ଣ୍ଣମେଣ୍ଟଙ୍କୁ ପ୍ରତିବର୍ଷ ଏକଲକ୍ଷ ଟଙ୍କା ଯାଚ ଅଛନ୍ତି । ଗବର୍ଣ୍ଣମେଣ୍ଟ ଏଥିରୁ କେତେକ ଯୁଦ୍ଧବ୍ୟୟ ଶୁଝାଇବେ ଉଚିତ ।

କଲିକତାରେ ଭାରତବର୍ଷ ଆର୍ଯ୍ୟଧର୍ମ ପ୍ରଚାରିଣୀ ସଭା ନାମରେ ଗୋଟିଏ ସଭା ସ୍ଥାପନ ହୋଇଅଛି । ରାଜା କମଳକୃଷ୍ଣଦେବ ଓ ରାଜା ସୁରେନ୍ଦ୍ରମୋହନ ଠାକୁର ସଭାପତି ହୋଇଅଛନ୍ତି । ଓ ଜଣେ ପଣ୍ଡିତ ଓ ଜଣେ ଯୋଗୀ ଉପଦେଷ୍ଟା ଓ ପ୍ରଚାରକ ହୋଇଅଛନ୍ତି ।

ପୂର୍ବେ ଗୋପନୀୟ ସମ୍ବାଦ ଚାଲିବା ପାଇଁ ପାରା ପୋଷା ଯାଉଥିଲା । ଫ୍ରାନ୍ସ ଯୁଦ୍ଧରେ ଏହିରୂପ ଘଟଣା ଅନେକ ହୋଇଯାଇଅଛି । ସମ୍ପ୍ରତି ତହିଁ ବଦଳରେ ବସନ୍ତୀ ଉଡ଼ାଯାଉଅଛି । କହନ୍ତି ଏହି ବେଲଜିୟମରୁ ୫୭ ଟି ବସନ୍ତୀ ଛାଡ଼ି ଦେଲେ ଉଡ଼ି ଦେଶକୁ ଯାଇଥିଲେ । ସେଠାରୁ ବେଳ ତୃତୀୟ ଘଣ୍ଟା ସମୟରେ ଛାଡ଼ିବାରେ ୭ ଘଣ୍ଟା ସମୟରେ ଘରକୁ ଫେରି ଆସିଲେ ସେମାନେ ୨୪ ଘଣ୍ଟା ମଧ୍ୟରେ ଶଳିକୁ ଯାଇ ଘରକୁ ଫେରି ଆସିଲେ । ସୁ: ସ:

ରୁଷ ଅଧୀନସ୍ଥ ପୋଲାଣ୍ଡୀୟ ମାନେ ଟାଇସ ନ୍ୟାଳାରେ ପ୍ରବଳ ଗଣ୍ଡଗୋଳ ଓ ଲୁଣ୍ଠ କରିଥିଲେ ମାତ୍ର ପରାସ୍ତ ହୋଇଗଲେ ଓ ୭୦ ଜଣ ଧରାପଡ଼ିଲେ । ଟାଇସ ନ୍ୟାଳା ଏବେ ଶାନ୍ତଅଛି ଓ କୌଣସିଠାରେ ତାହା ଅସନ୍ତୋଷ ଜଣାଯାଇ ନାହିଁ ।

ପଞ୍ଚାଶ ସହସ୍ର ଟର୍କୋମାନ ଓ ସହସ୍ରେ ପାରସ୍ୟଦେଶୀୟ ଖାଁମାନେ ରୁଷଙ୍କବିରୁଦ୍ଧରେ ଏକମେଳ ହୋଇଅଛନ୍ତି ।

ବମ୍ବାଇରେ ତା ୨୪ ଋଖରେ ଗୋଟିଏ ଦୁର୍ଘଟଣା ହୋଇଅଛି । ଗୃହଗୋଷ୍ଠ ଗୋଦାମ ଭସ୍ମୀଭୂତ ହେବାରୁ ୫୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି ।

କାବୁଲର ବସ୍ତ୍ରାଗାରରେ ଯେ କାଗଜପତ୍ର ପାଇଯାଇଥିଲା ତହିଁରୁ ପ୍ରକାଶ ଯେ ରୁଷରୁଷ୍ଟ ଯୁଦ୍ଧ ହେବାର ପୂର୍ବ ରୁଷୀୟମାନେ କାବୁଲର ଅମୀର ଶେରଅଲିଙ୍କଠାରୁ ପତ୍ର ଲେଖିଥିଲେ ଯେ ସେ ଇଂରେଜମାନଙ୍କୁ ଆକ୍ରମଣ କଲେ ସେମାନେ ତାହାଙ୍କୁ ସାହାଯ୍ୟ ପ୍ରଦାନ କରନ୍ତେ । ପେଶୋୱାର ଓ ଲାହୋର ପ୍ରଦେଶ ସେମାନଙ୍କୁ ପ୍ରଦାନ କରାଯାଆନ୍ତା । ରୁଷୀୟଗବର୍ଣ୍ଣମେଣ୍ଟ ଅଧିକ ଲେଖିଥିଲେ ଯେ ଇଂରେଜସେନା କାବୁଲନଗରରେ ପହୁଞ୍ଚିବାରୁ ଦୁଇବର୍ଷ କାଳ ଲାଗିବ । ରୁଷଙ୍କଠି ଅମିର ମରିଗଲେ ।

ଏହିରୂପ ଜଣାଯାଉଅଛି ଯେ ଶ୍ରୀମତୀ ମହାରାଣୀ ଯାକୁବଖାଁ ପ୍ରତି ଅପାର୍ଥ ବ୍ୟବହାରରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପ୍ରତି ଅସନ୍ତୁଷ୍ଟ ହୋଇ ଅଛନ୍ତି । ଯାକୁବଖାଁଙ୍କ ଶାସନପ୍ରଣାଳୀ ଉପରେ ବିଚାରର କାଗଜପତ୍ର ମଗାଇ ପଠାଇ ଅଛନ୍ତି । ଦୃ ସ

ବଙ୍ଗଳାର ପୋଷ୍ଟମାଷ୍ଟର ଜେନେରଲ ଗ୍ରିହଲ ସାହେବଙ୍କର ମୃତ୍ୟୁ ହୋଇଅଛି । ଓମ୍ବରଠାରେ ସେ ୧୨ ଘଣ୍ଟା ମଧ୍ୟରେ ଏହାଙ୍କର ମୃତ୍ୟୁ ହେଲା । ଶ୍ରୀ ବିଲସାହେବ ଅତି ଉପଯୁକ୍ତ କର୍ମଚାରୀ ଥିଲେ । ଦୁଃଖରବିଷୟ !

ଅପସ୍ମାନସ୍ଥାନର ଯୁଦ୍ଧରେ ତା ୧୦ ଋଖ ଅକ୍ଟୋବରଠାରୁ ତା ୨୦ ଋଖ ଡିସେମ୍ବର ପର୍ଯ୍ୟନ୍ତ ଆମ୍ଭମାନଙ୍କର ୧୧୦ ଜଣ ସୈନ୍ୟ ନିହତ ଓ ୨୯୨ ଜଣ ଆଘାତ ପ୍ରାପ୍ତ ହୋଇଅଛନ୍ତି । ନିହତ ସୈନ୍ୟମଧ୍ୟରେ ୧୨ ଜଣ କପ୍ତାନ ଏବଂ ଆହତ ସଙ୍ଖ୍ୟା ମଧ୍ୟରେ ୧୪ ଜଣ କପ୍ତାନ ।

## ପ୍ରେରିତପତ୍ର ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଏବର୍ଷ ଦକ୍ଷିଣୁବର୍ଷାଦେବଙ୍କର ଯେପରି ଅନାବୃଷ୍ଟି ହୋଇଅଛି ସେପରି ଓଡ଼ିଶାରେ କେବେ ଦେଖା ନ ଥିଲା ଏଥିର କାର୍ଯ୍ୟ ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ନାହିଁ ମାତ୍ର କମିଶ୍ନର ସାହେବ ଅନେକ ସ୍ଥାନରେ ରେଷମାର ବାଣ ନିଷେଧ ଦେଇ ୨ ବର୍ତ୍ତମାନ ବନ୍ଦ ହୋଇ ଅଛନ୍ତି, ଏ ହେତୁ ଅମୋଦ ପ୍ରମୋଦ ବୃଥାବ୍ୟୟ ଓ ଦୁଃଖୀ ପ୍ରଜାଙ୍କର ଅକାରଣ ଅର୍ଥନଷ୍ଟ ହେଉଅଛି ବୋଲି ତାହାଙ୍କର ବିଶ୍ୱାସ ହୋଇ ଅଛି । ସେ ଅନନ୍ତପୁର ନରସିଂହପୁର ବଡ଼ାମ୍ବା ପ୍ରଭୃତି ସ୍ଥାନମାନଙ୍କର ରେଷମାଇ ବାଣବାଜି ଆଡମ୍ବର କାର୍ଯ୍ୟମାନଙ୍କୁ ନିଷେଧ କରି ଅଛନ୍ତି ଏ ସମ୍ବାଦ ବାଙ୍କିରେ ପ୍ରବେଶ ହେବାରୁ ବାଙ୍କିର ରେଷମାଇ କାର୍ଯ୍ୟ ସ୍ଥଗିତ ରହିଅଛି । ଆମ୍ଭେମାନେ କମିଶ୍ନରଙ୍କର ଏହି ମହତ୍ତ୍ୱ କର୍ମକୁ ଅତିଶୟ ପ୍ରଶଂସା କରୁଅଛୁଁ । ପୁଣି ପ୍ରସ୍ତାବ କରୁଅଛୁଁ ଯେ ବାଙ୍କିର ତହସିଲଦାର ସଟସ୍ପକାର ଓ ଭଦ୍ରଲୋକମାନଙ୍କ ମଧ୍ୟରେ ଚାନ୍ଦାଦ୍ୱାରା ଅନେକ ଟଙ୍କା ସଂଗ୍ରହ କରାଇ ରେଷମାଇର ଆୟୋଜନ କରିଥିଲେ ବର୍ତ୍ତମାନ ଯଦି ରେଷମାଇ କାର୍ଯ୍ୟ ସ୍ଥଗିତ ରହିଲା ତେବେ ସେହି ସମସ୍ତ ପଦାର୍ଥମାନ ପ୍ରକାଶ୍ୟରେ ନିଲାମ କରାଇ ତହିଁର ମୂଲ୍ୟ ଓ ବାକି ଯେ ନଗଦଟଙ୍କା ଅଛି ତାହା ସମସ୍ତଙ୍କୁ ଫେରାଇଦେବାର ଉଚିତ ଅଥବା ସମସ୍ତଙ୍କର ଅନୁମତିଅନୁସାରେ କୌଣସି ସାଧାରଣ ହିତକର କାର୍ଯ୍ୟରେ ବ୍ୟୟ କରିବାର କର୍ତ୍ତବ୍ୟ ।

୫।୧।୮୦ }
। ମୂ । ବାଙ୍କି } ଲେଖକ ।

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ କଟକ ନର୍ମାଲ ସ୍କୁଲର ପଣ୍ଡିତ ବର୍ଗରେ ୬ ଗୋଟା ବୃତ୍ତି ଖାଲି ଅଛି । ଯେଉଁ ବାଳକମାନେ ଛାତ୍ରବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବେ ସେହି ବାଳକମାନେ ଚଳିତମାସ ୧୫ ଦିନ ମଧ୍ୟରେ ଆମ୍ଭନିକଟରେ କିମ୍ବା ଉକ୍ତସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ମହାଶୟଙ୍କ ନିକଟରେ ଉପସ୍ଥିତ ହେଲେ ସେମାନଙ୍କୁ ବିବେଚନା ପୂର୍ବକ ଉକ୍ତବୃତ୍ତି ପ୍ରଦାନ କରାଯିବ । ଇତି

୧।୨।୮୦ } RADHA NATH RAI,
କଟକ } *Joint Inspector.*

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ ସ୍କୁଲ ଓ ପାଠଶାଳା ସମୂହର ପାଠ୍ୟ ଇଂରାଜୀ ଓଡ଼ିଆ, ସଂସ୍କୃତ ଓ ବଙ୍ଗଳା ପୁସ୍ତକ ସବୁ ଆମ୍ଭନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଯଦ୍ୟପି କୌଣସି ସ୍କୁଲରେ ମାପ ବା ଗ୍ଲୋବ ଆବଶ୍ୟକ ହୁଏ ତେବେ ଆମ୍ଭ ନିକଟକୁ ଅଗ୍ରିମ ଟଙ୍କା ପଠାଇଲେ ଶୀଘ୍ର ପାଇ ପାରିବେ ଇତି ।

ତା ୩ ଋଖ ଫେବୃୟାରି ୧୮୮୦ } ଶ୍ରୀ ରାମଚନ୍ଦ୍ର ମହାନ୍ତି
କଟକ କଲେଜ } ପାଠ୍ୟପୁସ୍ତକ ଏଜେଣ୍ଟ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରସିଂହ ପଟ୍ଟନାୟକ | କଟକ | ଅଗ୍ରିମ | ଟ ୪ |
| „ ଗଙ୍ଗାଧର ଘୋଷ | ଅନନ୍ତପୁର | „ | ଟ ୪ |
| „ ବଦ୍ରୀନାଥ ମହାନ୍ତି | ଦକ୍ଷିଣପାଟଣା କଲମ୍ବା | | ଟ ୮ |
| „ ଜଗନ୍ନାଥ ରାୟ | କଟକ | „ | ଟ ୩ |
| „ ଚନ୍ଦ୍ରଶେଖର ଘୋଷ | „ | „ | ଟ ୨ |
| „ ଦୟାନିଧି ମହାନ୍ତି | „ | „ | ଟ ୩ |
| „ ଭଗବାନ୍ ପଣ୍ଡା | „ | „ | ଟ ୩ |

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ବାବୁ ଗୌରୀଶଙ୍କର ରାୟଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

## NOTICE.

THROUGH TRAFFIC FROM CUTTACK TO CALCUTTA.

The Steamer "Olga" and Passenger Boats will leave the Godowns of the undersigned every Tuesday commencing with Tuesday the 20th instant, for the purpose of conveying Passengers to Patamondie, at which place Passengers will be transferred to the Steamer "Ooryia" for conveyance to Calcutta.

The "Ooryia" will leave Patamondie every Thursday, arriving at Calcutta on the following day.

There will always be a halt of some hours at Patamondie to enable Passengers to obtain refreshment.

Passengers & Cargo can be booked at through rates from Cuttack to Calcutta at the Godowns of the undersigned, as follows.

FIRST CLASS PASSENGERS.

Rs. 45 each { Two servants may accompany each Passenger to Patamondie free, but fares at the rate of Rs.2-6-0 each servant, extra, must be paid on board the "Ooryia". Messing as far as Patamondie Rs. 4 per diem, extra. Messing on board the "Ooryia" free. Children under three with parents, free. Children under ten, half fare. Four Bengal maunds of baggage allowed free.

SECOND CLASS PASSENGERS.

Rs. 20 each { Should Passengers not bring their own food, they can be messed both on board the "Olga" & 'Ooryia' at the rate of Rs. 2 per diem. Two Bengal maunds of luggage free.

DECK PASSENGERS.

Rs. 3-8 each { These figures includes all charges from Cuttack to Calcutta.

CARGO.

Will be conveyed from Cuttack to Calcutta at through rates for different goods on the basis of the following.

Measurment Goods:— Rs. 15 per ton of 50. C. ft.

Sleepers ... ... ... Rs. 0-13-0 each

Through Tickets, Bills of Lading, and full particulars can be obtained on application to the undersigned.

Cuttack, January 16, 1880. } BULLOCH WELLSTED & Co.

---

### ବିଜ୍ଞାପନ ।

କଟକଠାରୁ କଲିକତାପର୍ଯ୍ୟନ୍ତ ଅବ୍ୟବଚ୍ଛିନ୍ନ ବାଣିଜ୍ୟ ଷ୍ଟିମର ଅଲଗା ଏବଂ ଯାତ୍ରୀନୌକାମାନ ଚଳିତମାସ ତା ୨୦ ରଖଠାରୁ ପ୍ରତି ମଙ୍ଗଳବାର ଅମ୍ଭର ଗୋଦାମରୁ ପଟାମୁଣ୍ଡି-କୁ ଯାତ୍ରୀ ନେଇଯିବ ଓ ପଟାମୁଣ୍ଡିଠାରେ କଲିକତା ଯିବା ନିମନ୍ତେ ଓଡ଼ିଆନାମକ ଷ୍ଟିମରରେ ଚଢାଇଦେବ ।

"ଓଡ଼ିଆ" ଷ୍ଟିମର ପ୍ରତିଗୁରୁବାର ପଟାମୁଣ୍ଡିରୁ ଯାତ୍ରାକରି ତହିଁ ଅରଦିନ କଲିକତାରେ ପହଞ୍ଚିବ ।

ଯାତ୍ରୀମାନଙ୍କ ଭୋଜନାଦି ନିମିତ୍ତ ପଟାମୁଣ୍ଡିଠାରେ କସ୍ତୁରି କାଳ ସର୍ବଦା ଜାହାଜ ଅଟକିବ

ଅମ୍ଭର ଗୋଦାମଠାରେ ତଳଲିଖିତ ହାରରେ ଯାତ୍ରୀ ଓ ଦ୍ରବ୍ୟାଦି ବୁକିଡ଼ ହେବ ଯଥା;—

ପ୍ରଥମଶ୍ରେଣୀର ଯାତ୍ରୀ ।

ଜଣପ୍ରତି ଟ ୪୫ ଙ୍କା { ପ୍ରତ୍ୟେକ ଯାତ୍ରୀ ସଙ୍ଗେ ଦୁଇଜଣ ଚାକର ବିନାଭଡାରେ ପଟାମୁଣ୍ଡିକୁ ଯିବେ ମାତ୍ର ସେଠାରେ ଜଣପ୍ରତି ଟ ୨।୶ ଲେଖାଏ "ଓଡ଼ିଆ" ଜାହାଜରେ କଲିକତା ସକାଶ ଭଡା ଦେବେ । ପଟାମୁଣ୍ଡିପର୍ଯ୍ୟନ୍ତ ଦିନାକୁ ଟ ୪୲ ଙ୍କା ଲେଖାଏ ଖାଇବାଖର୍ଚ୍ଚ ପଡିବ । ଓଡ଼ିଆଜାହାଜରେ ଖାଇବାଖର୍ଚ୍ଚ ଦେବାକୁ ହେବନାହିଁ ତିନବର୍ଷ ବୟସର ପିଲାପ୍ରତି ମାସୁଲ ଲାଗିବ ଏବଂ ଦଶବର୍ଷରୁ ଊଣା ଅର୍ଦ୍ଧମାସୁଲ । ସଙ୍ଗର ଦ୍ରବ୍ୟ କଲିକତା ଦୁଇମହଣ ଯିବ ।

ଦ୍ୱିତୀୟଶ୍ରେଣୀର ଯାତ୍ରୀ

ଜଣପ୍ରତି ଟ ୨୦ ଙ୍କା { ଯେବେ ଯାତ୍ରିମାନେ ଆପଣା ଖାଇବାଦ୍ରବ୍ୟ ସଙ୍ଗରେ ଆଣି ନ ଥିବେ ତେବେ 'ଅଲଗା' ଓ 'ଓଡ଼ିଆ' ଜାହାଜମାନଙ୍କରେ ଦିନାକୁ ଟ ୨୲ ଙ୍କା ଲେଖାଏ ଦେଲେ ଖାଇବାକୁ ପାଇବେ । କଲିକତା ଦୁଇମହଣ ଓଜନର ଦ୍ରବ୍ୟ ଯିବ ।

ଉପରେ ବସିବା ଯାତ୍ରୀ ।

ଜଣପ୍ରତି ଟ ୩।୷ { କଟକଠାରୁ କଲିକତାପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚା ଏଥିର ଅନ୍ତର୍ଗତ ଅଟଇ ।

ମହାଜନୀ ଦ୍ରବ୍ୟ ।

କଟକଠାରୁ କଲିକତାପର୍ଯ୍ୟନ୍ତ ତଳଲିଖିତ ନିୟମରେ ନାନାପ୍ରକାର ଦ୍ରବ୍ୟ ପଠାଯାଇ ପାରିବ ଯଥା;—

ମାପ ଅନୁସାରେ ମାସୁଲ ଧାର୍ଯ୍ୟ ହେବାଭଳି ଦ୍ରବ୍ୟ ପ୍ରତିଟନ ଅର୍ଥାତ୍ ୫୦ ଘନଫୁଟକୁ ଟ ୧୫୲

ସ୍ଲିପର ପ୍ରତିଖଣ୍ଡକୁ ଟ ୦ ୳୲

ଯାତ୍ରୀଙ୍କ ଟିକଟ ବିଲଅବ୍ଲେଡିଂ ଓ ସମସ୍ତ ସମ୍ବାଦ ଅମ୍ଭମାନଙ୍କ ନିକଟରେ ପ୍ରାପ୍ତ ହେବ ।

କଟକ ୧୬।୧।୮୦ } ବୁଲକ ଓଲେଷ୍ଟେଡ଼ କମ୍ପାନି ।

---

### ନୂତନ ପଞ୍ଜିକା ।

ସନ ୧୮୮୦।୮୧ ସାଲର ଉତ୍କଳ ନୂତନପଞ୍ଜିକା ପ୍ରସ୍ତୁତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉ-ଅଛି ତହିଁର ମୂଲ୍ୟ ଟ ୦ ୲ ମୋଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡା ପୃଥକ୍ ଡାକମାସୁଲ ପଡିବ ।

---

କଲିକତା ଓ ଚାନ୍ଦବାଲି ମଧ୍ୟରେ ମନୁଷ୍ୟ ଯାତାୟାତର ଜାହାଜ ଭଡା ଦି ଇଷ୍ଟ ଇଣ୍ଡିଆନ୍ ଷ୍ଟିମ ନେଭିଗେସନ କମ୍ପାନୀ ପୂର୍ବେ ଯାହା ନେଉଥିଲେ ବର୍ତ୍ତମାନ ତାହା ଊଣା କରିବାରୁ ଉକ୍ତ କମ୍ପାନୀର ଏଜେଣ୍ଟ ବୁଲକ୍ ଵେଲଷ୍ଟେଡ଼ କମ୍ପାନୀ ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛନ୍ତି କି ସେମାନେ ତଳଲିଖିତ ହାରରେ ଜାହାଜ ଭଡାର ଟିକଟମାନ ଜାରି କରିବାକୁ ପ୍ରସ୍ତୁତ ଅଛନ୍ତି ଯଥା;—

ପ୍ରଥମଶ୍ରେଣୀ ଚାନ୍ଦବାଲିଠାରୁ କଲିକତାକୁ ଟ ୨୫୲

ଦ୍ୱିତୀୟଶ୍ରେଣୀ ଏକାର ଏକାର ଟ ୧୨୷

ଉପରେ ବସିବା ଡେକ । } " ଏକାର ଟ ୨୲

ଉପର ଲିଖିତ ହାର ଦୃଷ୍ଟିରେ କଟକଠାରୁ ଚାନ୍ଦବାଲିକୁ ଯିବାର ଜାହାଜ ଭଡା ଖାଦ୍ୟସାମଗ୍ରୀ ଛଡା ତଳଲିଖିତ ରୂପେ ଧାର୍ଯ୍ୟ ହେବ ଯଥା;—

୧ମ ଶ୍ରେଣୀ ଏକଜଣ ଦୁଇଗ୍ରହର ସହିତ ଟ ୨୫୲

୨ୟ ଶ୍ରେଣୀ " ଏକ ଗ୍ରହର " ଟ ୧୨୷

ଉପରେ ବସିବା ଡେକ ... ... ... ... ଟ ୨୲

---

☞ ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଶ | ତା ୧୪ ଇଙ୍ଗ୍ରାଜୀ ମାହେ ଫିବ୍ରୁଅରି ସନ ୧୮୮୦ ମସିହା । ମୁ । ଫାଲ୍‌ଗୁନ ଦ ୪ ନ ସନ ୧୨୮୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୮
ସ ୭ ସଂଖ୍ୟା | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୮
| | ମଫସଲପାଇଁ ଡାକମାସୁଲ ଟ ୧୧୵

ଗତଜମାସ ତା ୫ ଦିନରେ ପର୍ଲିମେଣ୍ଟସଭା ଆରମ୍ଭ ହୋଇଅଛି । ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ସ୍ୱୟଂ ସଭା ଅଳଙ୍କୃତ କଲେ ମାତ୍ର ତାଙ୍କ ବକ୍ତୃତା ମନ୍ତ୍ରୀ ପାଠକଲେ । ମହାରାଣୀ କହିଲେ ବିଦେଶୀୟ ନୃପତିମାନଙ୍କ ସଙ୍ଗେ ସଦ୍ଭାବ ଅଛି ଗତଥର ପାର୍ଲିମେଣ୍ଟ ସଭା ଭଙ୍ଗିବା ସମୟରୁ ଶାନ୍ତି ବଜାୟ ଅଛି କେବଳ ତୁର୍କି ସ୍ଥାନର କେତେକ ପ୍ରଦେଶରେ ଗଣ୍ଡଗୋଳଅଛି ସେ ସବୁ ସୁଧାରିବାକୁ ହେବ । ତତଃପର ମହାରାଣୀ କାବୁଲରେ ରାଜଦୂତଙ୍କର ହତ୍ୟାକାଣ୍ଡ ଉଲ୍ଲେଖ କରି ଅତି ଚଞ୍ଚଳ ଓ କୌଶଲ ପୂର୍ବକ କାବୁଲ ଆକ୍ରମଣ ଓ ଜୟ କରିବା ଇଂରେଜ ଓ ଦେଶୀୟ ସମସ୍ତ ସୈନିକ କର୍ମଚାରୀଙ୍କର ବିଶେଷ ପ୍ରଶଂସା କଲେ । ଅମିର ପଦତ୍ୟାଗ କରିଥିବାରୁ ଓ କାବୁଲ ଦେଶରେ ଗଣ୍ଡଗୋଳ ସମ୍ପୂର୍ଣ୍ଣରୂପେ ନିବାରଣ ହୋଇ ନ ଥିବାରୁ ସୈନ୍ୟଗଣ ବର୍ତ୍ତମାନ କାବୁଲରୁ ପ୍ରତ୍ୟାଗମନ କରି ନ ପାରନ୍ତି । କିନ୍ତୁ ଗବର୍ଣ୍ଣମେଣ୍ଟ ଭାରତବର୍ଷର ସୀମା ଦୃଢ଼ରୂପେ ରକ୍ଷା କରିବା ସଙ୍ଗେ କାବୁଲର ଶାସନକର୍ତ୍ତା ଓ ଲୋକମାନଙ୍କ ସଙ୍ଗେ ସଦ୍ଭାବ ରକ୍ଷା କରିବେ । ଦୁର୍ଭିକ୍ଷପୀଡ଼ିତ ଆଇରିଶମାନଙ୍କ ସାହାଯ୍ୟ ଓ ଅନ୍ୟ କେତେକ ଆଇନ ବିଷୟ ଉଲ୍ଲେଖ କରି ବକ୍ତୃତା ଶେଷ କଲେ । ଭାରତବର୍ଷ ସମ୍ବନ୍ଧରେ ଆଉ କିଛି କହି ନାହାନ୍ତି ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ !

---

✓ଆମ୍ଭେମାନେ ଆନନ୍ଦପୂର୍ବକ ଜମିଦାରମାନଙ୍କୁ ଜଣାଉଅଛୁଁ ଯେ ପଟୁଆରି କାଗଜ ରହିତ ହେବା ପକ୍ଷରେ ଗବର୍ଣ୍ଣମେଣ୍ଟରୁ ନୂତାନ୍ତ ଆଜ୍ଞା ହୋଇଅଛି । ପାଠକମାନେ ଅବଗତ ଥିବେ ଯେ ଏ ବିଷୟରେ ଗବର୍ଣ୍ଣମେଣ୍ଟ ଚାରି କର୍ମଚାରୀ ଓ କମିଶନରମାନଙ୍କର ମତାମତ ତଲବ କରିଥିଲେ । ରିବନ୍‌ସାଃସାହେବ ଓ ହମ୍‌ସାହେବଙ୍କୁ ଛାଡ଼ି ଆଉ ସମସ୍ତେ ପଟୁଆରି କାଗଜ ଉଠାଇ ଦେବା ପକ୍ଷରେ ଅଭିମତ ଦେଲେ ଓ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଥିଲେ ଯେ ତହିଁରେ କିଛି ଲାଭ ନାହିଁ । ଅକାରଣ ସରକାରୀ କର୍ମଚାରୀ ଓ ଜମିଦାର ଉଭୟଙ୍କର ବିଶେଷ କଷ୍ଟ ହୁଅଇ ରିବନ୍‌ସା ସାହେବ ଓ ହମ୍‌ସ ସାହେବ ଏ ପ୍ରଚଳିତ ପ୍ରଥାର ଉଦ୍ୟୋକ୍ତା ଓ ପୋଷଣକାରୀ ସୁତରାଂ ସେମାନେ ତହିଁର ସପକ୍ଷରେ ମତ ଦେଇ ଥିଲେ ମାତ୍ର ସେମାନଙ୍କ ସ୍ଥାନରେ ବର୍ତ୍ତମାନ ଓଡ଼ିଶାରେ ଯେଉଁ କର୍ମଚାରୀମାନେ ଅଛନ୍ତି ସେମାନେ ଏ ପ୍ରଥାଜନିତ କଷ୍ଟ, ଅସୁବିଧା ଓ ଅଲାଭ ବିଶେଷରୂପେ ଦର୍ଶାଇ ଥିଲେ ଓ ଅନ୍ୟ ସମସ୍ତେ ସେହିପ୍ରକାର ମତ ଦେଇଥିଲେ । ଅତଏବ ଗବର୍ଣ୍ଣମେଣ୍ଟ ରିବନ୍‌ସାସାହେବ ଓ ହମ୍‌ସସାହେବଙ୍କ ମତ ଅଗ୍ରାହ୍ୟ କରି ପଟୁଆରି କାଗଜ ଉଠାଇ ଦେବାର ଆଜ୍ଞା ପ୍ରଦାନ କଲେ । ଜମିଦାରମାନେ ଏ ପ୍ରଥା ବିରୁଦ୍ଧରେ ପ୍ରଥମେ ଆବେଦନ କରିଥିଲେ ଓ ଆମ୍ଭେମାନେ ପୁନଃପୁନ ଲେଖିଲୁଁ ତେତେବେଳେ ଗବର୍ଣ୍ଣମେଣ୍ଟ କର୍ଣ୍ଣପାତ କଲେ ନାହିଁ ଏଣୁକରି ଯେ କେତେ ଜମିଦାର କେତେ କଷ୍ଟ ଲଭିଲେ କେତେ ଦଣ୍ଡ ଦେଲେ କେତେ ଖର୍ଚ୍ଚାନ୍ତ ହେଲେ ଏହା ଅକଥନୀୟ । ଗବର୍ଣ୍ଣମେଣ୍ଟ ପ୍ରଥମରୁ ଆମ୍ଭମାନଙ୍କ କଥା ଶୁଣିଥିଲେ ଜମିଦାରମାନେ ଅନର୍ଥକ ଏତେ ହଇରାଣ ହୋଇ ନ ଥାନ୍ତେ । ଯାହା ହେଉ ପରିଶେଷେ ଯେ ଗବର୍ଣ୍ଣମେଣ୍ଟ ସୁବିଚାର କରି ରହିତ ଆଜ୍ଞା ପ୍ରଦାନ କଲେ ସୁଖର ବିଷୟ ଓ ତନିମିତ୍ତ ଆମ୍ଭେମାନେ ତାଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

### ବାଙ୍କି ଓ ଅଭ୍ୟର୍ଥନା ।

ବାଙ୍କିର କଟେଣୀ ମହାନଦୀ ତୀରସ୍ଥ ଚର୍ଚ୍ଚିକା ନାମକ ଗ୍ରାମରେ ଅଛି । ସେଠାରୁ ବାଙ୍କିର ପୂର୍ବତନ ରାଜାଙ୍କର ଗଡ ପ୍ରାୟ ଦୁଇମାଇଲ ଅନ୍ତର । ଚର୍ଚ୍ଚିକାଗ୍ରାମର ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର । ଉତ୍ତରଦିଗରେ ପର୍ବତମାଳା ଆଉ ଅନ୍ୟ ଦିଗରେ ସୁପ୍ରଶସ୍ତା ମହାନଦୀ ପୁଣି ସେହି ନଦୀର ଅପରପାର୍ଶ୍ୱ ନୀଳବର୍ଣ୍ଣ ପର୍ବତମାଳାରେ ଆବଦ୍ଧ, ଏଣୁକରି ସେଠାର ଶୋଭା ଅତି ରମଣୀୟ ଅଟେ । ସେ ଗ୍ରାମ ଚର୍ଚ୍ଚିକା ଠାକୁରାଣୀଙ୍କ ହେତୁ ପ୍ରସିଦ୍ଧ ଅଟେ । ଠାକୁରାଣୀଙ୍କର ମନ୍ଦିର ଗୋଟିଏ ଉଚ୍ଚସ୍ଥାନରେ ପ୍ରତିଷ୍ଠିତ ଅଛି ସେଠାକୁ ଯିବାନିମନ୍ତେ ୫୦।୬୦ ପ୍ରଶସ୍ତ ପ୍ରସ୍ତରମୟ ପାହାଚ ପଡ଼ିଛି । ଦେବାଳୟ ନିକଟରୁ ଅନ୍ୟ ଦିଗକୁ ସେବକମଣ୍ଡଳୀଙ୍କ ବସତି ପର୍ଯ୍ୟନ୍ତ ଅ ପର୍ବତସ୍ଥ ପାହାଚ ଅଛି । ଠାକୁରାଣୀଙ୍କର

Digitized by srujanika@gmail.com

ଛକଟରେ ମହାଦେବାଦଙ୍କର ଅନ୍ୟାନ୍ୟ ଶ୍ରେଷ୍ଠ ମନ୍ଦର ଥିବାରୁ ସ୍ଥାନଟି ସୁନ୍ଦର ଦିଶଇ । ଦେଉଳର ପଶ୍ଚାଦ୍ଭାଗରୁ ଗୋଟିଏ କ୍ଷୁଦ୍ର ନଦୀ ଅଛି ତହିଁର ନାମ ଅଣ୍ଡା ।

ଶ୍ରୀଯୁକ୍ତ କମିଶ୍ନରସାହେବ ଏମାସ ତାଂରଖରେ ସେଠାରେ ପହୁଞ୍ଚି ଗାଁପଙ୍କରେ ସ୍କୁଲ ଇତ୍ୟାଦି ପରିଦର୍ଶନ କଲେ । ସେହିଦିନ ସନ୍ଧ୍ୟାବେଳେ ସରବରାହକାରମାନେ ନାନା ବାଦ୍ୟରେ କେତେକପ୍ରକାର ବାଣ ସାହେବଙ୍କୁ ଦେଖାଇଲେ । ବାଣମଧ୍ୟରେ ଯାହା ସୁନ୍ଦର ହୋଇଥିଲା ତାହା ଏହି ଯେ ଗୋଟିଏ ତୋପଗଛ ଉପରେ ବାଳକଟିଏ ନିର୍ମିତ ହୋଇଥିଲା । ତୋପମାନ ଫାଟିଲାଉତ୍ତାରେ ବାଳକ ହସ୍ତରେ ଥିବା ଗୋଟିଏ ତୋପର ଦୀପକ ରନ୍ଧ୍ରରେ ଅଗ୍ନି ଲାଗିଲା ତାହା ତଳକୁ ପଡ଼ୁ ହେଲାମାତ୍ରକେ ବାଳକଟି ଯେ କେଉଁଆଡେ ଉଡ଼ିଗଲା ତାହା ଜଣାଗଲା ନାହିଁ । ବାଙ୍କିରୁ ଏଥର ସାହେବଙ୍କର ଦୂରାସ୍ଥ ଆଗମନ ହେବେ ଅନ୍ୟାନ୍ୟ ସ୍ଥାନରେ ଧୂମଧାମ ହେଉଥିବାସ୍ଥଳେ ବାଙ୍କିବାସୀ କିଛି ନ କରିବା ତାହାଙ୍କ ଅଶୋଭନୀୟ ହୁଅନ୍ତା ଏ ଦୃଷ୍ଟିରେ ଯଥାଶକ୍ତି ଆଡ଼ମ୍ବର କରିଥିଲେ । ଏହା ଭିନ୍ନ କିଛି ହିତକର କାର୍ଯ୍ୟରେ ସେ ସ୍ଥାନ ସମସ୍ତ ଲୋକାଳୟଙ୍କୁ ଜିଣିଅଛି । ସେଠାର କେତେକ ସରବରାହକାରମାନେ ଶ୍ରୀହାକର ଗୋଟିଏ ମେଡେଲ (ତୋଷମା) ଆଗତବର୍ଷ କମ୍ପା ଉପରେ ଏଠା କଲେଜର ପ୍ରଥମ ବି, ଏ, ପାଶ କରିବା ଛାତ୍ରଙ୍କୁ ଦେବାନିମନ୍ତେ ସାହେବମହୋଦୟଙ୍କୁ କୋଡ଼ିଏଟି ଟଙ୍କା ଦେଇଅଛନ୍ତି । ଉଚ୍ଚଶିକ୍ଷାର ଉତ୍ସାହ ପକ୍ଷରେ ବାଙ୍କିବାସିଙ୍କର ଅନୁରାଗ ପ୍ରଶଂସାର ବିଷୟ ଅଟେ ।

---

### ବି, ଏ, ପରୀକ୍ଷାର ଫଳ ।

କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ପରୀକ୍ଷାର ଫଳ ବାହାର ଅଛି । ଗତସପ୍ତାହର କଲିକତା ଗେଜେଟରେ ଦେଖାଗଲା ଯେ ଏଥର ୧୨୨ ଛାତ୍ର ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ତହିଁ ମଧ୍ୟରେ ପ୍ରଥମ ଶ୍ରେଣୀରେ ୭ ଜଣ ୨ୟ ଶ୍ରେଣୀରେ ୩୬ ଜଣ ଏବଂ ୩ୟ ଶ୍ରେଣୀରେ ୭୯ ଜଣ । ପାଟନା କଲେଜ ଏଥର ଦ୍ୱିତୀୟ ସ୍ଥାନ ପାଇଅଛି । ପ୍ରେସିଡେନ୍ସି କଲେଜ ବଙ୍ଗାଳାରେ ସର୍ବପ୍ରଧାନ କଲେଜ ହୋଇ ଯାହା ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ପ୍ରଥମ ସ୍ଥାନ ନ [illegible] ବଡ ଆଶ୍ଚର୍ଯ୍ୟ ଅଟଇ । କଟକ କଲେଜର ଏକଜଣ ଛାତ୍ର ଦୁର୍ଗାଚରଣ ସାହୁ ଏହି ପରୀକ୍ଷାରେ ତୃତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛି ଏବଂ ଏଥିପାଇଁ କଲେଜର ପ୍ରିନ୍ସିପାଲ ଏଡ଼ର ସାହେବ ଅତ୍ୟନ୍ତ ଆନନ୍ଦିତ ହୋଇ ଏକଦିନ କଲେଜ ବନ୍ଦ କରିଥିଲେ । ବାସ୍ତବରେ କଲେଜର ଶିକ୍ଷକଙ୍କ ପକ୍ଷରେ ଏହା ଆନନ୍ଦର ବିଷୟ ଅଟଇ । ଅନ୍ତତଃ ସେମାନେ ଏଥର ଦମ୍ଭ ହୋଇ କହି ପାରନ୍ତି କି ଏତେକାଳ ଯେବେ ଏ କଲେଜର କେହି ଛାତ୍ର ପାସକରି ପାରି ନ ଥିଲେ ତାହା ସେମାନଙ୍କ ଦୋଷରୁ ନୁହଇ କେବଳ ଛାତ୍ରମାନଙ୍କ ଦୋଷରୁ କାରଣ ପୂର୍ବବର୍ଷମାନଙ୍କରେ ଦୁର୍ଗାଚରଣ ସାହୁପରି ଛାତ୍ର ଥିଲେ ଅବଶ୍ୟ ପାସ୍ କରିଥାନ୍ତେ ମାତ୍ର ଆମ୍ଭେମାନେ ବର୍ତ୍ତମାନର ଫଳରେ ତାଦୃଶ ଆନନ୍ଦିତ ହେବାର କାରଣ ଦେଖୁ ନାହୁଁ । ଆମ୍ଭେମାନେ ବୋଧ କରୁଁ ଯେ ଏଥିରେ କେବଳ କଟକ କଲେଜର କଳଙ୍କନାମ ଘୁଞ୍ଚିଗଲା ମାତ୍ର ପ୍ରଶଂସାର ବିଷୟ କିଛି ହେଲା ନାହିଁ । ପାଞ୍ଚବର୍ଷରେ ଗୋଟିଏମାତ୍ର ଛାତ୍ର ଉତ୍ତୀର୍ଣ୍ଣ ହେଲା ସେ ପୁଣି ତୃତୀୟଶ୍ରେଣୀରେ । ଏପରି ମଡ଼ାଖିଆ ଫଳ ଉପରେ କେଉଁ ଉଚ୍ଚ ପ୍ରୀତିକର ଅନୁଭବ ହୁଅଇ ତାହା ପାଠକମାନେ ଅନାୟାସରେ ସ୍ଥିରକରି ପାରନ୍ତି । ଫଳକଥା ଏହି କି ଆମ୍ଭେମାନେ ପୁନଃପୁନ କହୁଅଛୁଁ ଏବଂ ବର୍ତ୍ତମାନ ମଧ୍ୟ କହୁଅଛୁଁ ଯେ କଟକ କଲେଜଟି ବିଡ଼ମ୍ବନା ମାତ୍ର । ଏଥିରେ ଦରିଦ୍ର ଓଡ଼ିଶାର କ୍ଷତିଏ ଧନ ଅକାରଣ ଧ୍ୱଂସ ହେଲା ଏବଂ ଛାତ୍ରଙ୍କ କାଳ ସଙ୍କୋଚ ଉନ୍ନତିର ମାର୍ଗରେ କଣ୍ଟା ଦିଆଗଲା । ଏହା ଭିନ୍ନ ଆଉ କିଛି ହେଲା ନାହିଁ । ଗତ ପାଞ୍ଚବର୍ଷରେ ଏହି କଲେଜରେ ଯେତେ ଟଙ୍କା ବ୍ୟୟ ହୋଇଗଲା ଯେବେ ତେତିକି ଟଙ୍କା କମ୍ପାନି କାଗଜରେ ଗଚ୍ଛିତ ହୋଇ ଥାନ୍ତା ତେବେ ତହିଁର ସୁଧରୁ ଅନ୍ତତଃ ତେରଜଣ ଛାତ୍ର ପ୍ରତିବର୍ଷ କଲିକତାର ଉତ୍କୃଷ୍ଟ କଲେଜରେ ଅଧ୍ୟୟନ କରି ପାରଥାନ୍ତେ ଓ ତଦ୍ଦ୍ୱାରା ଏଥି ମଧ୍ୟରେ କେବଳ ତେତେକଜଣ ବି, ଏ, ଉପାଧିଧାରୀ ଓଡ଼ିଶାରେ ହୋଇଥାନ୍ତେ ଏମନ୍ତ ନୁହେ କେତେ ବି, ଏଲ ପରୀକ୍ଷା ମଧ୍ୟ ଦେଇ ସ୍ୱାଧୀନ ଜୀବିକା ନିର୍ବାହ କରିବାକୁ ସମର୍ଥ ହୋଇ ଥାନ୍ତେ ଓ ତହିଁରେ ଓଡ଼ିଶାର ଗୌରବ ବଢ଼ିଥାନ୍ତା । ତନ୍ନ ମୂଳଧନଯାକ ସମସ୍ତ ବ୍ୟୟ ହୋଇ ଗୋଟିଏମାତ୍ର ବି,ଏ, ଉପାଧିଧାରୀ ଲାଭ ହେଲା ! ଏହାକି ସନ୍ତୋଷଜନକ ଅଟଇ ? ଆମ୍ଭେମାନେ ଏତେବେଳେ ସୁଦ୍ଧା ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ କି ଯଦ୍ୟପି ଯଥାର୍ଥରେ ଓଡ଼ିଶାପ୍ରତି ଦୟାକରି କଲେଜକୁ ଚିରସ୍ଥାୟୀ କରିବାକୁ ମନସ୍ଥ କରି ଅଛନ୍ତି ତେବେ ଯେତେ ବ୍ୟୟ ଓ ଯେପ୍ରକାର ଯୋଗ୍ୟଲୋକ ପ୍ରକୃତ କଲେଜ ସକାଶେ ଆବଶ୍ୟକ ତାହା ଅବିଳମ୍ବେ ପ୍ରଦାନ ଓ ନିୟୋଗ କରନ୍ତୁ ନୋହିଲେ ଏପରି ନାମମାତ୍ର କଲେଜରେ ଯେଉଁ ଟଙ୍କା ବ୍ୟୟ କରୁଅଛନ୍ତି ତହିଁର କିୟଦଂଶ ବୃତ୍ତିସ୍ୱରୂପ ଛାତ୍ରଙ୍କୁ ଦେଉନ୍ତୁ ତାହାହେଲେ ସେମାନେ ଅନାୟାସରେ ବଙ୍ଗଳାର କଲେଜମାନଙ୍କରେ ଉଚ୍ଚଶିକ୍ଷା ଲାଭ କରି ପାରିବେ ।

---

### ଅର୍ମଷ୍ଟ୍ରଂ ସାହେବଙ୍କ ବିଦାୟ ।

ବାର୍ଷିକ ଚିଠାପତ୍ରୀ ସଂକ୍ରାନ୍ତ ସର୍ବ ସାଧାରଣଙ୍କ ଭାବ ବିଷୟରେ ପୁରୀ କଲେକ୍ଟର ଶ୍ରୀ ଅର୍ମଷ୍ଟ୍ରଙ୍ଗ ସାହେବ ବିରୁଦ୍ଧ ରିପୋର୍ଟ ପ୍ରକାଶ କରିଥିବାର ଆମ୍ଭେମାନେ ଏଥି ପୂର୍ବେ ଉଲ୍ଲେଖ କରିଥିଲୁଁ । ଅଦ୍ୟ ତହିଁର ଅବଶେଷ ପାଠକମାନଙ୍କୁ ଜଣାଉ ଅଛୁଁ । ସାହେବ ପ୍ରଶଂସିତ ଲେଖନ୍ତି (୧) ଖୋରଧା ଲୋକଙ୍କର ମୁଖଭଙ୍ଗ ଓଡ଼ିଶା ରଜାଙ୍କ ବଂଶ ପ୍ରତି ଭକ୍ତି ଅଛି ଓ କୌଣସି ସମୟରେ ବିଦ୍ରୋହ ବା ଗଣ୍ଡଗୋଳ ହୋଇପାରେ (୨) ଲୋକେ ଲାଇସେନ୍ସ ଟାକ୍ସ ଆଦି ସ୍ୱଦେଶ ହସ୍ତଚିତ୍ରରେ ଆପତ୍ତି କଲେ ଓ ଅନେକଙ୍କୁ ପ୍ରହାର ହୋଇଥିଲା । (୩) ଖୋରଧା ବନ୍ଦୋବସ୍ତରେ ରୟତ ଓ ସରବରାହକାର ଗାଁଉତିଆଙ୍କ ହେଉ ଅଛନ୍ତି । (୪) ସଦାବର୍ତ୍ତ ବିଷୟରେ ଷ୍ଟ୍ରୀ ଓ କଟକରେ କଣ୍ଠି ଭର୍ତ୍ସନା ଓ ଆନ୍ଦୋଳନ ହୋଇଥିଲା । ସଦାବର୍ତ୍ତ ଅପବ୍ୟୟର ଯେଉଁମାନେ ପ୍ରଚାର କରୁ ଅଛନ୍ତି ସେମାନେ ଆପଣା ଲାଭ ଆଶାରେ ପ୍ରଚାର କରୁ ଅଛନ୍ତି । ମାତ୍ର ଏ ସଂକ୍ରାନ୍ତରେ କେହି ତାଦୃଶ ଅସନ୍ତୁଷ୍ଟ ନୁହନ୍ତି ଓ ସମସ୍ତ ଶ୍ରେଣୀର ଲୋକେ ଅଧିକାଂଶ ମଠଧାରୀମାନଙ୍କୁ ମାନ୍ୟ କରନ୍ତି । ଯେଉଁମାନେ ସେମାନଙ୍କ ବିରୁଦ୍ଧରେ କହନ୍ତି ସେମାନେ ମଠଧାରୀଙ୍କ ଶ୍ରୀ ଦେଖି ନ ପାରି ହିଂସା ପୂର୍ବକ କହନ୍ତି ଅଉ କିଛି କଥା ନାହିଁ ।

ଏଥିରୁ ଶ୍ରୀ କମିଶନରସାହେବ ପ୍ରଥମ ବିଷୟରେ କହନ୍ତି ଯେ ପୂର୍ବତନ ରଜାଙ୍କ ପ୍ରଜାମାନଙ୍କର ସେ ରାଜବଂଶ ପ୍ରତି ଭକ୍ତି ମାନ୍ୟ ରହିବାର ସ୍ୱାଭାବିକ ଅଟେ । ମାତ୍ର ତାହା ଏଣୁ ପରି ବିପଦର ନୁହେ ଯେ ଗବର୍ଣ୍ଣମେଣ୍ଟ

Split by PDF Splitter
Digitized by srujanika@gmail.com

ଉଗୁଡରେ ବିଦ୍ରୋହ ଜନ୍ମାଇ ପାରବ । ପ୍ରଜାମାନେ ଭଲ୍ଗରୂପ ଜାଣନ୍ତୁ ଯେ ଏପରି କାର୍ଯ୍ୟ ନିଷ୍ଫଳ ହେବ ଓ ଅନ୍ୟ ଜମିଦାରୀ ଋଏଲଙ୍କ ଅବସ୍ଥା ସଙ୍ଗେ ସେମାନଙ୍କର ଅବସ୍ଥା ତୁଳନା କଲେ ସେମାନେ ଜାଣି ପାରିବେ ଯେ ବେଶମାଷ ପରିବର୍ତ୍ତନରେ ସେମାନଙ୍କର ଲାଭ ହେବ ନାହିଁ । କମିଶନର ସାହେବ ଯଥାର୍ଥ କହି ଅଛନ୍ତି । ପୁରୀରାଜା ଧରା ହୋଇ ହାଜତରେ ରହିଲେ ଓ ଭବ୍ୟରେ କଳାପାଣି ଗଲେ ଓ ଏ ଦୁର୍ଘଟନାରେ ସମସ୍ତ ଲୋକେ ଅତିଶୟ ଦୁଃଖିତ ହେବା ପ୍ରତ୍ୟକ୍ଷେ କିଛିହିଁ ଗଣ୍ଡଗୋଳ ନ ହେଲା, ଆଉ ହେବ କାହିଁକି ? ତଥାପି ଆର୍ମଷ୍ଟ୍ରଙ୍ଗ ସାହେବ ବିଦ୍ରୋହର ଆଶଙ୍କା କରନ୍ତି କି ଆଶ୍ଚର୍ଯ୍ୟ! ବୋଧ ହୁଏ ସେ ଆପଣା ଅଧୀନସ୍ଥ ପ୍ରଜାଙ୍କର ଭାବ ଜାଣନ୍ତି ନାହିଁ କମ୍ବା ବନ୍ଦୋବସ୍ତରେ ଉପୃକ୍ତମାନେ ଯେ ଗାଁଇ ଶୁଇଂ ହେବାର ସେ ଲେଖନ୍ତି ଅଧିକ ଜମାବୃଦ୍ଧି ହେତୁ ସେମାନେ କର ସହଜରେ ଆଦାୟ ନ କଲେ ସେମାନେ ଗବର୍ଣ୍ଣମେଣ୍ଟଙ୍କ ବିରୋଧୀ ଥିବାର ଦୋଷ ଦେଇ ବନ୍ଦୋବସ୍ତକୁ ନିର୍ଦ୍ଦୋଷ କରିବା କାରଣ ବର୍ତ୍ତମାନ ସମୟରୁ ସେ ବାଟ ଓଲାଉ ଅଛନ୍ତି କି ?

ଆର୍ମଷ୍ଟ୍ରଙ୍ଗ ସାହେବ ଲେଖନ୍ତି ଲୋକେ ଆନନ୍ଦପୂର୍ବକ ଟିକସ ଦେଇ ଅଛନ୍ତି ଏହାତ ଅତି ଅପୂର୍ବ କଥା ! ଟାକ୍ସ ନାମରେ ହୃଦୟ କମ୍ପଇ ଓ ଭାରତବର୍ଷର ଛୋଟ ବଡ଼ ସମସ୍ତ ଲୋକେ ଏଥିର ଗୁହାରି କରନ୍ତି ଓ ଅସନ୍ତୁଷ୍ଟ ଅଛନ୍ତି ପୁରୀର ଲୋକେ ଆର୍ମଷ୍ଟ୍ରଙ୍ଗ ସାହେବଙ୍କୁ ତୁଷ୍ଟଚିତ୍ତରେ ଟାକ୍ସ ଦେଲେ ଅତି ଚମତ୍କାର ! ପୁଣି ସେ ଲେଖନ୍ତି ଏ ବିଷୟରେ ଅତ୍ୟଳ୍ପ ଗୁହାରି ହୋଇଥିଲା । ଏଥିରୁ ଦେଖାଯାଏ ଯେ ପୁରୀରେ ନ ୭୫୩୭ ମୁଣ୍ଡ ଟାକ୍ସ ଧାର୍ଯ୍ୟ ହୋଇଥିଲା ତହିଁ ମଧ୍ୟରୁ ନ ୩୩୪୩ ମୁଣ୍ଡରେ ଅର୍ଥାତ୍ ପ୍ରାୟ ଅର୍ଦ୍ଧେକରେ ଆପତ୍ତି ହୋଇଥିଲା ଏହା ପରା ଅତ୍ୟଳ୍ପ ଗୁହାରି ଅଟଇ !! ପୁରୀରେ ବର୍ଷ ଶେଷରେ ଟାକ୍ସ ଅସୁଲ ହେବାକୁ କିଛି ବାକି ନ ଥିଲା ସତ୍ୟ । ଏଥିରୁ ଅସୁଲୀ ବିଷୟରେ ଆର୍ମଷ୍ଟ୍ରଙ୍ଗ ସାହେବଙ୍କର ପ୍ରତାପ ବିଶେଷ । ସେ ଯେବେ ଲେଖିଥାନ୍ତେ କି ଆମ୍ଭ ଭୟରେ ଲୋକେ ସମୁଦାୟ ଟାକ୍ସ ଦେଇଅଛନ୍ତି ତେବେ ଠିକ କଥା ହୋଇଥାନ୍ତା ।

ସଦାବର୍ତ୍ତ ବିଷୟରେ ମଧ୍ୟ ସାହେବ ପ୍ରଶଂସିତ ରୂପ ବିଦ୍ୟା ପ୍ରକାଶ କରିଅଛନ୍ତି । ସଦାବର୍ତ୍ତର ଅପବ୍ୟୟ ଇତ୍ୟାଦି ବିଷୟ ଏଠାର ପ୍ରଧାନ ଭଦ୍ର ଓ ସ୍ବତନ୍ତ୍ରବନ୍ତ ବ୍ୟକ୍ତିମାନେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିଲେ । ଏହା ଏଠା ଲୋକେ କହନ୍ତି ମାଜିଷ୍ଟ୍ରେଟର ପ୍ରଧାନ ଭଦ୍ର ବ୍ୟକ୍ତିମାନେ ମଧ୍ୟ ଏ ବିଷୟର ଗୁହାରି କରିଥିଲେ । ପ୍ରଥମେ କମିଟୀଦ୍ୱାରା ଓ ତତ୍ପରେ ଛୋଟ କମିଶନରଙ୍କଦ୍ୱାରା ତଦନ୍ତ ହୋଇ ଅପବ୍ୟୟ ଇତ୍ୟାଦି ପ୍ରମାଣ ହେଲା, କିପରି ତାହା ନିବାରଣ ହେବ ଓ ସଦାବର୍ତ୍ତ କର୍ମ ଉତ୍ତମରୂପେ ଚଳିବ ଏଥିର ଆନ୍ଦୋଳନ ମାଜିଷ୍ଟ୍ରେଟ ଓ ବଙ୍ଗଳା ଗବର୍ଣ୍ଣମେଣ୍ଟରେ ଅନେକ ଦିନୁ ଲାଗି ରହିଅଛି ଓ ନାନା ପ୍ରସ୍ତାବ ହେଉଅଛି । ନିକଟରେ ଏଠା ସୁହୃଦ ସମାଜରେ ଏଥିର ତର୍କ ବିତର୍କ ହୋଇଥିଲା ଶ୍ରୀଯୁକ୍ତ ବୀଡନ ସାହେବ ଓ ହାଣ୍ଡଲି ସାହେବ ଓ ବାବୁ ଜଗନ୍ମୋହନ ଗୁପ୍ତ, ଚୌଧୁରୀ କାଶିନାଥ ଦାସ, ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ଚଉଧୁରୀ ଓ ବାବୁ ସୁଦର୍ଶନ ଦାସ ପ୍ରଭୃତି ଭଦ୍ର ବ୍ୟକ୍ତିମାନେ ସେ ସଭାର ସଭ୍ୟ ଅଟନ୍ତି । ଏମାନେ ସମସ୍ତେ ଏକମତ ହୋଇ ସଦାବର୍ତ୍ତ ସମ୍ବନ୍ଧରେ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ ଓ ଏଥିରେ ବୀଡନ ସାହେବଙ୍କର ବିଶେଷ ଯତ୍ନ ଥିଲା । ଏପରି ମହତ୍ ବ୍ୟକ୍ତିମାନେ କି "ଆପଣା ଲାଭ ଆଶାରେ ଗୁହାରି କରୁଅଛନ୍ତି?" ଏମାନେ କି ସ୍ବଂସ୍ତ୍ରକ ବ୍ୟକ୍ତି ଅଟନ୍ତି ? ଧନ୍ୟ ଆର୍ମଷ୍ଟ୍ରଙ୍ଗ ସାହେବଙ୍କ ବିଦ୍ୟା ଓ ବିବେଚନା ! ପୁରୀରେ ସେ ସଦାବର୍ତ୍ତ ମଠମାନଙ୍କଦ୍ୱାରା ବେଷ୍ଟିତ ହୋଇଅଛନ୍ତି ଓ ସଦାବର୍ତ୍ତର ଅପବ୍ୟୟ ଓ ଆତ୍ମସାତ୍ କାହାରକୁ ଅବିଦିତ ନାହିଁ । ଆର୍ମଷ୍ଟ୍ରଙ୍ଗ ସାହେବଙ୍କୁ କି ଏହା ଅଗୋଚର ଅଛି ? ତଥାପି ସେ ବୋଲନ୍ତି ମଠଧାରିଙ୍କ ଶ୍ରୀ ଦେଖି ନ ପାରି ଲୋକେ ସେମାନଙ୍କ ବିରୁଦ୍ଧରେ ଗୁହାରି କରୁଅଛନ୍ତି କି ଆଶ୍ଚର୍ଯ୍ୟ ! ଆମ୍ଭେମାନେ ବୋଧ କରୁଁ ସାହେବ ମଠଧାରିଙ୍କ ଚାଟୁକଥାରେ ଭୁଲି ଯାଇ ଯେଉଁ ମହତ୍ ବ୍ୟକ୍ତିମାନେ ସର୍ବସାଧାରଣଙ୍କ ହିତ ଉଦ୍ଦେଶରେ ସଦାବର୍ତ୍ତ ବିଷୟର ଆନ୍ଦୋଳନ କରୁଅଛନ୍ତି ସେମାନଙ୍କ ପ୍ରତି ଅନର୍ଥକ ଗୁରୁତର ଦୋଷାରୋପ କରିଅଛନ୍ତି । ଏହା ଅତି ଅନୁଚିତ ଓ ଅନ୍ୟାୟ । ଏ ବିଷୟରେ ଅମ୍ଭମାନଙ୍କର ଅନେକ କହିବାର ଥିଲା ମାତ୍ର ଆର୍ମଷ୍ଟ୍ରଙ୍ଗ ସାହେବ ବର୍ତ୍ତମାନ ଅସୁସ୍ଥ ଥିବାରୁ ଏଥରକରେ ତାଙ୍କୁ କ୍ଷମା ଦେଲୁଁ ।

---

## କାଞ୍ଚିକାବେରୀ ।

ଏହି ନାମରେ ଖଣ୍ଡିଏ ବଙ୍ଗଳା ପଦ୍ୟଗ୍ରନ୍ଥ ଅମ୍ଭେମାନେ ଉପହାର ପାଇ ଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏଥିର ରଚୟିତା ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ କଲିକତା ଗଣେଶଯନ୍ତ୍ରରେ ମୁଦ୍ରିତ କରାଇଅଛନ୍ତି ।

କାଞ୍ଚିକାବେରୀ ଆଖ୍ୟାନଟି ଓଡ଼ିଶାବାସିଙ୍କୁ ଅବିଦିତ ନାହିଁ । ଏ ବିଷୟରେ ଖଣ୍ଡିଏ ଓଡ଼ିଆ ପଦ୍ୟଗ୍ରନ୍ଥ ଅଛି ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ କଳାଧଳା ଅଶ୍ୱାରୋହୀ ଓ ମାଣିକ୍ୟ ଗଉଡ଼ୁଣୀର ରୂପ ଖୋଦିତ ଓ ଚିତ୍ରିତ ହୋଇ ରହିଅଛି । ଏପରି ପ୍ରତିବର୍ଷ ପର୍ବ ବିଶେଷରେ ଜଗନ୍ନାଥଙ୍କର ମଧ୍ୟ ଏକଦିନ କାଞ୍ଚିକାବେରୀ ବେଶ ହୁଅଇ । ସୁତରାଂ ତହିଁର ବୃତ୍ତାନ୍ତ ପ୍ରାୟ ସମସ୍ତେ ଜାଣନ୍ତି । ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ମଧ୍ୟ ଏ ଜିଲ୍ଲାରେ ବହୁକାଳ ଡେପୁଟୀକଲେକ୍ଟର ଥାଇ ସମସ୍ତଙ୍କଠାରେ ପରିଚିତ ହୋଇ ଅଛନ୍ତି ଓ ଯେଉଁମାନେ ବଙ୍ଗଳାଭାଷା ପାଠ କରି ଅଛନ୍ତି ସେମାନେ ଅବଶ୍ୟ ଜାଣିଥିବେ ଯେ ବାବୁ ଜଣେ ପ୍ରଧାନ କବି ଓ ଗ୍ରନ୍ଥକାର ଅଟନ୍ତି । ଏଥିନିମିତ୍ତରୁ ସମାଲୋଚିତ ଗ୍ରନ୍ଥଖଣ୍ଡି ଉତ୍ତମ ହୋଇଅଛି ଏହା ବୋଲିବା ବାହୁଲ୍ୟ ଅଟଇ । ଫଳତଃ ଅମ୍ଭେମାନେ ଏ ଗ୍ରନ୍ଥଖଣ୍ଡି ପାଠକରି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଏବଂ ଓଡ଼ିଶାର ଗୋଟିଏ ଐତିହାସିକ ବିବରଣ ବଙ୍ଗଳା ଛନ୍ଦରେ ସୁଲଳିତ ଭାଷାରେ ପ୍ରକାଶ ହୋଇ ଥିବାରୁ ଅଧିକ ଆଦରର ସାମଗ୍ରୀ ହୋଇଅଛି । ଏପରି କୌଣସି ପୁସ୍ତକ ଅଦ୍ୟାପି ପ୍ରକାଶିତ ହୋଇ ନ ଥିଲା । ବଙ୍ଗାଳିମାନେ ଏହାକୁ ପାଠକଲେ ଉତ୍କଳର ପ୍ରାଚୀନ ଗୌରବର କଥା ଜାଣିପାରି ଅବଶ୍ୟ ତାହାଙ୍କର ଏ ଦେଶ ପ୍ରତି ଅଧିକ ମମତା ହେବ ଓ ତଦ୍ଦ୍ୱାରା ଉଭୟଜାତି ମଧ୍ୟରେ ସମାଜ ବନ୍ଧନ ଦୃଢ଼ତର ହେବ ସନ୍ଦେହ ନାହିଁ ।

---

# ସାପ୍ତାହିକସଂବାଦ ।

ପୁଲିସ ରିପୋର୍ଟ ଅନୁସାରେ ଏ ଜିଲ୍ଲାରେ ବସନ୍ତରୋଗ ଜନିତ ମୃତ୍ୟୁ ସଂଖ୍ୟା ନ ୩୭୭ ଣ ଏଥିପୂର୍ବେ ଲେଖିଥିଲୁଁ ମାତ୍ର ମୃତ୍ୟୁ ସଂଖ୍ୟା ତହିଁରୁ ଅନେକ ଅଧିକ ଥିବାର ବୋଧ ହେଉଅଛି କାରଣ ଡିସେମ୍ବର ମାସରେ ତେଲଙ୍ଗାବଜାରରେ ବସନ୍ତରେ ନ ୧୭ ଣ ମରିବାର ପୁଲିସ ଲେଖିଥିଲେ ମାତ୍ର ବର୍ତ୍ତମାନ ଜଣାଯାଏ ଯେ କେବଳ [illegible] ସେହି ମାସରେ ନ ୨୯ ଣ ମରିଥିଲେ । ଶ୍ରୀଯୁକ୍ତ ଡାକ୍ତର ସାହେବ ଯେ ଟିକାଦିଆଳିଦ୍ୱାରା ମୃତ୍ୟୁ ସଂଖ୍ୟାର ତଦନ୍ତ କରାଉଅଛନ୍ତି, ଉତ୍ତମ କରୁଅଛନ୍ତି ଏଥିରେ ଠିକ ସଂଖ୍ୟା ଜଣାଯିବ ।

ଏ ବର୍ଷ ଅଧିକ ଶୀତ ହେବାର ଲକ୍ଷଣ ଦିଶୁ ନାହିଁ ପଛ [illegible]ରେ ଅନେକ ସ୍ଥାନର ବହୁଳ ଟୋକା ବସିଣି ।

କଲିକତାସ୍ଥ ସାଧାରଣ ବ୍ରାହ୍ମ [illegible] ପର୍ଯ୍ୟନ୍ତ ଓଡ଼ିଶା ନାମକ ଧର୍ମପ୍ରଚାରକ

EGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଖ । ୧୫ ଶ } ସଂ ୮ ଖ୍ୟା
ତା ୨୧ ଋଣ ମାହେ ଫିବୃଏରି ସନ ୧୮୮୦ ମସିହା । ମୁ । ଫାଲ୍‌ଗୁନ ବ ୧୧ ନ ସନ ୧୨୮୭ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୨୧
ମଫସଲପାଇଁ ଡାକମାସୁଲ ଟ ୧୵

ଗତ ଉତ୍କଳଦର୍ପଣରେ ଲେଖାଅଛି ଯେ ମୟୂରଭଞ୍ଜର ମହାରାଜା ତାହାଙ୍କ ଏଲକାର ଜଙ୍ଗଲମାନ ଅଟକ କରିବାରୁ ବାଲେଶ୍ୱର ନଗରରେ ଜାଳେଣି କାଠ ଓ ଘରର ମୂଲ୍ୟ ଅତ୍ୟନ୍ତ ଅଧିକ ହୋଇଅଛି । ନୀଳଗିରି ଓ ମୟୂରଭଞ୍ଜର ଉଭୟ ସ୍ଥାନରୁ ବାଲେଶ୍ୱର ନଗରକୁ କାଠ ଓ ଘର ଆସଇ କିନ୍ତୁ ମୟୂରଭଞ୍ଜର ଭାଗ ଅଧିକ । ଆମ୍ଭେମାନେ ଅନୁମାନ କରୁଁ କି ଏଥି ପୂର୍ବେ ଜାଳଣୀ କାଠର ମାସୁଲ ବୃଦ୍ଧି ହୋଇଥିବାର ଯାହା ମୟୂରଭଞ୍ଜ ପତ୍ରିକାରେ ପ୍ରକାଶ ହୋଇଥିଲା ବର୍ତ୍ତମାନର ଦୁର୍ମୂଲ୍ୟତା ତାହାର ଫଳ ଅଟଇ । ମୟୂରଭଞ୍ଜର ଯେଉଁ ଦୁଃଖୀ ପ୍ରଜାମାନେ ଏହି ଦ୍ରବ୍ୟମାନ ବିକ୍ରିଦ୍ୱାରା ଜୀବନଯାତ କରନ୍ତି ତାହାଙ୍କର ମଧ୍ୟ ଏଥିରେ କ୍ଷତି ହୋଇଥିବ ତେବେ ଏ କଥା ମହାରାଜାଙ୍କର ଉନ୍ନତ ଶାସନପ୍ରଣାଳୀର ଚେଷ୍ଟା ଏବଂ ବାଜେକରମାନ ଉଠାଇ ଦେବାର ସଙ୍କଳ୍ପ ସଙ୍ଗେ କି ପ୍ରକାରରେ ଐକ୍ୟ ହେଉଅଛି ତାହା ଆମ୍ଭେମାନେ ବୁଝି ପାରୁଁ ନାହିଁ । ଭରସା କରୁଁ ମୟୂରଭଞ୍ଜପତ୍ରିକା ଏଥିର ପ୍ରକୃତ ହେତୁ ଲେଖିବେ ।

---

ଏ ନଗରରେ ଗତବର୍ଷ ପରି ଏ ବର୍ଷ ଶ୍ରୀପଞ୍ଚମୀ ପର୍ବ [illegible] ଗତ ହୋଇ ନାହିଁ । ଶ୍ରୀ ବାବୁ ଗୋପାଳପ୍ରସାଦ ମିଶ୍ରଙ୍କ ବସାରେ ଚେଦାଦ୍ୱାର ବାଗ୍ଦେବୀ ସରସ୍ୱତୀ ପୂଜା ଓ ତତୁପଲକ୍ଷେ ଦୁଇଦିନ ମଜଲିସ ହୋଇଥିଲା । ମଜଲିସଟି ଅତି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଏବଂ ନୃତ୍ୟଗୀତାଦି ଆମୋଦର କିଛି ଅଭାବ ନ ଥିଲା । ପ୍ରଥମଦିନ ମଜଲିସ ସଜାଇବା ଇତ୍ୟାଦି କର୍ମରେ ବିଳମ୍ବ ହେବାରୁ ଅଗଙ୍କାରେ ସାମାନ୍ୟରୂପ ଆମୋଦ ପ୍ରମୋଦରେ କାର୍ଯ୍ୟ ଶେଷ ହେଲା । ଦ୍ୱିତୀୟଦିନ ନଗରବାସୀ ସମସ୍ତ ଶ୍ରେଣୀର ଦେଶୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ ହୋଇଥିଲା ଓ ସନ୍ଧ୍ୟା ସମୟରୁ ପ୍ରାୟ ରାତ୍ର ଶେଷ ପର୍ଯ୍ୟନ୍ତ ମଜଲିସ ଲାଗି ରହିଥିଲା । କେବଳ ଅତି ଉଚ୍ଚଶ୍ରେଣୀର ଭଦ୍ରଲୋକମାନେ ଏ ଉତ୍ସବ ସମୟରେ ଆମୋଦ କରିବାକୁ ଦଣ୍ଡେ ମାତ୍ର ଅବକାଶ ପାଇଲେ ନାହିଁ ଏବଂ ଗୋଟିଏ ସାମାନ୍ୟ ଘଟନାରେ ଗୃହବିବାଦ ଜାତ ହୋଇ କିଛି ଅସୁଖ ଜାତ ହୋଇଥିଲା । ତାହା ଏହି ଯେ ଚେଦାଦାରଙ୍କ ମଧ୍ୟରୁ ଏକଜଣ ମଜଲିସରେ ଇନାମ ଦେବାରୁ ଅପର କେତେ ଚେଦାଦାର ଏବଂ ତାହାଙ୍କ ମତାବଲମ୍ବୀ ଅନ୍ୟ କେତେ ଲୋକ ରାଗାନ୍ୱିତ ହୋଇ ଏକାବେଳକେ ମଜଲିସ ପରିତ୍ୟାଗ କରି ଚାଲିଗଲେ । ଏହି କ୍ଷଣସ୍ଥାୟୀ ଗଣ୍ଡଗୋଳରେ ଯଦ୍ୟପି ମଜଲିସର କିଛି କ୍ଷତି ହେଲା ନାହିଁ ତଥାପି ଏପରି କାର୍ଯ୍ୟଟା ସର୍ବସାଧାରଣଙ୍କର ସମାଲୋଚନାର ବିଷୟ ହୋଇ ପଡିଲା । ନୃତ୍ୟକାରୀଙ୍କୁ ମଜଲିସରେ ଇନାମ ଦିଆଯିବ କି ନାହିଁ ବୋଧ ହୁଏଇ ଏ କଥା ପୂର୍ବରୁ ସ୍ଥିର ହୋଇ ନ ଥିଲା ଏବଂ ସ୍ଥିର ହୋଇଥିଲେ ମଧ୍ୟ ଯଦ୍ୟପି ଉତ୍ସବର [illegible] କେହି କରିଥିଲା ତେବେ ତାହାକୁ ଗୋପନରେ ନିଷେଧ କରିବାର ଥିଲା ତାହା ନ କରି ଏପରି ଗଣ୍ଡଗୋଳ କରିବା ଅତ୍ୟନ୍ତ ଅସୁନ୍ଦର କାର୍ଯ୍ୟ ହୋଇ ଅଛି । ଆମନ୍ତ୍ରିତ ବ୍ୟକ୍ତିଙ୍କ ମଧ୍ୟରୁ କେହି ଇନାମ ଦେଇଥିଲେ ତେବେ ଚେଦାଦାତାମାନେ କି ତାହାକୁ ଏହିପ୍ରକାରରେ ଲଜ୍ଜା ଦିଅନ୍ତେ ? ପରନ୍ତୁ ମଜଲିସରେ ଇନାମ ଦେବା [illegible] ଯୁକ୍ତିର ଅନୁମୋଦିତ ନ ହେଲେହେଁ ଯେପର୍ଯ୍ୟନ୍ତ ଆମ୍ଭମାନଙ୍କର ସାଧାରଣ ଆମୋଦପ୍ରମୋଦର ନିୟମ ପରିବର୍ତ୍ତିତ ହୋଇ ନାହିଁ ସେପର୍ଯ୍ୟନ୍ତ ଏ ପ୍ରକାର ସ୍ଥଳମାନଙ୍କରେ ଇନାମ ଦେବା ଆବଶ୍ୟକ କାରଣ ତାହା ନ ହେଲେ ଗୁଣିଲୋକଙ୍କୁ ଉତ୍ସାହ ଦେବାର ତଥା ସାଧାରଣ ଆମୋଦ ସମୟରେ ବ୍ୟକ୍ତିବିଶେଷର ଉଦ୍ୟମରେ ଇଚ୍ଛାପୂର୍ବକ ଯୋଗ ଦେବାର ଅନ୍ୟ ସହଜ ଉପାୟ ନାହିଁ ।

---

### ✓ଓଡ଼ିଆ ଆଇନର ଅଭାବ ।

ଓଡ଼ିଆ ଗବର୍ଣ୍ଣମେଣ୍ଟଗେଜେଟଦ୍ୱାରା ସାକ୍ଷାତ ଉପକାର କିଛି ଥାଉ କି ନ ଥାଉ ( ବିଶେଷ ଉପକାର ହେଉ ନ ଥିବାର ଆମ୍ଭେମାନେ ପୁନଃପୁନ ଜଣାଉଅଛୁଁ) ପ୍ରକାରାନ୍ତରରେ ତଦ୍ୱାରା ଗୋଟିଏ ବିଶେଷ ଲାଭ ହେଉଥିଲା । ତାହା ଏହି ଯେ କୌଣସି ପ୍ରଧାନ ଆଇନ ଗବର୍ଣ୍ଣମେଣ୍ଟରୁ ଜାରି ହେଲେ ତାହା ଗେଜେଟରେ ଛପା ହେବା ସଙ୍ଗେ ସଙ୍ଗେ ଏକହଜାର କିମ୍ବା ପାଞ୍ଚଶତ

Split by PDF Splitter
Digitized by srujanika@gmail.com

ଅଟନ ଅଧିକା ଛପା ହୋଇ ସର୍ବସାଧାରଣଙ୍କୁ ସୁଲଭ ମୂଲ୍ୟରେ ବିକ୍ରୟ ହେଉଥିଲା । ଏଣିକି ସେ ପଥିକ୍ରି ଯେ କାହିଁକି ରହିତ ହେଲା ଆମ୍ଭେମାନେ କହି ନ ପାରୁଁ ଅନୁମାନ କରୁଁ ଜଷ୍ଟିଶଙ୍କର ଏବଂ ଛୋଟ ହାକିମଙ୍କ ଅମନୋଯୋଗିତା ହେତୁରୁ ତାହା ହୋଇଅଛି ଓ ସେରୂପ ହେବାରୁ ବର୍ତ୍ତମାନ ନୂତନ ଆଇନ ତମାଦି ଅସ୍ପଷ୍ଟ ସ୍ଥାବର ସମ୍ପତ୍ତିର ପ୍ରଭୃତି ଅତ୍ୟାବଶ୍ୟକୀୟ ଆଇନମାନ ଅନେକ ଲୋକ ଲୋଡ଼ିବା ପ୍ରତ୍ୟକ୍ଷେ ପ୍ରାପ୍ତ ହେଉ ନାହିଁ । ଯେଉଁମାନେ ବଙ୍ଗଳା ଜାଣନ୍ତି ସେମାନେ ବଙ୍ଗଳା ଆଇନଦ୍ୱାରା କର୍ମ ନିର୍ବାହ କରୁଅଛନ୍ତି କିନ୍ତୁ ଓଡ଼ିଶା ଓ ସମ୍ବଲପୁର ଇଲାକାର ଅଧିକାଂଶ ଲୋକ ବଙ୍ଗଳା ଜାଣନ୍ତି ନାହିଁ ସେମାନଙ୍କର ବିଶେଷ କଷ୍ଟ ହୋଇଅଛି । ବଙ୍ଗଳା ପରି ଯେବେ ଓଡ଼ିଶାରେ ଅଳ୍ପ ସମୟରେ ଅଧିକ ପରିମାଣରେ ପୁସ୍ତକ ବିକ୍ରୟ ହେଉଥାନ୍ତା ତେବେ ବ୍ୟବସାୟ ଉପଲକ୍ଷରେ କେହି୨ ଏ ପ୍ରକାର ଆଇନମାନ ଛପା କରି ବିକ୍ରୟ କରିବାକୁ ପ୍ରବୃତ୍ତ ହୁଅନ୍ତେ ମାତ୍ର ସେ ଅବସ୍ଥା ଘଟନା ହେବାକୁ ବିଳମ୍ବ ଅଛି ସୁତରାଂ ଗବର୍ଣ୍ମେଣ୍ଟଙ୍କର ସାହାଯ୍ୟ ନ ହେଲେ ଉତ୍କଳଭାଷା ଆଇନର ଅଭାବ ମୋଚନ ହୋଇ ନ ପାରେ ଅଥଚ ଗଜେଟ ହେତୁରୁ ସାମାନ୍ୟ ବ୍ୟୟରେ ଗବର୍ଣ୍ମେଣ୍ଟ ଉକ୍ତ ପୁସ୍ତକମାନ ମୁଦ୍ରିତ କରାଇ ପାରିବେ ଓ ବିଳମ୍ବରେ ବିକ୍ରୟ ହେଲେହେଁ ପରିଶେଷରେ ଗବର୍ଣ୍ମେଣ୍ଟଙ୍କର କ୍ଷତି ହେବ ନାହିଁ ଅତଏବ ଆମ୍ଭେମାନେ ଏ ବିଷୟର ସୁବିଧାନ କରିବା ନିମିତ୍ତ ଅସ୍ମଦାଦିଙ୍କ କମିଶନରଙ୍କୁ ବାରମ୍ବାର ଅନୁରୋଧ କରୁଅଛୁଁ ।

---

## ଆଇରିସ ଦୁର୍ଭିକ୍ଷ ।

ବୃଟିଶଅନ୍ତର୍ଗତ ଆୟର୍ଲଣ୍ଡଦେଶରେ ଦୁର୍ଭିକ୍ଷ ଘଟିଥିବାର ଆମ୍ଭେମାନେ ଏଥିପୂର୍ବେ ପାଠକଙ୍କୁ ଜଣାଇଅଛୁଁ । ସେ ଦେଶରେ ପ୍ରଧାନ ଖାଦ୍ୟଦ୍ରବ୍ୟ ଆଳୁ ପଟଳ ବିଶେଷ ବର୍ଷା ହେତୁ ତାହା ଓ ଅନ୍ୟାନ୍ୟ ଶସ୍ୟ ବିନଷ୍ଟ ହୋଇଅଛି । ଦୁର୍ଦ୍ଦଶା ସମୟରେ ବହୁରଥିଭ ବିପତ୍ତି ପଡ଼ଇ । ପଶୁମଡ଼କ ଘଟିବାରୁ ଅନେକ ପଶୁ ମରିଯାଉଅଛନ୍ତି । ଏହି କାରଣମାନଙ୍କରୁ ଦୁର୍ଭିକ୍ଷ ଓ ବିଶେଷ ଦୁର୍ଦ୍ଦଶା ପଡ଼ିଅଛି ଓ ଲୋକେ ଅନାହାରରେ ହାହାକାର କରୁଅଛନ୍ତି । ଗତବର୍ଷ ହେଲା ଦୁର୍ଭିକ୍ଷର ପ୍ରଭାବ ବୃଦ୍ଧି ହୋଇଅଛି ଓ ଅଳ୍ପ ସମୟ ଅନ୍ତରରେ ସ୍ଥାନେ୨ ଘଟୁଅଛି । ପ୍ରଥମେ ଓଡ଼ିଶା ଦୁର୍ଭିକ୍ଷ, ତତ୍ପରେ ବଙ୍ଗ ବେହାର ଦୁର୍ଭିକ୍ଷ, ତତ୍ପରେ ବମ୍ବାଇ ମାନ୍ଦ୍ରାଜ ଦୁର୍ଭିକ୍ଷ ଓ ଗତବର୍ଷ କାଶ୍ମୀର ଦୁର୍ଭିକ୍ଷ ଓ ଏବର୍ଷ ଆୟର୍ଲଣ୍ଡରେ ଦୁର୍ଭିକ୍ଷ । ଏପରି ପୂର୍ବେ ଦେଖା ନ ଥିଲା । ଦୈବ ଦୁର୍ଘଟନାରୁ କାହାର ଅପୃତ୍ତି ନାହିଁ ସତ୍ୟ, ତେବେ ଆପଣା ସାଧ୍ୟାନୁସାରେ ତାହା ନିବାରଣର ଚେଷ୍ଟା କରିବା ଉଚିତ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଆୟର୍ଲଣ୍ଡରେ ଦୁଃଖିମାନଙ୍କ ସାହାଯ୍ୟର ବହୁତ ଉପାୟ ହେଉଅଛି ଓ ସାହାଯ୍ୟ କମିଟୀମାନ ସ୍ଥାପନ ହୋଇଅଛି ମାତ୍ର ଦୁର୍ଭିକ୍ଷ ସମ୍ପ୍ରଦାୟ ଦେଶରେ ଘଡ଼ି ଅତି ଭୟଙ୍କର ହୋଇଅଛି ଓ ବାଣିଜ୍ୟ ବ୍ୟବସାୟର ହ୍ରାସ ପଡ଼ିଅଛି ସୁତରାଂ ସ୍ଥାନୀୟ ସାହାଯ୍ୟ ଯଥେଷ୍ଟ ହେଉ ନାହିଁ । ଏହେତୁ ଅନ୍ୟ ଦେଶମାନଙ୍କରୁ ସାହାଯ୍ୟର ପ୍ରାର୍ଥନା ହୋଇଅଛି

ଦୁର୍ଭିକ୍ଷଯନ୍ତ୍ରଣା ଅନ୍ୟଦେଶୀୟମାନଙ୍କୁ ଜଣାଇବାର ଆବଶ୍ୟକ ନାହିଁ ତାହା ୧୮୬୬ ରେ ସମସ୍ତେ ଭୋଗିଥିବାରୁ କାହାର ବିସ୍ମରଣ ହୋଇ ନ ଥିବ । ବର୍ତ୍ତମାନ ଆଇରିସମାନେ ସେପ୍ରକାର ହୃଦୟବିଦାରକ ଯନ୍ତ୍ରଣା କେଣା ଅଧିକରେ ଭୋଗୁଥିବେ ସନ୍ଦେହ ନାହିଁ । ଏପରି ବିପଦ ସମୟରେ ସେମାନଙ୍କର ସାହାଯ୍ୟ କରିବା ଅତି ଆବଶ୍ୟକ ଓ ଉଚିତ । ଭାରତବର୍ଷର କୌଣସି ସ୍ଥାନରେ ବିପତ୍ତି ପଡ଼ିଲେ ସେମାନେ ସାହାଯ୍ୟ କରୁଅଛନ୍ତି ବଙ୍ଗ ବେହାର ଓ ବମ୍ବାଇ ମାନ୍ଦ୍ରାଜ ଦୁର୍ଭିକ୍ଷ ସମୟରେ ସେମାନେ ଲକ୍ଷ୨ ଟଙ୍କା ଦେଇ ଅଛନ୍ତି ବର୍ତ୍ତମାନ ସେମାନଙ୍କର ବିପତ୍ତି ସମୟରେ ପ୍ରତ୍ୟୁପକାର କରିବାର ଏ ଦେଶୀୟ ଲୋକଙ୍କର ଉଚିତ କର୍ତ୍ତବ୍ୟ । ଆମ୍ଭେମାନେ ଆନନ୍ଦପୂର୍ବକ ଅବଗତ ହେଲୁଁ ଯେ ଭାରତବର୍ଷର ନାନାସ୍ଥାନରେ ତନିମିତ୍ତ ଚେଷ୍ଟା ଆରମ୍ଭ ହେଉଅଛି । ବମ୍ବାଇରୁ ୫୨୪୦୦୦ ଟଙ୍କା ଚାନ୍ଦାରୁ ପ୍ରେରିତ ହେଲାଣି ମାନ୍ଦ୍ରାଜରେ ୪୩୪୦୦୦ ଟଙ୍କା ଚାନ୍ଦା ହୋଇଅଛି ଏଥିମଧ୍ୟରେ ଏକା ଇକାନଗର ମହାରାଜାଙ୍କର ଚାନ୍ଦା ଦଶହଜାର ଟଙ୍କା ଅଟଇ । ବଙ୍ଗଦେଶରେ ବର୍ଦ୍ଧମାନର ମହାରାଜାପ୍ରଭୃତି କେହି୨ ଦାନ ଦେଇ ଅଛନ୍ତି ଓ ସକଳ ସ୍ଥାନରେ ଅନୁରୂପ ଚେଷ୍ଟା ସମ୍ଭାବିତ ହେବ । ଏଠାରେ ଚେଷ୍ଟା କରିବା କାରଣ ଗତ ମଙ୍ଗଳବାର ସଭା ଆହୂତ ହୋଇଥିଲା ମାତ୍ର ସେଦିନ ସନ୍ଧ୍ୟାସମୟରୁ ବର୍ଷା ହେବାରୁ ସଭା ହୋଇ ନ ପାରିଲା । ଅମ୍ଭେମାନେ ଏତଦ୍ଦେଶୀୟଧନୀମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ସେମାନେ ଦୁର୍ଭିକ୍ଷପୀଡ଼ିତ ଆଇରିସମାନଙ୍କ ସାହାଯ୍ୟନିମିତ୍ତ ସାଧ୍ୟାନୁସାରେ ଦାନ କରନ୍ତୁ । ଏଥିରେ କର୍ତ୍ତବ୍ୟ ସାଧନ, ପୁଣ୍ୟ ଓ ପରସ୍ପରରେ ସଦ୍ଭାବ ବର୍ଦ୍ଧନ ସମ୍ଭବ ହେବ ଅତଏବ ଏ ପକ୍ଷରେ କେହି ପଶ୍ଚାତ୍ପଦ ହେବାର କଦାପି ଉଚିତ ନୁହେ । ବିଶେଷତଃ ପାର୍ଲିମେଣ୍ଟର ଆଇରିସ ମେମ୍ବରମାନେ ଭାରତବର୍ଷର ପ୍ରଧାନ ବନ୍ଧୁ ଥିବାର ପୁନଃପୁନ ପରିଚୟ ଦେଇ ଅଛନ୍ତି ।

---

## ଏଠା କଲେକ୍ଟରୀ ସିରସ୍ତାଦାରଙ୍କ ମାମଲା ।

ଏଥିର ସଂକ୍ଷେପ ପ୍ରସଙ୍ଗ ଓ ଉତ୍ପତ୍ତି ଏଥିପୂର୍ବେ ଅମ୍ଭେମାନେ ଲେଖିଅଛୁଁ । ବର୍ତ୍ତମାନ ଏହା କଥୋପକଥନର ବିଷୟୀଭୂତ ହୋଇଅଛି ଓ ଏଥିର ସବିଶେଷ ପାଠକମାନେ ଜାଣିବାକୁ ଇଚ୍ଛୁକ ଥିବେ ଏହେତୁ ତାହାର ବିସ୍ତାରିତ ବୃତ୍ତାନ୍ତ ଲେଖୁଅଛୁଁ । ପ୍ରବୁଣା ପୋଲଞ୍ଜିଆ ତାଳପଟ ଭର୍ତ୍ତିରୁଆ କାଗଜରେ ନକଲ କରିବା ମକାଦ ଓ୨ଜଣ ଠିକାମୋହରର ନିଯୁକ୍ତ ଅଛନ୍ତି । ବିମ୍ସ ସାହେବଙ୍କ ସମୟରେ କାଉଲର ଏହି ନିୟମ ଥିଲା ଯେ ପ୍ରତିଜଣ ନକାଲ ଶଏନମ୍ବର ଲେଖିବେ ଓ ମୁକାବିଲା କରିବା ପ୍ରମାଣରେ ଏକପ୍ରକାର ସମୟ ପାଇବେ । ବିଡନସାହେବ ଏ ନିୟମକୁ ଅତି ଲଘୁ ମନେକରି ସନ ୧୮୭୮ ସାଲ ଅଗଷ୍ଟମାସରେ ପ୍ରତିଜଣକୁ ନ୧୨୫ମ୍ବର ଲେଖିବା ଓ ମୁକାବିଲା କରିବାର ନିୟମ କଲେ । ମୋହରିରମାନେ ଏଥିରେ ଆପତ୍ତି ଓ କମିଶ୍ନରଙ୍କ ଆପିଲ କଲେ ମାତ୍ର ବିଡନସାହେବ ଉକ୍ତ ନିୟମାନୁସାରେ କାର୍ଯ୍ୟ ନ କଲେ ବରଖାସ୍ତ କରିବାର ଧମକାଇବାରୁ ଏ ନିୟମ କଠିନ ଥିଲେହେଁ ସେମାନେ ତହିଁରେ ସମ୍ମତ ହୋଇ ବନ୍ଦୋବସ୍ତ ଅନୁସାରେ କାର୍ଯ୍ୟ କଲେ । ଉଡ଼ନସାହେବ ଗଲାରୁ ଜୋନସନସାହେବଙ୍କ ସମୟରେ ସିରସ୍ତାଦାର ଉକ୍ତ ନିୟମରେ କାର୍ଯ୍ୟ ମନ୍ଦ ହେଉଥିବାର ରପୋର୍ଟ ଦେଇ ନ ୭୫ ମ୍ବର ଘଟାଇଦେଲେ । ପ୍ରତିଜଣ ନକାଲ ଶଏନମ୍ବର ଲେଖି ମୁକାବିଲା କରିବାର ନିୟମ ହେଲା ଓ ଏ ନିୟମ ଠିକ ଓ ଉଚିତ ଥିବାର ସେସମୟରେ ସମସ୍ତଙ୍କଠାରୁ ଶୁଣାଗଲା ।

ବର୍ତ୍ତମାନ ସିରସ୍ତାଦାର ପସିସାହେବଙ୍କୁ ମୌଖିକ ଜଣାଇଲେ ଓ ମଧ୍ୟ ରପୋର୍ଟ ଦେଲେ ଯେ ପ୍ରତିଦିନର ନକଲରେ କର୍ମ ଉତ୍ତମରୂପେ

Split by PDF Splitter



ହେଉ ନାହିଁ ନକଲରେ ଭୁଲ ରହୁଅଛି ନିରଖ ଉଣା କରିବାର ଉଚିତ। ସାହେବ କଲେକ୍ଟର ମହାଫିଜଖାନାର ଭାରପ୍ରାପ୍ତ ଡେପୋଟୀକଲେକ୍ଟର ବାବୁ ପ୍ରାଣକୃଷ୍ଣ ଗୁପ୍ତଙ୍କର ଅଭିମତ ଗ୍ରହିଲେ ଓ ତାଙ୍କଠାରେ ସିରସ୍ତାଦାର ମାସରେ ପାଞ୍ଚଦିନ ମୁକାବିଲା ସକାଶେ ସମୟ ଦେବାର ପ୍ରସ୍ତାବ କଲେ। ଠିକାମୋହରରଙ୍କର ଜଣେ ହେଡମୋହରର ଅଛି। ନକଲରେ ଭୁଲ ରହୁଥିବା ଇତ୍ୟାଦି ବିଷୟରେ ପ୍ରାଣକୃଷ୍ଣବାବୁ ତାଙ୍କୁ ଧମକ ଦେବାରୁ ସେ ରପୋର୍ଟ ଦେଲେ ଯେ ନୋଲନସାହେବଙ୍କ ସମୟରେ ସିରସ୍ତାଦାର ୫୬ଙ୍କା ମୋହରରମାନଙ୍କଠାରୁ ନେଇ ୬୫ମ୍ବର ନକଲ କଟାଇ ଦେଇଥିଲେ ବର୍ତ୍ତମାନ ସେ ନିରଖକୁ ଆହୁରି ଉଣା କରିବାକାରଣ ମୋହରରମାନେ ଜଣକେ ୫ ୨୯ଙ୍କ ଲେଖାଏ ଦେବାର କଥା କହିବାରୁ ସିରସ୍ତାଦାର ଏପରି ରପୋର୍ଟ ଦେଇ ଅଛନ୍ତି ଏହା ଭିନ୍ନ ଆଉ କିଛି ନୁହେ। ସେମାନେ ସିରସ୍ତାଦାରଙ୍କୁ ଦେବାକାରଣ ଯେଉଁ ଭେଦାପତ୍ର ସ୍ୱାକ୍ଷର କରିଥିଲେ ତାହା ମଧ୍ୟ ହେଡମୋହରର ଅଗତ କଲେ। ଡେପୋଟୀକଲେକ୍ଟର ରପୋର୍ଟ ଇତ୍ୟାଦି ମୋଫସଲକୁ ସାହେବଙ୍କଠାରୁ ପଠାଇବାରୁ ସେ ସିରସ୍ତାଦାରଙ୍କ ମନୋନୀତ ତିନିଜଣ ଠିକାମୋହରରଙ୍କୁ ବେତନର ନକଲ କାଗଜ ସହିତ ତଲବ କରାଇ ନେଇ ସେମାନଙ୍କର ସାକ୍ଷ୍ୟ ନେଲେ। ଜଣେ ହେଡମୋହରର ରପୋର୍ଟକୁ ସମ୍ପୂର୍ଣ୍ଣରୂପେ ପୋଷକ କଲା। ଆଉଜଣ ନୋଲନସାହେବଙ୍କ ସମୟରେ ସିରସ୍ତାଦାର ୫ଙ୍କା ନେଇଥିବାର କହି ବର୍ତ୍ତମାନ ଭେଦା ବଣ୍ଟେଇ ସକାଶେ ହୋଇଥିବାର କହିଲା। ଅନ୍ୟ ଜଣକ କହିଲା ନୋଲନ ସାହେବଙ୍କ ସମୟରେ ସେ ଅନ୍ୟକର୍ମରେ ଥିବାରୁ ସେ ପୂର୍ବର କଥା କିଛି ନ ଜାଣେ ବର୍ତ୍ତମାନ ଗୃହା ବଣ୍ଟେଇ ସକାଶେ ହୋଇଅଛି। ତହୁଁ ସାହେବ ନକଲ ପରୀକ୍ଷାକରି ଦେଖିଲେ ଯେ ନିରଖ ଠିକ ଅଟେ ସିରସ୍ତାଦାର କେବଳ ଅସରଲଭାବରେ ରପୋର୍ଟ ଦେଇଅଛନ୍ତି। ତହୁଁ ସେ ସିରସ୍ତାଦାରଙ୍କୁ ଗୃହଦ୍ରୋହ ଓ ମିଥ୍ୟାଦୋଷରେ ସସପେଣ୍ଡ କରି କୈଫିୟତ [illegible] କଲେ।

ସିରସ୍ତାଦାର ବାହୁଲ୍ୟ କୈଫିୟତ ଦେଇଅଛନ୍ତି ତହିଁର ପ୍ରଧାନ କଥାମାନ ଏହି ଯେ (୧) ହେଡମୋହରର ମୋହରରମାନଙ୍କଠାରୁ ଉତ୍କୋଚ ନେଇ ସେମାନଙ୍କର ଅନୁପସ୍ଥିତିକୁ ଲୁଚାଇବା ଇତ୍ୟାଦିର ସେ ରପୋର୍ଟ ଦେବାରେ ଡେପୋଟୀକଲେକ୍ଟର ତାହା ଉପରେ [illegible] ଅର୍ଥଦଣ୍ଡ କରିଥିଲେ ସେହି ଦାଉରେ ସେ ତାଙ୍କ ନାମରେ ମିଥ୍ୟା ରପୋର୍ଟ ଦେଇଅଛି (୨) ଆଉ ଜଣେ ମୋହରର ନକଲରେ ଭୁଲକରି ଥିବାରୁ ସେ ତାହାନାମରେ ରପୋର୍ଟ ଦେବାରେ ସେ ସସପେଣ୍ଡ ହୋଇଥିଲା (୩) ଏହେତୁ ମୋହରରମାନେ ଓ ହେଡମୋହରର ତାଙ୍କୁ ନଷ୍ଟ କରିବାକାରଣ ମେଳକରିଥିବାରୁ ତାଙ୍କ ବିରୁଦ୍ଧରେ ଦୁଇଜଣ କିଛି କହୁଅଛନ୍ତି (୪) ନୋଲନସାହେବଙ୍କ ସମୟରେ ନିରଖ ଉଣା କରିବାକାରଣ ସେ ରପୋର୍ଟ ଦେଇ ନାହାନ୍ତି, ମହାଫିଜ ରପୋର୍ଟ ଦେଇଥିଲେ ଓ ଅନ୍ନଦାବାବୁ ଡେପୋଟୀକଲେକ୍ଟର ତହିଁର ପୋଷକ କରିଥିଲେ (୫) ନକଲରେ ଭୁଲ ଦେଖି ତାହା ଜଣାଇବାର ତାଙ୍କର କର୍ତ୍ତବ୍ୟ ଥିବାରୁ ତହିଁର ରପୋର୍ଟ ଦେଲେ ଅନ୍ୟ କିଛି କଥା ନାହିଁ। କଲେକ୍ଟରସାହେବ ଭେଦଫର୍ଦ୍ଦ ଓ ମୋହରର ରପୋର୍ଟ ବିଷୟରେ ଆଉ କିଛି ପ୍ରମାଣ ନ ନେଇ ଏ ମାମଲା ନିଷ୍ପତ୍ତି କଲେ। ସେ ରାୟରେ ଲେଖନ୍ତି ଯେ (୧) ହେଡମୋହରର ନାମରେ ସିରସ୍ତାଦାର ରପୋର୍ଟ ଦେଇ ନାହାନ୍ତି ତାହା ନାମରେ ଉତ୍କୋଚ ନେବା ଇତ୍ୟାଦିର ବେନାମୀ ଦରଖାସ୍ତ ପଡିବାରୁ ଡେପୋଟୀକଲେକ୍ଟର ସିରସ୍ତାଦାରଙ୍କୁ ତଦନ୍ତ କରିବାକାରଣ ଆଦେଶ ଦେଇଥିଲେ ସିରସ୍ତାଦାର ରପୋର୍ଟ ଦେଲେ ଯେ ହେଡମୋହରର ଉତ୍କୋଚ ନେବାର ପ୍ରମାଣ ନ ହେଲା। ଏ ସ୍ଥଳେ ତାହାର ତାଙ୍କ ପ୍ରତି କାହିଁକି ଶତ୍ରୁତା ହୁଅନ୍ତା। (୨) ଜଣେ ମୋହରର ନାମରେ ସିରସ୍ତାଦାର ରପୋର୍ଟ ଦେଇ ଯେପରି ତାକୁ ସସପେଣ୍ଡ କରାଇଥିଲେ ପୁଣି ତାହା ସପକ୍ଷରେ ରପୋର୍ଟ ଦେଇ ତାକୁ ପୁନଃସ୍ଥାପନ କରାଇଲେ (୩) ଯେଉଁ ମୋହରରମାନେ ତାଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେଇଅଛନ୍ତି ସେମାନେ ଅତି ଅନିଚ୍ଛାପୂର୍ବକ କହିଅଛନ୍ତି ଏଥିରୁ ତାଙ୍କ ବିରୁଦ୍ଧରେ ମେଳ ଥିବାର ପ୍ରକାଶ ହେଉ ନାହିଁ (୪) ନୋଲନ ସାହେବଙ୍କ ସମୟରେ ନିରଖ ଉଣା କରିବା କାରଣ ମହାଫିଜ ରପୋର୍ଟ ଦେଇ ନାହିଁ, ସିରସ୍ତାଦାର ରପୋର୍ଟ ଦେଇଅଛନ୍ତି ଓ ସେ ରପୋର୍ଟ ଅସତ ହୋଇଅଛି (୫) ଯେଉଁ ଭୁଲମାନ ସେ ଉଲ୍ଲେଖ କଲେ ସେ ସବୁ ଉଣା ନିରଖ ସମୟର ଅଟେ ବୃଦ୍ଧି ନିରଖ ସମୟର ନୁହେ। କୈଫିୟତର ଆଉ ସବୁ ବିଷୟ ସାହେବ ଏହି ପ୍ରକାରେ କାଟି ଦେଇ ଓ ସେଥିରେ ସନ୍ତୁଷ୍ଟ ନ ହୋଇ ଆରୋପିତ ଦୋଷରେ ତାଙ୍କୁ କର୍ମଚ୍ୟୁତ କଲେ। ଆମ୍ଭେମାନେ ଶୁଣିଲୁଁ କମିଶନର ସାହେବ ଏଥିପୂର୍ବେ ଏ ମାମଲା ଉତ୍ତମରୂପେ ତଦନ୍ତ କରି ପ୍ରମାଣ ହେଲେ ସିରସ୍ତାଦାରଙ୍କୁ ଫୌଜଦାରୀ ସୁପୋର୍ଦ୍ଦ କରିବାର ଆଦେଶ ଦେଇଥିଲେ ମାତ୍ର କଲେକ୍ଟର ସାହେବ ତଦ୍ରୂପ କାର୍ଯ୍ୟ ନ କରି ଆପଣା ରାୟ ଇତ୍ୟାଦି ତାଙ୍କଠାକୁ ପଠାଇ ଲେଖିଅଛନ୍ତି ଯେ ଫୌଜଦାରୀସୁପୋର୍ଦ୍ଦ ସକାଶେ ଯଥେଷ୍ଟ ପ୍ରମାଣ ନାହିଁ ଓ କମିଶନରଙ୍କର ଇଚ୍ଛା ହେଲେ ସେ ସିରସ୍ତାଦାରଙ୍କୁ ଅନ୍ୟ ସ୍ଥଳରେ ନିଯୁକ୍ତ କରି ପାରନ୍ତି। ଏ ପ୍ରସ୍ତାବ ଦୀର୍ଘ ହୋଇଥିବା ଓ ବର୍ତ୍ତମାନ ଏହା କମିଶନରସାହେବଙ୍କ ବିଚାରାଧୀନ ଥିବାରୁ କୈଫିୟତର ଅନ୍ୟାନ୍ୟ ବିଷୟ ଉଲ୍ଲେଖ ଓ ଆମ୍ଭମାନଙ୍କ ମନ୍ତବ୍ୟ ପ୍ରକାଶରୁ କ୍ଷାନ୍ତ ରହିଲୁଁ।

---

## ସାପ୍ତାହିକସଂବାଦ।

ଜନରବ ଶୁଣାଯାଏ ଯେ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଯଥେଷ୍ଟ ଟଙ୍କା ଥିବାରୁ ଆଗାମୀ ବର୍ଷରୁ ଲାଇସେନ୍ସ ଟାକ୍ସ ଉଠାଇ ଦେବା ବିଷୟରେ ବମ୍ବଇର ସେକ୍ରେଟରି ଲାଟ ସାହେବଙ୍କ ନିକଟକୁ ପତ୍ର ଲେଖିଅଛନ୍ତି। ଏ ସମ୍ବାଦ କେତେଦୂର ସତ [illegible] ଆମ୍ଭେମାନେ କହି ନ ପାରୁଁ ତେବେ "ଖୋସ ଖବ[illegible] ଝୁଟୋ ଭଲ।"

ଏ ନଗରରେ ବସନ୍ତରୋଗ ଏପର୍ଯ୍ୟନ୍ତ ଲାଗି ଅଛି ଓ କେହି କେହି ରୋଗୀ ନଷ୍ଟ ହେଉଅଛନ୍ତି। ଏଥି ସଙ୍ଗରୁ ଓଲାଉଠା ଆରମ୍ଭ ହେଲାଣି ଆମ୍ଭେମାନେ ଶୁଣିଲୁଁ ଦୁଇ ଚାରିଜଣ ଏଥିରେ ନଷ୍ଟ ହୋଇଅଛନ୍ତି। ଏକାବେଳକେ ଦୁଇ ସଂକ୍ରାମକ ରୋଗ ଲାଗିଲେ ଆଉ ରକ୍ଷା ନାହିଁ।

ଗତ ସପ୍ତାହ ଶେଷରେ ଓ ଏ ସପ୍ତାହରେ ଏନଗରରେ ପ୍ରଚୁର ବୃଷ୍ଟି ହୋଇଅଛି ଓ ମୋଫସଲରେ ମଧ୍ୟ ବର୍ଷା ହୋଇଥିବାର ଅନେକ ସ୍ଥାନରୁ ସମ୍ବାଦ ଆସିଅଛି। ଏ ସମୟରେ ବର୍ଷା ରବି ପକ୍ଷରେ ଓ ଆମ୍ବ ପକ୍ଷରେ ଉପକାରୀ ଘଟେ। ମାତ୍ର ଏବର୍ଷ ଏ ଜିଲ୍ଲାରେ ଆମ୍ବଫସଲ ଆଦୌ ହେବ ନାହିଁ ବୋଇଲେ ହୁଏ।

ଗଡ୍‌ଫ୍ରେ ସାହେବ ଏଠାର ଏକ୍ଟିଂ ଜଏଣ୍ଟମେଜିଷ୍ଟ୍ରର ନିଯୁକ୍ତ ହୋଇଅଛନ୍ତି।

ଜଜ ସାହେବଙ୍କ ହେଡ଼କିରାଣୀ କର୍ମରେ କମିଶନରଙ୍କ ଜଣେ କିରାଣୀ ମକବୁଲ ମିଆଁ ନିଯୁକ୍ତ ହୋଇଅଛନ୍ତି। ଉତ୍ତମ।

ଏ ସପ୍ତାହରେ ଶୀତ ପୁନର୍ବାର ପ୍ରବଳ ହୋଇଅଛି।

ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ବାବୁ ଶ୍ୟାମସୁନ୍ଦର ଦାସ ଯାଜପୁର ସ୍କୁଲର ଛାତ୍ରମାନଙ୍କ ଉତ୍ସାହ ନିମିତ୍ତ ଗୋଟିଏ ସ୍ୱର୍ଣ୍ଣଅଙ୍ଗୁରୀୟ ଏବଂ ନଗଦ ଟ ୧୩୯ଙ୍କା ପାରିତୋଷିକ ଦେବାକୁ ଅଙ୍ଗୀକାର କରିଅଛନ୍ତି।

ସୁକିନ୍ଦା ରାଜା ନିଃସନ୍ତାନ ଅକାଳ ମୃତ୍ୟୁ ମୁଖରେ ପତିତ ହୋଇ ଥିବାରୁ ତାଙ୍କ ରାଜ୍ୟ ଜଜ ସାହେବଙ୍କ ଆଜ୍ଞାକ୍ରମେ କୋର୍ଟ ହୋଇଥିବାର ପାଠକମାନେ ଅବଗତ

Digitized by srujanika@gmail.com

